ନନ୍ଦିକା କେଶରୀ



ମନୋରଞ୍ଜନ ଦାସ

ପ୍ରଥମ ଅଭିନୟ ପରେ

ଗଞ୍ଜ, ଗାଡ଼ାଣ ଓ ଅନ୍ୟାନ୍ୟ ଲୋକ ଚରିତ୍ର ଯାଙ୍କୁ 'ଦେଶୀୟା ନାଟ'ର ଢାଞ୍ଚାରେ ରଚିତ ଏହି ନାଟକ ଯେ ଗତାନୁଗତିକତା ଠାରୁ ଭିନ୍ନ, ଏଥିରେ ଦ୍ୱିମତ ନାହିଁ । ଗାଥା, ସୁଆଙ୍ଗ ଗୀତି-ନାଟ୍ୟ, ଗୀତାଭିନୟ ପରିବେଷିତ ହୋଇଥିବା ଏହି ନାଟକରେ ଓଡ଼ିଶୀ, ଛାନ୍ଦ, ଚମ୍ପୂ ସଙ୍ଗୀତ ଯାଙ୍କୁ ତରଳତମାଳର ପ୍ରଚଳିତ ନାଟକକୁ ମୂଳରୁ ଶେଷ ପର୍ଯ୍ୟନ୍ତ ରସବନ୍ତ କରି ତୋଳୁଛି । ମୋଟ ଉପରେ ଓଡ଼ିଆ ନାଟ୍ୟଜଗତରେ ନାଟ୍ୟକାର ଶ୍ରୀ ଦାସଙ୍କର ଏହା ଅନ୍ୟ ଏକ ସଫଳ ସୃଷ୍ଟି ।

'ସମାଜ'

ନନ୍ଦକାର ଶେଷକୁ ଏକ ଅଭିନବ ରୂପ-ଦେଇ, ନାଟକର ଶେଷ ଅଂଶରେ ନନ୍ଦକାର ଆତ୍ମବଳି ଦେବା ଦୃଶ୍ୟକୁ ଶ୍ରୀ ଦାସ ଏତେ ଚମତ୍କାର ଓ ହୃଦୟସ୍ପର୍ଶୀ ଭାବରେ ଚିତ୍ରଣ କରିଛନ୍ତି ଯେ ତାହା ନ ଦେଖିଲେ ବିଶ୍ୱାସ କରି ହେବ ନାହିଁ । ନାଟକଟିର ଅଙ୍ଗେ ଅଙ୍ଗେ ଉତ୍କଳର ପ୍ରାଚୀନ କଳା ସଂସ୍କୃତି ସ୍ପଷ୍ଟ ପ୍ରତି-ଫଳିତ ହୋଇଛି ।

'ପ୍ରଜାତନ୍ତ୍ର' (ରୂପ-ରସ-ଛନ୍ଦ)

Digitized by srujanika@gmail.com

ନାଟ୍ୟକାରଙ୍କର ଅଭିନବ ପରିକଳ୍ପନା ଏବଂ ନୂତନତ୍ୱର ଚର୍ଚ୍ଚା (ଇଣ୍ଟରପ୍ରଟେସନ) ଫଳରେ ନାଟକଟି ଏକ ଉଚ୍ଚାଙ୍ଗ କଳାସୃଷ୍ଟିରେ ପରିଣତ ହୋଇ ପାରିଛି ।

* *

ଏକ ପୁରୁଣା କାହାଣୀ (ଅଥବା କିମ୍ବଦନ୍ତୀ) କୁ ନୂତନ ଦୃଷ୍ଟି ଭଙ୍ଗୀ ଓ ମନସ୍ତାତ୍ତ୍ୱିକ ବିଶ୍ଳେଷଣର ସ୍ତରରେ ଉତ୍ତୋଳିବା, ଏବଂ ପ୍ରାଚୀନ ଓ ନୂତନର ସଂଯୋଗକୁ ଏକ ଚିରନ୍ତନ ଭଙ୍ଗୀରେ ପ୍ରତିଷ୍ଠା କରିବାରେ ନାଟ୍ୟକାରଙ୍କର ଏ ପ୍ରୟାସ ବାସ୍ତବିକ ଏକ ଅପୂର୍ବଦକ୍ଷତା, ପ୍ରତିଭା ଓ ଅନନ୍ୟ କଳାସୃଷ୍ଟିର ପରିଚୟ ଦିଏ । ଏହାର ନାମ ପୁନର୍ନବା ।

'ସମ୍ବାଦ'

ନାଟ୍ୟକାର ଶ୍ରୀ ମନୋରଞ୍ଜନ ଦାସ ଆଧୁନିକ ସମାଜକୁ ଆଖିଆଗରେ ରଖି 'ଚଣ୍ଡକେଶରୀ'କୁ 'ନନ୍ଦିକା କେଶରୀ'ରେ ରୂପାନ୍ତରିତ କରିଛନ୍ତି ।

'ପ୍ରଗତିବାଦୀ'

Digitized by srujanika@gmail.com

ନନ୍ଦିକା କେଶରୀ

ମନୋରଂଜନ ଦାସ

ନାଲନ୍ଦା

ବିନୋଦ ବିହାରୀ - କଟକ - ୨

Digitized by srujanika@gmail.com

ନନ୍ଦିକା କେଶରୀ

ନାଟ୍ୟକାର :
ମନୋରଂଜନ ଦାସ

ପ୍ରକାଶକ :
ନାଲନ୍ଦା
ବିନୋଦବିହାରୀ, କଟକ-୭୫୩୦୦୨

ପ୍ରଥମ ସଂସ୍କରଣ—୧୯୮୫

ପ୍ରଚ୍ଛଦ : ଅସିତ ମୁଖାର୍ଜୀ

ମୁଦ୍ରଣ :
ଗୁରୁପ୍ରସନ୍ନ ପ୍ରେସ୍,
କଟକ-୭୫୩୦୦୧

ମୂଲ୍ୟ : **ପନ୍ଦର ଟଙ୍କା**

NANDIKA KESHARI

Play by :
Manoranjan Das

Publisher :
Nalanda
Binodbehari,
Cuttack-753 002

First Edition—1985

Cover Design :
Asit Mukharjee

Printed by :
Guruprasanna Press
Jholasahi, Cuttack-753001

Price : Rs. 15 Only

Digitized by srujanika@gmail.com

ଡକ୍‌ଟର ସୀତାକାନ୍ତ ମହାପାତ୍ର
ସୁହୃଦ୍‌ବରେଷୁ—

Digitized by srujanika@gmail.com

ନନ୍ଦିକା କେଶରୀ

Digitized by srujanika@gmail.com

ନନ୍ଦିକା କେଶରୀ

Digitized by srujanika@gmail.com

କେନ୍ଦ୍ର ସାହିତ୍ୟ ଏକାଡେମୀ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ନାଟ୍ୟକାରଙ୍କର ଅନ୍ୟାନ୍ୟ ନାଟକ···

ଅରଣ୍ୟ ଫସଲ
ଶ୍ରେଷ୍ଠ ନାଟକ
ବକ୍ସି ଜଗବନ୍ଧୁ
କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ
ଅଗଷ୍ଟ ନ'
ନାଗ୍ନି
ଯୌବନ
ଜନ୍ମମାଟି
ମହାସମୁଦ୍ର
ସାଗର ମନ୍ଥନ
ଆଗାମୀ
ଅବବୋଧ
ବନହଂସୀ
ଅମୃତସ୍ୟ ପୁତ୍ରଃ
ଊର୍ମି
ଅବବାହିକାର ସ୍ୱପ୍ନ
ଶବ୍ଦଲିପି
କ୍ଲାନ୍ତ ପ୍ରଜାପତି
ନାଟ୍ୟ ଗୁଚ୍ଛ
ବିତର୍କିତ ଅପରାହ୍ନ
ଭଦ୍ରଲୋକ (ଅନୁବାଦ)
ନବାନ୍ନ (ଅନୁବାଦ)
ମନୋରଂଜନ ଗ୍ରନ୍ଥାବଳୀ (ପ୍ରଥମ ଭାଗ)

ଅନ୍ୟ ଭାଷାରେ ଅନୁଦିତ···

ଇଂରାଜୀ :

The wild Harvest
The wooden Horse

ହିନ୍ଦୀ :

ଅରଣ୍ୟ ଫସଲ
ଉଲଝି ଦୋପହର (ବିତର୍କିତ ଅପରାହ୍ନ)
ଶବ୍ଦଲିପି
କାଠକା ଘୋଡ଼ା
ଏକ ଅନୁପମ ଯାତ୍ରାପର
—(କ୍ଲାନ୍ତ ପ୍ରଜାପତି)
ବନହଂସୀ

ବଙ୍ଗଳା :

ଅରଣ୍ୟ ଫସଲ
କାଠେର ଘୋଡ଼ା
ଶବ୍ଦଲିପି
ବନହଂସୀ

ପ୍ରକାଶ ଅପେକ୍ଷାରେ—ସୀମାର ଆରପାରି, ମହୋଦଧି, ମନେ ପଡ଼େ ।

Digitized by srujanika@gmail.com

ମଞ୍ଚ ସୂଚନା

['ନନ୍ଦିକା କେଶରୀ' ନାଟକରେ ଆଧୁନିକ ନାଟକ ଓ ଲୋକ ନାଟକର ସମନ୍ୱୟ ଆଣିବାର ଉଦ୍ୟମ କରାଯାଇଛି । ସେହି ଦୃଷ୍ଟିରୁ ଏହାର ମଞ୍ଚ ଉପସ୍ଥାପନା ବା Production ସମ୍ପର୍କରେ କିଛି ସୂଚନା ଦେବା ଆବଶ୍ୟକ । ନାଟକର ଗଠନ ଶୈଳୀ ଏପରି ଭାବେ ରଖାଯାଇଛି ଯେ ତା ଯେ-କୌଣସି ପ୍ରକାର ମଞ୍ଚରେ··(ଆଧୁନିକ ରଙ୍ଗ-ମଞ୍ଚ ହେଉ ଅବା ଲୋକ ନାଟକ ପାଇଁ ମୁକ୍ତାକାଶ ତଳେ ପ୍ରସ୍ତୁତ ହେଉଥିବା ମଞ୍ଚ ହେଉ) ସ୍ୱଚ୍ଛନ୍ଦରେ ଅଭିନୀତ ହୋଇ ପାରିବ । ଆଧୁନିକ ପ୍ରୋସିନିୟମ ମଞ୍ଚରେ ଷ୍ଟେଜ କରିବାକୁ ଗଲା ବେଳେ ଯଦି କେଉଁଠି ସ୍କ୍ରିନ ନ ଦେଇ ବକ୍ସ ସେଟ୍ ବ୍ୟବହାର କରିବାର ସୁବିଧା ଥାଏ (ଯେପରି ଘୂର୍ଣ୍ଣାୟମାନ ମଞ୍ଚରେ ଏ ସୁବିଧା ମିଳେ) ତା ହେଲେ ଏ ନାଟକ ପାଇଁ ଏକାଧିକ ସେଟ୍‌ର ସୁବିଧା ନେବାରେ କୌଣସି ବାଧା ନାହିଁ । ଅନ୍ୟ ପକ୍ଷରେ ଯଦି ଏ ସୁବିଧା ନ ଥାଏ ତା ହେଲେ ଲୋକ ନାଟକ ଶୈଳୀରେ ବିନା ସେଟ୍‌ରେ କିଂବା ସୂଚନାତ୍ମକ (Suggestive) ଭାବେ ମଞ୍ଚ ସଜାଇ ଗୋଟିଏ ସେଟ୍‌ରେ ଏହାକୁ ମଞ୍ଚସ୍ଥ କରାଯାଇ ପାରେ ।

Digitized by srujanika@gmail.com

ଉଦାହରଣ ସ୍ୱରୂପ ଏହା ଯେତେବେଳେ ଶ୍ରୀ ଅନନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶନାରେ, ରବୀନ୍ଦ୍ର ମଣ୍ଡପ ଠାରେ ଭୁବନେଶ୍ୱରର 'ଅଭିନୟ' ନାଟ୍ୟ ସଂସ୍ଥା ଦ୍ୱାରା ଅଭିନୀତ ହୋଇ ଥିଲା, ସେତେ ବେଳେ ମଞ୍ଚର ଉପର ଅଂଶ (**up stage**)ରେ ଅର୍ଦ୍ଧବୃତ୍ତର ତିନି-ଥାକ ବିଶିଷ୍ଟ ପ୍ଲାଟଫର୍ମ ରଖାଯାଇଥିଲା । ସେଇ ପ୍ଲାଟଫର୍ମର ବିଭିନ୍ନ ଥାକ—କମ୍ବା ପ୍ଲାଟଫର୍ମ ସମ୍ମୁଖକୁ ଅର୍ଥାତ୍ **down stage** ର ସମତଳ ଅଂଶଟିକୁ ଚରିତ୍ରମାନେ ···କଂପୋଜିସନର ଆବଶ୍ୟକତା ଦୃଷ୍ଟିରୁ ବ୍ୟବହାର କରୁଥିଲେ ।

ଅନ୍ୟ ପକ୍ଷରେ ନାଟକ ପାଇଁ ପ୍ରୋସିନିୟମ ମଞ୍ଚ ବ୍ୟବହାର ନ କରି ଯଦି ତାହାକୁ ମୁକ୍ତାକାଶ ତଳେ ଅଭିନୟ କରାଯାଏ··· ଅର୍ଥାତ୍ ଯାତ୍ରା ବା ଅନ୍ୟ ଲୋକନାଟକ ପଦ୍ଧତିରେ ମୁକ୍ତାକାଶତଳେ ମଞ୍ଚ ପ୍ରସ୍ତୁତ କରାଯାଏ ଏବଂ ତା ଚତୁଃପାଖରେ ଦର୍ଶକ ବସିବାର ସୁବିଧା ରଖାଯାଏ—ତା ହେଲେ ମଧ୍ୟ ସେପରି ଅଭିନୟ ପାଇଁ କୌଣସି ଅସୁବିଧା ଦେଖା ଦେବ ନାହିଁ ।

ଯେଉଁ ଲକ୍ଷ୍ୟ ରଖି ନାଟକଟି ରଚିତ ହୋଇଛି ତା ହେଲା···**"to help on the one hand the traditional/folk theatre forms grow through a process of cross-fertilisation**

with modern sensibilities in the theatre and on other to help the contemporary theatre assimilate the rich heritage of the past."

ଏଇ ଲକ୍ଷ୍ୟ ଆଖିରେ ରଖି 'ନନ୍ଦିକା-କେଶରୀ'ର ଗଠନ ଶୈଳୀ ଭିତରେ ଆଧୁନିକ ନାଟକ ଓ ଲୋକ ନାଟକର ସମନ୍ୱୟ ଆଣି-ବାର ଚେଷ୍ଟା କରା ଯାଇଛି । ଏହି ମୂଳ-ଲକ୍ଷ୍ୟରେ କୁଠାରାଘାତ ନକରି, ନିର୍ଦ୍ଦେଶକ ନିଜର କଳ୍ପନା ଓ ସୃଜନ ଶକ୍ତି ପ୍ରୟୋଗ କରି ଯେ କୌଣସି ପଦ୍ଧତିରେ ନାଟକର ମଞ୍ଚ ଉପସ୍ଥାପନା କରିବାରେ କୌଣସି ବାଧା ନାହିଁ ।

ନାଟକରେ ଚରିତ୍ରମାନଙ୍କ ମୁଭମେଣ୍ଟ ବା ଆଲୋକ ସମ୍ପାତ ସମ୍ପର୍କରେ କେତେକ ସୂଚନା ଦିଆଯାଇଛି । କିନ୍ତୁ ଏହି ସୂଚନା ଗୁଡ଼ିକୁ ନାଟକ ପାଇଁ ଏକ 'ଷ୍ଟ୍ରେଟ୍ ଜ୍ୟାକେଟ୍' ରୂପେ ବ୍ୟବହାର କରିବାର ଆବଶ୍ୟକତା ନାହିଁ···ଏ ଗୁଡ଼ିକ କେବଳ ସୂଚନା ମାତ୍ର···ଏବଂ ଏ କ୍ଷେତ୍ରରେ ମଧ୍ୟ କୌଣସି ନିର୍ଦ୍ଦେଶକ ନିଜର ସୃଜନଶୀଳ କଳ୍ପନା ବ୍ୟବହାର କରି ପାରନ୍ତି ।

ଚରିତ୍ରର ମଞ୍ଚ ଗତି (Stage movement) ପାଇଁ ଏଇ ଏକା କଥା ପ୍ରଯୁଜ୍ୟ । କେଉଁ ନିର୍ଦ୍ଦେଶକ ଇଚ୍ଛା କଲେ ବିଭିନ୍ନ ଦୃଶ୍ୟ ସମୟରେ···ନାଟକର ସମସ୍ତ

Digitized by srujanika@gmail.com

ଚରିତ୍ରଙ୍କୁ ରଙ୍ଗମଞ୍ଚରେ ନରଖି କେବଳ ସେଇ ଦୃଶ୍ୟରେ ଥିବା ଚରିତ୍ରମାନଙ୍କୁ ରଙ୍ଗମଞ୍ଚରେ ରଖିବେ ଓ ଅନ୍ୟମାନଙ୍କୁ ମଞ୍ଚରୁ ବାହାର କରାଇ ନେବେ । କେହି ଇଚ୍ଛା କଲେ ମଧ୍ୟ ଅନ୍ୟାନ୍ୟ ଚରିତ୍ରମାନଙ୍କୁ ମଞ୍ଚରେ ରଖି, ଯେଉଁ ଦୃଶ୍ୟରେ ମୁଖ୍ୟ ଚରିତ୍ରମାନ ନଥିବେ କେବଳ ସେଇ ଦୃଶ୍ୟରେ ସେମାନଙ୍କୁ ମଞ୍ଚରୁ କାଢ଼ି ନେଇ ପାରିବେ—କିମ୍ବା ସବୁ ସମୟରେ ନାଟକର ସଂଯୋଗକାରୀ ଚରିତ୍ର ଯଥା··· ସୂତ୍ରଧାର, ସନ୍ଧି, ଗାୟକ ପ୍ରଭୃତି ମଞ୍ଚରେ ରହିଥିବେ । ଅନ୍ୟ ଚରିତ୍ରମାନେ ଆବଶ୍ୟକତା ଅନୁସାରେ ମଞ୍ଚକୁ ଆସୁଥିବେ ଓ ମଞ୍ଚରୁ ଯାଉଥିବେ ।

ସବୁ ଚରିତ୍ର ପାଇଁ ଶିଳ୍ପୀ ମିଳି ପାରିଲେ ଭଲ କଥା କିନ୍ତୁ ତା ଯଦି ସମ୍ଭବ ନହୁଏ ତେବେ ଜଣେ ଶିଳ୍ପୀ ଏକାଧିକ ଗୌଣ ଭୂମିକାରେ ମଧ୍ୟ ଅଭିନୟ କରି ପାରନ୍ତି । ଲୋକ ନାଟକ ଶୈଳୀର ଉପସ୍ଥାପନାରେ ଏହା ଚଳନୀୟ ବୋଲି ଅନେକ ମନେ କରନ୍ତି । ମୋଟ ଉପରେ ପ୍ରବେଶ ଓ ପ୍ରସ୍ଥାନ ସଂପର୍କରେ କେତେକ ସୂଚନା ଦିଆଯାଇଥିଲେ ମଧ୍ୟ କେଉଁ ସ୍ଥିତିରେ, କେଉଁ ପ୍ରକାର ମଞ୍ଚରେ ନାଟକ ପ୍ରଯୋଜିତ ହେବ ତା ଉପରେ ନିର୍ଭର କରି 'ପ୍ରବେଶ' ଓ 'ପ୍ରସ୍ଥାନ' ସୂଚନାକୁ ପରିବର୍ତ୍ତନ କରାଯାଇ ପାରେ । 'ସନ୍ଧି', 'ସୂତ୍ରଧାର' ପ୍ରଭୃତି ସଂଯୋଗକାରୀ ଚରିତ୍ରମାନଙ୍କ ପ୍ରବେଶ ପ୍ରସ୍ଥାନ ନାଟକରେ

Digitized by srujanika@gmail.com

ନିର୍ମ୍ମିତ ହୋଇ ନାହିଁ । ନିର୍ଦ୍ଦେଶନାକୁ ଖାପ ଖୁଆଇ ଏହାର ବ୍ୟବସ୍ଥା କରାଯାଇ ପାରେ ।

ଆଲୋକ ବ୍ୟବହାରର କଥା ମଧ୍ୟ ଠିକ୍ ଏଇଆ । ନାଟକ ପାଇଁ ସାଇକ୍ଲୋରାମା, ସ୍ପଟ୍, ଡ଼ିମର ପ୍ରଭୃତି ଆଧୁନିକ ମଞ୍ଚାଲୋକ ବ୍ୟବହାର କରାଯାଇ, ଆଲୋକର ମଞ୍ଚମାୟା ସୃଷ୍ଟି କରାଯାଇ ପାରେ । ଅନ୍ୟ ପକ୍ଷରେ ଯଦି ସମ୍ଭବ ନ ହୁଏ ତେବେ କେବଳ ଫ୍ଲଡ଼୍ ଲାଇଟରେ ମଞ୍ଚ ଆଲୋକିତ କରି ନାଟକ ମଧ୍ୟ ମଞ୍ଚସ୍ଥ କରାଯାଇ ପାରେ ।

ମ୍ୟୁଜିକ୍ ଅନ୍ତରାଳରୁ ଦିଆ ଯାଇ ପାରେ କିମ୍ବା ମ୍ୟୁଜିକ୍ ହାଣ୍ଡସବୁ ମଞ୍ଚର ଗୋଟିଏ ଅଂଶ (ଅଭିନେତାର ଡାହାଣ ପାଖ ଲୋଅର ଷ୍ଟେଜ)ରେ ବସି ପାରନ୍ତି । ଅଭିନୟ ଯଦି ମୁକ୍ତାକାଶ ମଞ୍ଚରେ ହେଉଥାଏ, ତା ହେଲେ ସୁବିଧା ଅନୁସାରେ ସେମାନଙ୍କୁ ମଞ୍ଚ ଉପରେ ବା ତଳେ ସ୍ଥାନ ଦିଆ ଯାଇ ପାରେ ।

ଗାୟକ ବୋଲୁଥିବା ଗୀତ ଗୁଡ଼ିକ ଏକ ଗାୟକ ବା ଏକାଧିକ ଗାୟକଙ୍କ ଦ୍ୱାରା ମଞ୍ଚରେ ମୁଭମେଣ୍ଟ/ଅଭିନୟ କରି ବୋଲା ଯାଇ ପାରେ କିମ୍ବା ସେମାନେ ମ୍ୟୁଜିକ୍ ହାଣ୍ଡଙ୍କ ନିକଟରେ ବସି ତାହା ବୋଲି ପାରନ୍ତି । ନାଟକର ଚରିତ୍ର ଗୁଡ଼ିକ ମୁହଁରେ ଗୀତ ରଖାଯାଇଛି । ଗୀତ ଗୁଡ଼ିକ ସଂଳାପ ରୂପେ ବ୍ୟବହୃତ ହୋଇଥିବାରୁ ଚରିତ୍ରମାନେ

Digitized by srujanika@gmail.com

ତାହା ନିଜେ ବୋଲିବା ଭଲ ହେବ । ଚରିତ୍ର ଗୁଡ଼ିକ ସଙ୍ଗେ, ଲୋକ ନାଟ୍ୟ ରୀତି ଅନୁକରଣରେ ଆବଶ୍ୟକ ସ୍ଥଳେ, ଗାୟକ/ଗାୟିକାମାନେ ମିଶିକରି ଗୀତ ବୋଲିବାରେ ବାଧା ନାହିଁ ।

ଏହି ନାଟକ ପାଇଁ ଲୋକ ନାଟକ ଶୈଳୀ ବ୍ୟବହାର କରାଯାଇଥିବାରୁ ଏଥିରେ ବିଭିନ୍ନ ଦୃଶ୍ୟମାନ ଥିଲେ ମଧ୍ୟ, ଆଧୁନିକ ନାଟକପରି ପୁସ୍ତକରେ ଅଙ୍କ ବା ଦୃଶ୍ୟ (ଯଥା- ପ୍ରଥମ ଅଙ୍କ…ପ୍ରଥମ ଦୃଶ୍ୟ…ଇତ୍ୟାଦି) ନିର୍ଣ୍ଣୀତ କରାଯାଇ ନାହିଁ । ନାଟକର ପ୍ରଥମ ଅଂଶଟି ତାହାର ପ୍ରସ୍ତାବନା ଓ ଶେଷ ଅଂଶଟି ତାହାର ଉପସଂହାର । ଏହି ପ୍ରସ୍ତାବନା ଓ ଉପସଂହାର ନାଟକର ଅବିଭାଜ୍ୟ ଅଂଶ । ନାଟକର ଅଭିନୟ କୌଣସି ପ୍ରକାର ଖଣ୍ଡିତ ହେବା ଉଚିତ ନୁହେଁ…ମଝିରେ ସିନ୍ ବା ଡ୍ରପ ପକାଇବା ଉଚିତ ନୁହେଁ ଅର୍ଥାତ୍ ନିରବଚ୍ଛିନ୍ନ ଭାବେ ଏହାର ଅଭିନୟ ହେବା ଆବଶ୍ୟକ ।

ଅଧିକାଂଶ ଗୀତ ଗୁଡ଼ିକ ପାଇଁ ତାର ରାଗ ଓ ତାଳ ପ୍ରଭୃତି ଉଲ୍ଲେଖ କରାଯାଇଛି । ଯଥା ସମ୍ଭବ ଏ ଗୁଡ଼ିକୁ ରକ୍ଷା କରାଯାଇ ପାରିଲେ ଭଲ ହେବ । କିନ୍ତୁ କୌଣସି ସଙ୍ଗୀତ ନିର୍ଦ୍ଦେଶକ ଯଦି ଏହାର ପରିବର୍ତ୍ତନ କରିବାକୁ ଚାହାନ୍ତି ତାହା ସେ ଓଡ଼ିଶୀ ରାଗ-

Digitized by srujanika@gmail.com

ରାଗିଣୀ ବା ଓଡ଼ିଶାର ନିଜସ୍ୱ ପଲ୍ଲୀ ସ୍ୱର ଗୁଡ଼ିକର ସୀମା ସରହଦ ମଧ୍ୟରେ କରିବା ବାଂଛନୀୟ । ଏଥିପାଇଁ କୌଣସି ପାଶ୍ଚାତ୍ୟ ସଂଗୀତର ସ୍ୱର ବା ଫିଲ୍ମ ସଂଗୀତର ଚଳନ୍ତି ସ୍ୱର ବ୍ୟବହାର କରିବା ଅନୁଚିତ ।

●

Digitized by srujanika@gmail.com

ନନ୍ଦିକା କେଶରୀ

ଚରିତ୍ର :

ନନ୍ଦିକା
ରାଣୀ

ଗୈଡ଼ଗଙ୍ଗ
ସୁବର୍ଣ୍ଣ କେଶରୀ
ବାସୁଦେବ
ପଞ୍ଝୁଆ
କାଳିଆ
ରାଜ ପୁରୋହିତ
ବୟସ୍ୟ
ଚମୂପତି
ମହାଦଣ୍ଡପାଶ
ସୂତ୍ରଧାର
ସଙ୍ଗ
ଗାୟକ
ଗଣେଶ
ଏବଂ
ପାଇକ, ପ୍ରହରୀ, କଣ୍ଟୁଆଳ ପ୍ରଭୃତି ।

ସେଟ୍ :

ମୁକ୍ତ ରଂଗମଞ୍ଚ କିଂବା ପ୍ରୋସିନିୟମ୍ ଷ୍ଟେଜ ପ୍ରଭୃତି ଯେକୌଣସି ମଞ୍ଚରେ ଏହି ନାଟକର ଅଭିନୟ କରାଯାଇ ପାରିବ ।

Digitized by srujanika@gmail.com

ଆରମ୍ଭ

[ବାଦ୍ୟଧ୍ୱନି ହେଉଥିବା ବେଳେ ନାଟକର ସମସ୍ତ ଚରିତ୍ର ରଙ୍ଗମଞ୍ଚକୁ ପଶିଆସିବେ । ଚରିତ୍ର ଗୁଡ଼ିକର ମଝିରେ ଥିବେ ଗଣେଶ । ଗଣେଶ ହାତୀ ମୁଣ୍ଡର ମୁଖା ପିନ୍ଧିଥିବେ ଏବଂ କଥା କହିଲା ବେଳେ ତାଙ୍କ ମୁଖାକୁ ମୁଣ୍ଡ ଉପରକୁ ଉଠାଇ ନେବେ ଏବଂ କଥା କହି ସାରିବା ପରେ ମୁଖାକୁ ପୁଣି ମୁହଁରେ ଲଗାଇବେ । ସମଗ୍ର ନାଟକରେ ଆବଶ୍ୟକ ସ୍ଥଳେ କେଉଁଠି ଏକ କଣ୍ଠରେ କେଉଁଠି ବେନି କଣ୍ଠରେ ବା କେଉଁଠି ମିଳିତ କଣ୍ଠରେ ଗୀତ ବୋଲାଯିବ । ଚରିତ୍ରମାନଙ୍କ ମଧ୍ୟରେ ଥିବେ ସୂତ୍ରଧାର । ସୂତ୍ରଧାରଙ୍କ ଭୂମିକା ଆଧୁନିକ ନାଟକର ରଚୟିତା ଓ

Digitized by srujanika@gmail.com

ନର୍ଦ୍ଦେଶକର ଭୂମିକା ଏବଂ
ଦେଶୀୟ ନାଟର ସନ୍ଧର ଭୂମିକା
ସହିତ ସମାନ । ବାଦ୍ୟଧ୍ୱନି ମଧ୍ୟରେ
ମଞ୍ଚ ପଟାକ୍ଷେପରେ ଗଣେଶ ବନ୍ଦନା
କରଯିବ । ଗାୟକ (ଗାଆଣ ବା
ଗାହାକ) ମାନେ ଏଥିରେ ମୁଖ୍ୟ
ଅଂଶ ଗ୍ରହଣ କରିବେ ।]

ଗାୟକ ଓ ଅନ୍ୟ ଚରିତ୍ର }
ଗଣନାଥ ଗଣାଧିପ
ଗୌରୀ-ନନ୍ଦନ ହେ
ଏକଦନ୍ତ ଲମ୍ବୋଦର
ବିଘ୍ନ ନାଶନ ହେ ॥ ପଦ ॥

ପୁଣ୍ୟକ ବ୍ରତରୁ ଜାତ
ଶନିକୋପେ ଭସ୍ମିଭୂତ
ଶିର ସ୍ଥାନେ ଶୋଭାପାଏ
ଗଜ ବଦନ ହେ ॥ ୧ ॥

ମୂଷିକ ବାହନ ପରେ
ରକ୍ତ ଛତା ଶୋହେ ଶିରେ
ତୋ ଦର୍ଶନେ ହୁଏ ସର୍ବ
ବିଘ୍ନ ଖଣ୍ଡନ ହେ ॥ ୨ ॥

ବସ୍ତୁ ଅଭିଳାଷେ ତୋର
ପୂଜାହୁଏ ଅଗ୍ର ସାର
ହୃଦୟ ବେଦୀରେ କରୁ
ତୋ ଆବାହନ ହେ ॥ ୩ ॥

ଗଣେଶ : ହେ ସୂତ୍ରଧାର !
କି କାରଣେ ତୁମ୍ଭେ ଆମ୍ଭର ଆବାହନ କଲ ?

Digitized by srujanika@gmail.com

ସୂତ୍ରଧାର : ପ୍ରଭୁ !
ଆବାହନର କାରଣ ଏତିକି ଯେ,
ଆମ୍ଭେ ଗୋଟିଏ ନାଟକ ଉପସ୍ଥାପନ କରିବାକୁ
ମନସ୍ଥ କରିଅଛୁ ।

ଗଣେଶ : କି ନାଟକ ତାହା ?

ସୂତ୍ରଧାର : ନାଟକର ନାମ ହେଲା—"ନନ୍ଦିକା କେଶରୀ"

ଗଣେଶ : କେଉଁ ନନ୍ଦିକା କଥା କହୁଅଛ ?

ସୂତ୍ରଧାର : ନନ୍ଦିକା…ପ୍ରଭୁ…ନନ୍ଦିକା…ରାଜାର ଦୁଲାଳୀ
ନନ୍ଦିକା…ସାମନ୍ତର କନ୍ୟା ନନ୍ଦିକା…
ଚଷାର ଝିଅ ନନ୍ଦିକା…ନନ୍ଦିକା'ବି ହୋଇ-
ପାରେ ଜଣାଶୁଣା ଯେ କୌଣସି ଝିଅର ନାଁ ।
ଅତୀତର, ବର୍ତ୍ତମାନର, ଭବିଷ୍ୟତର
ଯେ କୌଣସି ନାଁ ପରି ନାଁ ଟିଏ… । ନାଁ,
କେବଳ ନାଁ…ନନ୍ଦିକା । ପ୍ରଭୁ, ଏ' ନନ୍ଦିକା
କିନ୍ତୁ ଯେ କୌଣସି ନନ୍ଦିକାର ନାଁ ନୁହେଁ ।
ଏ ନନ୍ଦିକା ରାଜତନୟା ନନ୍ଦିକା… । ରାଜା
ସୁବର୍ଣ୍ଣ କେଶରୀଙ୍କର ଦୁହିତା ନନ୍ଦିକା ।
ନନ୍ଦିକା କେଶରୀ ଏହି ନାଟକର ନାୟିକା ।
କିମ୍ବଦନ୍ତୀର ଖୋଳ ଭାଙ୍ଗି ଶହ ଶହ ବର୍ଷର
ଘଟଣାକୁ ଅର୍ଥାତ୍ ଦ୍ୱାଦଶ ଶତକର ଏକ
ମର୍ମସ୍ପର୍ଶୀ ଘଟଣାକୁ ଏ ନାଟକରେ ଗ୍ରନ୍ଥନ୍ୟାସ
ଦେବାପାଇଁ ଚେଷ୍ଟା କରିଅଛୁ ପ୍ରଭୁ । ଦର୍ଶକ-
ମାନେ ଉପସ୍ଥିତ ହୋଇ ନିଜ ନିଜର ଆସନ
ଗ୍ରହଣ କରି ସାରିଲେଣି । ହେ ଦେବାଧିଦେବ
ବିନାୟକ ! ପ୍ରଭୁଙ୍କର ଆଦେଶ ହେଲେ
ଆମ୍ଭେ ନାଟକର ଅଭିନୟ ଆରମ୍ଭ କରିବୁ ।

Digitized by srujanika@gmail.com

ଗଣେଶ : ନଟନଟୀ ଗଣଙ୍କୁ ରଂଗମଂଚରେ ଉପସ୍ଥିତ କରାଅ । ସେମାନଙ୍କର ଦୈହିକ ଓ ମାନସିକ ପରିଚୟ ପ୍ରଦାନ କରି ଅଭିନୟ ଆରମ୍ଭ କର ବତ୍ସ ।

ସୂତ୍ରଧାର : ପ୍ରଭୁଙ୍କର ଆଜ୍ଞା ପାଇଁ ଯୋଡ଼ ହସ୍ତରେ ପ୍ରଣାମ କରୁଛି ପ୍ରଭୁ । ନିବେଦନ କରୁଛି—ନାଟକର ନୃତ୍ୟ, ସଂଗୀତ, ସଂଳାପ, ଅଭିନୟ ଏବଂ ଅନ୍ୟ ସମସ୍ତ ଆଙ୍ଗିକ ନିର୍ବିଘ୍ନରେ ସମାପିତ ହେଉ । ରକ୍ତ ଚନ୍ଦନ, ରକ୍ତ ପୁଷ୍ପଧାରୀ ହେରମ୍ବଙ୍କର ଆଶୀର୍ବାଦ ମିଳୁ ।

ଗଣେଶ : ତୁମ୍ଭର ପ୍ରାର୍ଥନା ପୂରଣ କଲୁ ବତ୍ସ । ଆମ୍ଭର ଆଶୀର୍ବାଦ ବଚନ···କଲ୍ୟାଣ···କଲ୍ୟାଣ ···କଲ୍ୟାଣ ।

ସୂତ୍ରଧାର : ଏଥର ଆପଣ କୈଳାସକୁ ବିଜେ ହୁଅନ୍ତୁ ପ୍ରଭୁ···

ଗଣେଶ : କୈଳାସକୁ ନୁହେଁ । ଦର୍ଶକମାନଙ୍କ ମଧ୍ୟରେ ଅଦୃଶ୍ୟରେ ଉପସ୍ଥିତ ରହି ଆମ୍ଭେ ମଧ୍ୟ ତୁମ୍ଭର "ନନ୍ଦକା କେଶରୀ" ନାଟକ ଦର୍ଶନ କରିବୁ ।

ସୂତ୍ରଧାର : ଯଥା ଅଭିଳାଷ ପ୍ରଭୁ ।

[ମୂଷିକ ମହାଳ ସମସ୍ତେ ଗଣେଶଙ୍କୁ ରଙ୍ଗମଞ୍ଚରୁ ନେଇଗଲେ । ମଞ୍ଚରେ ରହିଗଲେ କେବଳ ସନ୍ଧି ।]

ସନ୍ଧି : ଏଥିଅନ୍ତେ ନଟନଟୀମାନେ ରଙ୍ଗମଞ୍ଚକୁ ଆସିଲେ···ସେମାନଙ୍କ ମଧ୍ୟରେ ସର୍ବାଗ୍ରେ ରାଜକନ୍ୟା ନନ୍ଦକା ରହିଥିଲେ···ସେ

Digitized by srujanika@gmail.com

ସମୟରେ ଗାୟକମାନେ ଏହିପରି କାଳ
ବର୍ଣ୍ଣନା କଲେ···

[ଗୀତ ସମୟରେ ମଞ୍ଚକୁ ଚୋର ଗୁଡ଼ିକ ପଶି ଆସିବେ । ଏଥର ସେମାନଙ୍କ ଶରୀରକୁ ଆବୃତ କରିଥିବା ଉତ୍ତରୀୟ ନଥିବ । ଆଗରେ ଥିବେ ନନ୍ଦିକା । ତାଙ୍କ ପଛରେ ଥିବେ ଅନ୍ୟ ଚୋର ମାନେ । ସେମାନେ ମଞ୍ଚରେ ନିଜ ନିଜ ସ୍ଥାନକୁ ଚାଲିଯିବେ ।]

ଗାୟକ : ଚୂରୁପାଦ ଚୂଳ ଶୋଭାଙ୍ଗି ରାଜବାଳୀ
ଯୌବନା ବୋଝନେଇ ସଭାକୁ ଆସଇରେ···
॥ପଦ॥

ସରୋଜ ମୁଖ ଶଶୀ କାଳିମା ପରକାଶି
ରାହୁକ ଅକାଳରେ ଗ୍ରାସଇରେ···
ନୟନ ଶୋଭାପାଏ ତା'ଦୁଇକାନ ଯାଏ
ଅଧାଖୋଲି ସେ ଅଧା ବୁଜଇରେ··· ॥୧॥

ଭବିଷ୍ୟ_ତା' ଅନ୍ଧାର ପାରେନା କରି ସ୍ଥିର
ବିକଳେ ପ୍ରାଣ ତାର କାନ୍ଦଇରେ··
ଜାଣେନା କେଉଁପରି ତାକୁଇ କେନ୍ଦ୍ର କରି
ଯେତେ ଯା'ଭ୍ରମ ଅଛି ଦେବ ସେ ଭସାଇରେ··
॥୨॥

ଏତିକି ଜାଣିଛି ସେ ତାକୁଇ ଅବଶେଷେ
ଦେବାକୁ ହେବ ଭାଗ୍ୟ ସ୍ରୋତରେ ମିଶାଇରେ···
ନଈର ମଝିସୁଏ ଯିବ ସେ ଭାସି ଛୁଏଁ
ଦୁ'କୂଳ ରହିଯିବ ତା'ପାଇଁ ଦୂରେଇରେ··॥୩॥

Digitized by srujanika@gmail.com

କେଶରୀ କୁଳବୃଦ୍ଧ ତା'ଲକ୍ଷ୍ୟ ମୂଲ୍ୟବୋଧ
ଆଦର୍ଶ ନେବେ ନାହିଁ ବଧାଇରେ···
ତେଣେବ ଗଙ୍ଗପତି ଜ କୃଷ୍ଟି ତାର ମାତ୍ର
ଅଯଥା ନେବେ ତାଙ୍କୁ ଫେରାଇରେ··· ॥୩॥

ସୂତ୍ରଧାର : ଯଥାର୍ଥ । ନୁହେଁ କେଶରୀ କୁଳ, ନୁହେଁ ଗଙ୍ଗକୁଳ କେହି ନନ୍ଦକାଙ୍କର ଜୀବନର ମୂଲ୍ୟବୋଧକୁ ଗୁରୁତ୍ୱ ଦେବେନ । ସ୍ୱୀକାର କରିବେନ । ବାସ୍ତବିକ୍, ଏଇତ ନନ୍ଦକାଙ୍କର ମର୍ମବେଦନା ! ଏଇ ଯନ୍ତ୍ରଣା ଭିତରେ ନନ୍ଦକା ଭାବୁଛନ୍ତି, ଯେଉଁଠି ସତ୍ୟ ଆଉ ମାନବିକତା ଅର୍ଥହୀନ ସେଠି ଜୀବନର ଅନ୍ୟନାମ ମୃତ୍ୟୁ । ସେ ନିଶ୍ଚିତ ଭାବେ ମରିବାକୁ ଯାଉଛନ୍ତି । ନିରୁପାୟ ଯେ ମୃତ୍ୟୁ । ମୃତ୍ୟୁ ଯେଉଁଠି ନିରୁପାୟ, ଖ୍ୟାତି ବା କଳଙ୍କ ସେଠି ଅର୍ଥହୀନ । ହଁ·· ଯେତେବେଳେ ଜଣଙ୍କର ନନ୍ଦକା, ସେତେବେଳେ ଗୋଟିଏ ମାତ୍ର, ମାତ୍ର ଗୋଟିଏ କାମ ତାର କରିବାକୁ ଥାଏ···ନାଟକର ଶେଷ ଯାକେ ନନ୍ଦକା ସେଇଆହିଁ କରିବେ ।

[ନନ୍ଦକା ବସିଗଲେ । ମଂଚର ଅନ୍ୟ ସ୍ଥାନରେ ଉଭାହେଲେ ସୁବର୍ଣ୍ଣ କେଶରୀ]

ଛନ୍ଦ : ସଭାଜନେ ଏବେ ଦେଖନ୍ତୁ ଏହାଙ୍କୁ···
ସୁବର୍ଣ୍ଣ କେଶରୀ ରାଜା ଉରନ୍ତି ଯାହାଙ୍କୁ
ବାଳବୃଦ୍ଧ ନରନାରୀ ରାଜ୍ୟ ଅଧିବାସୀ···
ଶତ୍ରୁନାଶ ପାଇଁ ଯା'ର କ୍ଳାନ୍ତ ନୁହେଁ ଅସୀ ।
ଏଥିଲେ ଯଯାତିକେଶରୀ, ନୃପକେଶରୀ
ଆଉ ମର୍କତ କେଶରୀଙ୍କର ବଂଶଧର···

Digitized by srujanika@gmail.com

କେଶରୀ ବଂଶର ଶେଷ ନୃପବର ।
ବୟସ ଭରରେ ଚମ ଝୁଲି ଆସିଲାଣି
ମାଂସପେଶୀ ସବୁ ତାଙ୍କ ଶିଥିଳ ହେଲାଣି
ମୁଣ୍ଡର କେଶ ସମସ୍ତ ଧବଳ ହେଲାଣି
ବେଳେ ବେଳେ କଣ୍ଠସ୍ୱର ଥର ଆସିଲାଣି ।
ତଥାପି ସେସବୁକୁ ରାଜା ଭ୍ରୂକ୍ଷେପ ନକରନ୍ତି···
ନିଜର ଶାସନ ଅଭିଜ୍ଞତା,
ରାଜନୈତିକ ବିଚକ୍ଷଣତା
ଆଉ ସାମରିକ ପାରଦର୍ଶିତା
ସେ ପ୍ରମାଣ କରିବାକୁ ଇଚ୍ଛନ୍ତି··· ।
ମୁଁ ଯଦି ଭବିଷ୍ୟତ ଦ୍ରଷ୍ଟା ହୋଇଥାନ୍ତି
ସେ ହୁଏତ ମୋତେ ପ୍ରଶ୍ନ କରନ୍ତେ ···

ଗାୟକ : କୁହ କେବେହେ, ଅର ଯିବହେ···
ପରଜୟ ଲଭି ଫେର ଯିବହେ, ଅର ଯିବହେ
କୁହ କେବେହେ, କୁହ କେବେହେ···
ରୁଦ୍ଧ ଗଡ଼ଦ୍ୱାର ଖୋଲି ଯିବହେ···?
ସେକି ଏବେ ହେ···?
କୁହ ଏବେ ହେ···?

ସୂତ୍ରଧାର : କିନ୍ତୁ ହାୟ···ସୁବର୍ଣ୍ଣକେଶରୀ ନବୋଧ ନୁହନ୍ତି
ଯେ ଏ ପ୍ରଶ୍ନ ପଚାରିବେ । ଏ ପ୍ରଶ୍ନ ପଚାରିବା
ଅପେକ୍ଷା ସେ ଯଦି ରୁଦ୍ର ବଡ଼ାନାସୀ କଟକର
ଚଣ୍ଡି ମନ୍ଦିରରେ କର ପାରନ୍ତି ଉପାସନା,
ସେଥିରେ ହୁଏତ ଫଳ ମିଳିପାରେ ।

ଯନ୍ତ୍ର : ଏମନ୍ତେ ବାଗୁର ରାଜା ସେଇ କଥା କରିଥିଲେ···
ଏ ଯାବତ୍ ଏକବିଂଶ ଦିନ
ଚଣ୍ଡି ମନ୍ଦିରରେ ବ୍ରତ ପାଳନ କରୁଥିଲେ ।
ଆଜି ତାର ଉଦ୍‌ଯାପନ ଦିବସ ।

Digitized by srujanika@gmail.com

ତେଣୁ ଦୁର୍ଗନଗରର ରାଜପଥରେ
ଏହି ପ୍ରକାର ଘୋଷଣା ପ୍ରଚାରିତ କରାଇଲେ ।

[ନାଗରା ବଜାଇ ପାଇକ ପ୍ରବେଶ କଲା]

ପାଇକ : ନଗରବାସୀ ଶୁଣଶୁଣ ହୋ...
(ବୋଇଲା) ନଗରବାସୀ ଶୁଣ ଶୁଣ...
ଘର ହକାରଇ ନାଗରା ବଜାଇ,
ମାହାରାଜା ଆଜ୍ଞା ପ୍ରମାଣ ହୋ ॥ ୧ ॥
ଆଜ ଶେଷ ଦିନ ପୂଜା ସମାପନ
ଗଡ଼ ଚଣ୍ଡି ମନ୍ଦିରରେ...
ଖାଲିପେଟେ ରାଜା କରୁଛନ୍ତି ପୂଜା
ବହୁତ ନିଷ୍ଠା ବିଧିରେ ହୋ ॥ ୨ ॥
କ୍ଷୀର ମାଲପୁଆ ଖାଇବେ ନାହିଁ ହୋ
ତୁମ୍ଭେ ଆଜ ଦିନସାରା...
ପ୍ରଜାକୁଳ ପେଟେ ନଦେବେରେ ଦାନା,
ରାଜାର ଆଦେଶ ପରାହୋ ॥ ୩ ॥
କ୍ଷୀର ମାଲପୁଆ ଲଡ଼ୁ ପୁରି ଖୁଆ
ରାଜା ତେଜିଛନ୍ତି ଯେଣୁ...
ନଜନା ଆହାର ପରଜା କୁଳର
ତେଜିବାକୁ ହେବ ତେଣୁ ହୋ ॥ ୪ ॥
ଖୁଦପେଜ ଜାଉ ଶାଗ ମୁଗ ଲଡୁ
ଦେବ ଯେବେ ଖାଇ କିଏ...
ଲାତବେତ ପରେ ସବୁରି ଆଗରେ
ଶୂଳରେ ଚଢିବ ସିଏ ହୋ ॥ ୫ ॥

[ନାଗରା ପିଟିପିଟି ପାଇକ ପ୍ରସ୍ଥାନ କଲା । ଆଲୋକ ସୁବର୍ଣ୍ଣ କେଶରୀଙ୍କ ଉପରେ କେନ୍ଦ୍ରୀଭୂତ ହେଲା]

Digitized by srujanika@gmail.com

ସୂତ୍ରଧାର : ଆଜି ବ୍ରତର ଉଦ୍‌ଯାପନ ଦିବସ । ବୃଦ୍ଧ ସୁବର୍ଣ୍ଣ କେଶରୀଙ୍କର ଆଜି ପରୀକ୍ଷାର ଦିନ । ରଣକ୍ଳାନ୍ତ ନଗରବାସୀ, ଯୁଦ୍ଧ ଇଚ୍ଛା କରନ୍ତି ନାହିଁ···ରାଜାଙ୍କର କିନ୍ତୁ ସଂକଳ୍ପ, ଏଯୁଦ୍ଧ ଜୟ କରିବାକୁ ପଡ଼ିବ । ବୃଦ୍ଧରାଜା ହେବାକୁ ଚାହାନ୍ତି ନାହିଁ ପ୍ରଜାର ରାଜା···ଦୟା ମାୟାର ପାତ୍ର, ମୀତ ଅମୀତର ସ୍ତାବକ···ଗୋଟିଏ ଲକ୍ଷ ଆଜି କେବଳ ତାଙ୍କର···ସେ ହେବେ ପରାଜିତର ବିଜେତା ।

[ସୁବର୍ଣ୍ଣ କେଶରୀଙ୍କ ଉପରୁ ଆଲୋକ ନିଷ୍ପ୍ରଭ ହୋଇ ଆସିଲା ଏବଂ ତାହା ଶ୍ବେତ୍ରଗଙ୍ଗଙ୍କ ଉପରେ କେନ୍ଦ୍ରୀଭୂତ ହେଲା । ଶ୍ବେତ୍ର ନୃପତି ତାଚ୍ଛଲ୍ୟରେ ହସି ଉଠିଲେ ।]

ଶ୍ବେତ୍ରଗଙ୍ଗ : ହାଃ ହାଃ ହାଃ, ପରାଜିତର ବିଜେତା !

ସୂତ୍ରଧାର : ଶ୍ବେତ୍ରଗଙ୍ଗ ମଧ୍ୟ ଇଚ୍ଛା କରନ୍ତି ହେବାକୁ ପରାଜିତର ବିଜେତା ।

[ଦେଖାଗଲା ଶ୍ବେତ୍ରଗଙ୍ଗ ଅତ୍ୟନ୍ତ ଚିନ୍ତାମଗ୍ନ ।]

ସନ୍ଧି : ଏହାପରେ ସେଠାରେ ଶ୍ବେତ୍ରଗଙ୍ଗ ଉପସ୍ଥିତ ଥିଲେ···ଅନନ୍ତବର୍ମା ଶ୍ବେତ୍ରଗଙ୍ଗଦେବ ଭୂପତି··· ଶ୍ବେତ୍ରଗଙ୍ଗ ନୃପତି···ଶୋଭା ଶ୍ରୀଯୁକ୍ତ ଶାଳ-ପ୍ରାଂଶୁ ଶରୀର···ଦୃପ୍ତ ଅଭିବ୍ୟକ୍ତି ଆଉ ଉନ୍ନତ ଶିର···ଶ୍ବେତ୍ରଗଙ୍ଗ ବୀର··· ଶୌର୍ଯ୍ୟ ବୀର୍ଯ୍ୟ ଆଉ ଦାମ୍ଭିକର ଅହଙ୍କାର

Digitized by srujanika@gmail.com

ନେଇ ସେ ଉତ୍କଳ ଆକ୍ରମଣ କରିଥିଲେ···
ବଡ଼ାନାସୀ କଟକ ଦୁର୍ଗରେ ସୁବର୍ଣ୍ଣକେଶରୀଙ୍କୁ
ପିଞ୍ଜରାବଦ୍ଧ କରି ନଗରର ଆର ପାଖରେ ଛକ
ରଖିଥିଲେ···ସେହି କାଳ ବର୍ଣ୍ଣନା···

ଗାୟକ : ରାତିର ଅନ୍ଧକାରେ ନଗ୍ରୋଳା ଶିବିରରେ
ଏକାକୀ ବସି ବସି ଭାଳଇ ଗଙ୍ଗାସୁତ ॥୧॥
କେଶରୀ ରାଜଜେମା ଲଙ୍ଘି ତା ଗଡ଼ସୀମା
ସେଠାରେ ହେବ ଯେବେ ସହସା ଉପସ୍ଥିତ
॥୨॥

ସମସ୍ୟା ଘୋରତର କିବା ତା ପ୍ରତିକାର ?
ହାୟରେ ଗଙ୍ଗାର ପାଏନି ପଥ ସେ ତ ! ॥୩॥

[ଚୋଡ଼ଗଙ୍ଗଙ୍କ ମୁହଁରୁ ଆଲୋକ ଅପସାରିତ ହୋଇ ଅନ୍ୟଚରିତ୍ରଗୁଡ଼ିକ ଉପରେ ପଡ଼ିଲା ।]

ସନ୍ଧି : ଚୋଡ଼ଗଙ୍ଗ, ସେଇ ଅନ୍ଧକାର ରାତିରେ ଯାହା ଘଟିବ ତାହାର ସମାଧାନ ପାଇଁ ପଥ ଖୋଜୁଥିଲେ··· ସହସା ଉତ୍କଳ ମନ୍ତ୍ରୀ ବାସୁଦେବ ନିଜ ଆସନ ଛାଡ଼ି ଆଗେଇ ଆସିଲେ··· ସୁବର୍ଣ୍ଣ କେଶରୀଙ୍କ କାନ ପାଖରେ କଣ ସେ କହିବାକୁ ଲାଗିଲେ···ଏହି ସମୟରେ ସୂତ୍ରଧାର ପ୍ରଶ୍ନ କଲେ···

ସୂତ୍ରଧାର : କାହାର ମନ୍ତ୍ରୀ ଆପଣ ବାସୁଦେବ ? ସୁବର୍ଣ୍ଣ କେଶରୀଙ୍କର ନା ଚୋଡ଼ଗଙ୍ଗଙ୍କର ? ଆପଣ ଅପେକ୍ଷା କରନ୍ତୁ । ବହୁ ସମୟ ଆପଣଙ୍କୁ ମିଳିବ ବହୁରୂପୀ ରୂପ ପରିବର୍ତ୍ତନ କରି ଅଭିନୟ କରିବାକୁ । ବସିଯାନ୍ତୁ ଆପଣ ।

Digitized by srujanika@gmail.com

ନା, ନା, ଆଉ କଣ କହିବେ ? ପ୍ରତିବାଦ କରନ୍ତୁ ନାହିଁ । ମୁଁ ଆପଣଙ୍କ ସହିତ ନନ୍ଦିକା-ଙ୍କର ସମ୍ପର୍କ କଥା କହୁନାହିଁ, ମୁଁ କହୁନାହିଁ କି ବିଶ୍ୱାସ କରିଥିଲେ କେମିତି ଆପଣଙ୍କ ଉପରେ···କି ଭରସାରେ ସେ ଆପଣଙ୍କ ନିକଟକୁ ଆଗେଇ ଯାଇଥିଲେ । ସେ କଥା ବରଂ ଆପଣଙ୍କ କାର୍ଯ୍ୟରୁ ପ୍ରକାଶ ପାଇବ । ସେ କଥା ବରଂ କହିବେ ନନ୍ଦିକା । ସାରା ନାଟକ ସେଇଥିପାଇଁ ରହିଛି । ସେ କହିବେ ଆପଣଙ୍କ କଥା, ସୁବର୍ଣ୍ଣ କେଶରୀଙ୍କ କଥା, ଗୈୃଡ଼ଗଙ୍ଗଙ୍କ କଥା, ପ୍ରଜାକୁଳଙ୍କ କଥା, ଆଉ ନିଜ କଥା ।

[ମଞ୍ଚ ଅନ୍ଧକାର ହୋଇ ଆସୁଥିଲା ।]

ସନ୍ଧି : ରାତିର ମଧ୍ୟ ଯାମରେ, ବଡ଼ାନାସୀ କଟକରେ, ପ୍ରହରୀ ଦୁଇଜଣ ଡାକ ମାରି ମାରି ପହରା ଦେଉଥିଲେ···ଦୁର୍ଗର ଏକ ଅଟ୍ଟାଳିକା ସୋପାନର ପାଦ ଦେଶରେ ସେ ଦୁହେଁ ପରସ୍ପରକୁ ଭେଟିଲେ···

[ମଞ୍ଚ ସମ୍ପୂର୍ଣ୍ଣ ଅନ୍ଧକାର ହୋଇ ପୁଣି ଆଲୋକିତ ହେଲା । ଦେଖାଗଲା ପହରା ଦେଉଛନ୍ତି ଦୁଇଜଣ ପାଇକ ଯୁବକ —କାଳିଆ ଆଉ ପଞ୍ଚୁଆ ।]

କାଳିଆ : ଏକ୍ ଦୁଇ ଏକ୍, ଡାକ୍ ହୁସିଆର ଡାକ୍···

ପଞ୍ଚୁଆ : ଏକ୍ ଦୁଇ ଏକ୍, ମୋର ସାବଧାନ ଡାକ୍ ।

କାଳିଆ : ସାବଧାନ ନୁହେଁ ହୁସିଆର ଘୁଡ଼ ରଡ଼ି···

Digitized by srujanika@gmail.com

ପଞ୍ଚୁଆ : ମୋ ଉପରେ କଆଁ ଯାଉଚୁ ଏମିତି ଚଢ଼ି ?

କାଳିଆ : ଚନ୍ଦ୍ରନ ଗୋଡ଼ରେ ପହରୀ ଡାକତ ଏଇ···

ପଞ୍ଚୁଆ : ସାବଧାନ ଡାକେ ବଗିଡ଼ି ଯିବକ ଭାଇ ?

କାଳିଆ : କହୁଥିଲ ପୁଅ କହିଲା ମତେ ଏଇଆ···

ପଞ୍ଚୁଆ : ମତେ ଯା' କହିଲା ଡାକୁଚି ମୁଁ ତ ସେଇଆ ।

କାଳିଆ : ତାହେଲେ ଡାକବା ହୁସିୟାର ସାବଧାନ···

ପଞ୍ଚୁଆ : କହିଲୁ ଯାହାରେ ରାଜି ହେଲା ମୋର ମନ ।

[ଡାକ ଡାକ ଦୁହେଁ ପହରୀ ଦେଲେ ।]

କାଳିଆ : ଏକ ଦୁଇ ତିନ୍—ହୁସିୟାର ସାବଧାନ···

ପଞ୍ଚୁଆ : ଦୁଇ ତିନ ଚାର୍—ସାବଧାନ ହୁସିୟାର···

କାଳିଆ : ହୋ ହୁସିୟାର ସାବଧାନ ସାବଧାନ···

ପଞ୍ଚୁଆ : ହୋ ହୁସିୟାର ସାବଧାନ ସାବଧାନ···

[ହଠାତ୍ ଦୁହେଁ ଅଟକି ଗଲେ ।]

କାଳିଆ : ଦେଖୁଚୁ ଦେଖୁଚୁ ଦେଖୁଚୁରେ···

ପଞ୍ଚୁଆ : କଅଣ କଅଣ କଅଣରେ···

କାଳିଆ : କଣାଟାଏ କରେ ଦଶୁନ କଚ୍ଛି ?

ପଞ୍ଚୁଆ : କଣା ହେଲେ ଆଉ ଆଖିତ ଅଛି ?

କାଳିଆ : ରାତିକନା, କାଲେ ଥିବ ଉଣା ଦେଖିବା··

ପଞ୍ଚୁଆ : ଅନ୍ଧାରତ ନାହିଁ ଏବେ ଅଛି ଚନ୍ଦ୍ରମା ।

କାଳିଆ : ହେ'ପଟରେ ଦେଖ୍ ସେଠି ବୁଲୁଛି କିଏ !

ପଞ୍ଚୁଆ : ଏଁ ଏଁ ! ହେ'ପଟରେ ବୁଲେ କିଏ ଭୂତ ପରିଏ ।

Digitized by srujanika@gmail.com

କାଳିଆ : ଭୂତ ନୁହେଁ ଗୋଡ଼ ହାତ ମଣିଷ ପରି...

ପଞ୍ଚୁଆ : ହଁ ତ, ଦିଶୁଛି ସିଏ ମାଇପୀ ପରି ।

କାଳିଆ : ଚାଲ୍ ଯିବା ପଚାରିବା କିଏ ସେ ସେଠି...

ପଞ୍ଚୁଆ : ଚାଲ୍ ଚାଲ୍ ସେଇ ଡର ଆମ ଚାଇଛି... ।

[ପାଇକ ଦୁହେଁ ସ୍ତୂପ ଉପରକୁ ଉଠିଲେ ।]

ସନ୍ଧି : ଅଟ୍ଟାଳିକା ଉପରେ ରାଜ ଦୁଲ୍ଲାଳୀ ନନ୍ଦିକା ଉପସ୍ଥିତ ଥିଲେ...ଗର୍ଭର ଭାବନା ହେତୁ ନିଦ୍ରାଦେବୀଙ୍କ କୋଳରେ ସେ ଶାନ୍ତି ନ ମଣିଲେ... ଆହତା ହରିଣୀ ପରି ସେଠାରେ ସେ ବିଚରଣ କରୁଥିଲେ...ଏ ସମୟରେ ବେନି ପ୍ରହରୀ ସେଠାରେ ଉପସ୍ଥିତ ହେଲେ... ପୂର୍ବରୁ ଯେମାନେ କେବେ ଜେମାଙ୍କୁ ଦେଖି ନଥିଲେ.. ତେଣୁ, ଚିହ୍ନି ନପାରିଲେ । ସେମାନଙ୍କ ପରି ସେ ଏକ ନାରୀ ପ୍ରହରୀ ବୋଲି ବିଚାରିଲେ...ରାଜକନ୍ୟା ମଧ୍ୟ ନିଜର ପରିଚୟ ଗୋପନ ରଖିଲେ...ଆତ୍ମୀୟ ପରି ପ୍ରହରୀ ମାନଙ୍କ ସଙ୍ଗେ ବ୍ୟବହାର କଲେ...ସରଳ ଗ୍ରାମୀଣ ପାଇକ ଦୁଇଟି ନିଜକୁ ଭୁଲିଗଲେ... ଜେମାଙ୍କ ସହିତ ହସ ଖୁସିରେ ମଜ୍ଜି ଗଲେ... ତାଂକ ପ୍ରଶ୍ନରେ ନିଜର ପରିଚୟ ଏହି ପରି ଜଣାଇଲେ.....

କାଳିଆ : ହେନ୍ତାଳ ବଣରେ ବାଘ ହେଣ୍ଟାଳେ ଲୋ
ନଈରେ ଭସଇ ନାଆ...
ବଅର ପାଣିରେ ଇଲଶୀ ଛକେ ଲୋ
କାଳିଆ ପାଠ ମୋ ଗାଆଁ ॥୧॥

Digitized by srujanika@gmail.com

ନାଆଁ ଅଟେ ମୋର କାଳିଆ ନାହାକ
ଗାଆଁର ଭେଣ୍ଡିଆ ଟୋକା,
ବଡ଼ାନାସୀ ଗଡ଼ ଦେଖଇ ନୂଆଲେ
ଆଖି ହୋଇଯାଏ ଥକା ॥୨॥

ପଞ୍ଚୁଆ : ନୂଆ ବାଲିଭୁଠ ନଈ ନେ ପଟେଲେ
ସେଇତ ମୋଅର ଗାଆଁ
ବୋଉ ଗେହ୍ଲାପୁଅ ବାପା ଦେଇଥେଲା
ପଞ୍ଚୁଆ ପଧାନ ନାଆଁ ॥୩॥

ପାନ ବରଜରେ ନଅ ବାନ୍ଧେ କେବେ
ପୋତଇ ଇଙ୍କର କାଠି
ରାତରେ ଜଗଇ ମାଣ୍ଡିଆ କଆଁସ
ଦିନରେ ଚଷଇ ମାଟି ॥୪॥

[ନନ୍ଧକା ପାଇକ ଦୁଇଜଣଙ୍କ କଥା ଶୁଣୁଥିଲେ । ପାଖକୁଆସି ପଗ୍ଚରଲେ...]

ନନ୍ଧକା : କେବେ ତୁମେ ଏଠିକି ଆସିଛ ?

କାଳିଆ : ଅମେଇସା ପରେ...ହେଇ ସେଦିନ ଆଇଲି ମୁଁ ଏଠିକି ।

ପଞ୍ଚୁଆ : ପୁନେଇ ଗୁରୁଦିନ ଥେଲା ମୁଁ ଆଇଲି ।

କାଳିଆ : (କାନ୍ଦ କାନ୍ଦ ହୋଇ) ମତେ ଧରି ଆଣିଲେ ।

ପଞ୍ଚୁଆ : ମୋ ବୋପା ପାଇକ ଥେଲା । ନଡ଼େଇ କରୁଥେଲା । ହାଣ ଖାଇଗଲା । କଣ୍ଟୁଆଳ ଯାଇ କହିଲା—ଆ, ତୋ ବୋପା କାମ କରିବାକୁ ହବ...

କାଳିଆ : ମେତେ ବି ଧରି ଆଣିଚନ୍ତି । ମେତେ କହିଲେ —ସବୁ ଟୋକା ନଡ଼େଇ କରିବେ । ହାଣ ଖାଇ ଖାଇ ନୋକ ଊଣା ପଡ଼ିଲେଣି ।

Digitized by srujanika@gmail.com

ନନ୍ଦକା : ଯୁଦ୍ଧରେ ଅନେକ ଘାଣ ଖାଇଛନ୍ତି । ଅନେକ ଘାଣ ଖାଇବେ ! ତୁମେମାନେ ମଧ୍ୟ···କେତେ କିଶୋର, କେତେ ନିଷ୍ପାପ···

କାଳିଆ : (ଭୟ ପାଇ) ଆମେ ଗାଁକୁ ଫେରିଯିବୁ···

ନନ୍ଦକା : ଯୁଦ୍ଧରୁ କେହି ଫେରି ଯାଏନା !

ପଞ୍ଚୁଆ : ମୋ ପାନ ବରଜ··· ?

କାଳିଆ : ମୋ ହୁଲି ଡଙ୍ଗା··· ?

ପଞ୍ଚୁଆ : ମୋ ବିଲ ବାଡ଼ି··· ?

କାଳିଆ : ମୋ ମାଛ ଧରା··· ?

ନନ୍ଦକା : ସବୁ ଶେଷ··· !

କାଳିଆ : କଥାଟେ କହିବି ?

ନନ୍ଦକା : କୋଉ କଥା ?

କାଳିଆ : ମେତେ କଣ୍ଟୁଆଳ କହେ—ଆଗ ପହରା ଦେ, ଖଣ୍ଡା ଶିଖିଗଲେ ନଡ଼େଇକି ଯିବୁ !

ପଞ୍ଚୁଆ : ଦିନରେ ଖଣ୍ଡାଖେଳ ଶିଖୁଚୁ ।

କାଳିଆ : ଫଡ଼ ବୁଲଉଚୁ ।

ପଞ୍ଚୁଆ : ରାତିରେ ପହରା ଦଉଚୁ ।

କାଳିଆ : କାଲି ଗଉଡ଼ଚଣ୍ଡି ମନ୍ଦର ଆଗ ରାସ୍ତାରେ ପହରା ଦଉଥିଲୁ ।

ପଞ୍ଚୁଆ : ଆଜି ଉଆସ ଗଡ଼ପାଖରେ ପହରା ।

କାଳିଆ : ଆମକୁ ତ କଣ୍ଟୁଆଳ ଧରି ଆଣିଥିଲା···

ପଞ୍ଚୁଆ : (ନନ୍ଦକା ପ୍ରତି) ତମକୁ ଆଣିଲା କିଏ ?

ନନ୍ଦକା : ମତେ ?

Digitized by srujanika@gmail.com

କାଳିଆ : ହଁ । କଣ୍ଟୁଆଳ କହୁଥିଲ—ପୁଅ ଆଉ ମିଳୁ ନାହାନ୍ତି । ମାଇପେ ଏଥର ଆସିବେ ।

ନନ୍ଦକା : ସମସ୍ତେ ଆସିବେ । ଶେଷ ଲୋକଟି ପର୍ଯ୍ୟନ୍ତ ଆସିବେ ।

କାଳିଆ : କୋଉଠି ତମ ଗାଁ ?

ପଞ୍ଚୁଆ : ବୋପା କଣ କରୁଥିଲ ?

କାଳିଆ : ଖଣ୍ଡା ବୁଲେଇ ଶିଖିଲଣି ?

ପଞ୍ଚୁଆ : ପହରା ଦଉଚ, ଖଣ୍ଡା କାହିଁ ? କୁନ୍ତା କାହିଁ ?

କାଳିଆ : କେବେ ଆସିଲ ? କଣ, କଣ୍ଟୁଆଳ ଧରି ଆଣି ଥିଲ ?

ନନ୍ଦକା : (ଦୀର୍ଘଶ୍ୱାସ ପକାଇ) ନା, ନଜେ ଆସିଚ ।

କାଳିଆ : ନଜେ କାହିଁକି ଆଇଲ ?

ପଞ୍ଚୁଆ : ନଜେ ନଜେ ଉଆସ ଗୁଡ ଉପରେ ପହରା ଦଉଚ ?

ନନ୍ଦକା : ହଁ ନଜେ ।

କାଳିଆ : କାହିଁକି ?

ନନ୍ଦକା : ନଈ ଆର ପାଖକୁ ଦେଖୁଛ ?

କାଳିଆ : (ଦୂରକୁ ଦେଖି) ହେ ପଟେ ? ହଁ, ହେ'ପଟେ ବାଲିପଠା···ତା ଆରପଟେ ଗୁଡଣି···ଶତ୍ରୁ ଗୁଡଣି ।

ପଞ୍ଚୁଆ : ମସାଲ ସବୁ ହେପଟେ ସେପଟେ ହଉଚି ।

କାଳିଆ : ଶତ୍ରୁ ସୈନ୍ୟମାନେ ପହରା ଦଉଚନ୍ତି ।

ନନ୍ଦକା : ତୁମେ ଶତ୍ରୁକୁ ଜାଣିଚ ?

ପଞ୍ଚୁଆ : ଆମେ କେମିତି ଜାଣିବୁ ?

Digitized by srujanika@gmail.com

ନନ୍ଦିକା : ଯା ହାକୁ ତୁମେ ଜାଣିନା ସେ ତୁମର ଶତ୍ରୁ ! ରାଜାର ଶତ୍ରୁ, ତେଣୁ ତୁମର ଶତ୍ରୁ ।

ପଞ୍ଚୁଆ : ତେମେ ଜାଣିଚ ?

ନନ୍ଦିକା : ଜାଣେ । ନର୍ଭୀକ···ଉନ୍ନତ···ଶଙ୍କାହୀନ···

କାଳିଆ : ଦେଖିଚ ତାଙ୍କୁ ?

ନନ୍ଦିକା : ଦେଖିଛି । ସୁନ୍ଦର···ତରୁଣ । ଦେଖିଛି, ଦୂରରୁ ଦେଖିଛି···ସୈନ୍ୟବାହିନୀ ଆଗରେ ଚାଲିଥାନ୍ତି ବୀର ଦର୍ପରେ···ନିକଟରେ ଦେଖିଛି ···ମୋ ହୃଦ୍‌ବଳୟ ଭେଦକରି ସେ ଯେତେ-ବେଳେ ଆସନ୍ତି ନୂତନ ତୂର୍ଯ୍ୟନାଦ କରି···

କାଳିଆ : ପଞ୍ଚୁଆ ! ମୁଁ କିଛି ବୁଝି ପାରୁ ନାହିଁରେ···

ପଞ୍ଚୁଆ : ମୁଁ ବି କିଛି ବୁଝି ପାରୁ ନାହିଁରେ କାଳିଆ···

କାଳିଆ : ସତ କହ, ତେମେ କିଏ ?

ପଞ୍ଚୁଆ : ତେମେ ଭୂତ ନୁହଁ ?

କାଳିଆ : ପ୍ରେତ ନୁହଁ କି ପିଶାଚ ନୁହଁ ?

ପଞ୍ଚୁଆ : ପିଚାଶୁଣୀ ନୁହଁ ?

ନନ୍ଦିକା : ନା···(ପାଖକୁ ଆସି ଦୁହିଁଙ୍କ ହାତଧରି) ମୁଁ ତୁମରି ଭିତରୁ ଜଣେ···ଆମେ ଏକା··· କାଳିଆ, ପଞ୍ଚୁଆ, ନନ୍ଦିକା···

କାଳିଆ : ପଞ୍ଚୁଆ, ମତେ ଡର ମାଡ଼ୁଚି···

ପଞ୍ଚୁଆ : ବରଡ଼ା ପତର ପରି ଗୁନିଆରେ ମୋ ଦେହ ଥରିଲାଣି···

ନନ୍ଦିକା : ଡରନା, ଡରଭୟ ଛାଡ଼ିଦିଅ ।

Digitized by srujanika@gmail.com

କାଳିଆ : କେମିତି ?

ନନ୍ଦିକା : ଗାଆଁରେ ଯେମିତି ନର୍ଭୟରେ ବୁଲୁଥିଲି,
ହସ ଖୁସିରେ ଖେଳୁଥିଲି, ସେମିତି ।

କାଳିଆ }
ପଞ୍ଚୁଆ } ସେମିତି !

ନନ୍ଦିକା : ହଁ ସେମିତି ।

[ନନ୍ଦିକାଙ୍କୁ ମଝିରେ ରଖି ସେମାନେ
ଗାଇ ଉଠିଲେ ଗୀତ । ପାଦରେ ଛନ୍ଦ]

କାଳିଆ }
ପଞ୍ଚୁଆ }

(କଳାକଳେବର କହ୍ନେଇ-ବୃତ୍ତେ)

ଗାଆଁର କଦମ୍ବ ମୂଳରେ
ଭାଇ ଭଉଣୀ ମେଳ···
ଆସରେ ହରଷେ ଖେଳିବା
ବୋହୂ ବୋହୂକା ଖେଳ ॥୧॥

ଆଦ୍ୟ ମାର୍ଗଶିର କାକର
ପୁଷ ଦାରୁଣ ଶୀତ···
ମାଘ କୁହୁଡ଼ିରେ ନଡ଼ର
ଗୁଲି ଗାଇବା ଗୀତ ॥୨॥

ଫଗୁବୋଳା ଦେହେ ଫଗୁଣେ
ମଲ୍ଲୀ ଚଇତ ମାସେ···
ବଇଶାଖ ଖରା ତାପରେ
ଦେହେ ଚନ୍ଦନ ବାସେ ॥୩॥

ଜ୍ୟେଷ୍ଠେ ପାଚେ ଆମ୍ବ ପଣସ,
ମେଘ ଅଷାଢ଼ ଘନେ···

Digitized by srujanika@gmail.com

ଖରା ବରଷାରେ ନମାନ
ଖେଳୁ ଆନନ୍ଦ ମନେ ॥୩॥

ଶ୍ରାବଣର ଧାର ବରଷା,
ଘଟନ୍ତେ କେତକୀ କଅା···
ଆଶିଣେ ଚନ୍ଦ୍ରମା ସୁଷମା
ପ୍ରାଣ ମନ ମତୁଆ ॥୪॥

କାର୍ତ୍ତିକ ମାସର ହବିଷ
ମନେ ଆଣଇ ବଳ···
ଗାଆଁ ଧାରେ ଆମେ ଖେଳୁରେ
ବୋହୁବୋହୁକା ଖେଳ ॥୭॥

କଣ୍ଟୁଆଳ : (ଦୂରରୁ) କାଳିଆ ପଞ୍ଝୁଆ କୋଉଠିରେ···
କାଳିଆ : ପହରା ଦଉଚୁ ଏଇଠିରେ ।
କଣ୍ଟୁଆଳ : ପହରା ଦଉଚ ଗୀତ ଗାଇ ଗାଇ···
ବୋକା କଣ ମତେ ପାଇଚରେ ?
ରହ ରହ ମୁଁ ଯାଉଚରେ ।

[କାଳିଆ ପଞ୍ଝୁଆ ଡରି ଯାଇଥିଲେ]

ନନ୍ଦକା : ଡରନା । ମୁଁ ଅଛି କଛି ହବନାହିଁ ।

[କଣ୍ଟୁଆଳ କ୍ରୋଧରେ ପହଞ୍ଚି ନନ୍ଦକାଙ୍କୁ
ଦେଖି ହତବାକ୍ ହୋଇଗଲା ।
ଜେମାଙ୍କୁ ପ୍ରଣାମ କରି···]

କଣ୍ଟୁଆଳ : ଜେମା ମଣିମା ।
ଆପଣ ଏଠି ? ଏମାନଙ୍କ ସାଙ୍ଗରେ ।

ନନ୍ଦକା : ନଈ ଆର ପାଖେ ଗଙ୍ଗଦେବଙ୍କ ଶିବିରକୁ
ଲକ୍ଷ୍ୟ କରୁଥିଲି । ଏମାନେ ପହଞ୍ଚିଗଲେ ।

Digitized by srujanika@gmail.com

ସରଳ ପ୍ରାଣ କାଳିଆ ଆଉ ପଞ୍ଚୁଆ···
ସେମାନଙ୍କ ସାଥିରେ ଖେଳୁଥିଲି;
ନାଚୁଥିଲି···

କାଳିଆ }
ପଞ୍ଚୁଆ } (ଭୟରେ ଥର ଥର) କେମା ମଣିମା ! ଆ···
ଆମେ···ଆମେ···

ନନ୍ଦିକା : (ହସି ହସି) ଭୟ କରନା । କିଛି ହେବ ନାହିଁ ତୁମର ।

[ନନ୍ଦିକା ଧୀରେ ଧୀରେ ସେଠାରୁ ଚାଲିଗଲେ ।]

କଟୁଆଳ : (ଡାକନ୍ଦ୍ କରିବା କଣ୍ଠରେ) କାଳିଆ । ପଞ୍ଚୁଆ ।

କାଳିଆ : ଆମେ ଜାଣି ପାରିଲୁ ନାହିଁ···

ପଞ୍ଚୁଆ : ଆମେ ଭାବିଲୁ ; ଆମପରି ସିଏବି ପହରା ଦେଉଚନ୍ତି ।

କଟୁଆଳ : ତମ ଭାଗ୍ୟରେ, ତମ ଭାଗ୍ୟ···

କାଳିଆ : ପଚାରିବ ?

କଟୁଆଳ : କଣ ?

କାଳିଆ : କେମିତି ପାଗଳାମି କରେ···

ପଞ୍ଚୁଆ : ପାଗଳୀ ନ ହୋଇ ଥେଲେ କଣ ଏମିତି···

କଟୁଆଳ : ଚୁପ୍ । ପହରା ଦିଅ, କାମ କର ।

[କାଳିଆ ପଞ୍ଚୁଆ ସାବଧାନ୍ ହୁସିଆର ଡାକ ଡାକ ବାହାରି ଗଲେ, ମଞ୍ଚ ଅନ୍ଧକାର ହେଲା ।]

Digitized by srujanika@gmail.com

ସନ୍ଧି : ଏଥିଅନ୍ତେ ନଗା ଶେଷେ ଏପରି ଘଟିଲା···
କେମା ହଂସପୁର ଗୁଡ଼ ଅଶ୍ୱ ଝପଟାଇ
ଦେଲେ···ତାହାର ସ୍ଥାନ କାଳ ବର୍ଣ୍ଣନା—

ଗାୟକ :

(ଫାଟି ପଡ଼ିବାର ନିକୁଞ୍ଜ ସଂସାର—ବୃତ୍ତେ
ରାଗ-ଚୋଡ଼ ପରଜ)

ସିନ୍ଦୂର ଫାଟିନି ନିଶାତ ପାହିନି
ଗଗନରେ କୁଆଁ ତାରା···
ପ୍ରଭାତ ହୋଇନି କମଳ ବନରେ
ଧରା ଛୁଇଁ ନାହିଁ ଖରା···
ରେ କଣୋଖା ।
ଏତେ ବେଳେ କିଆଁ ଚଳୁ···
ମନ ଚହଲାଇ ଖୋଜୁଚୁ ଯାହାକୁ,
ସେ କି ବନ୍ଧାଚୋର ସ୍ନେହରେ ॥୧॥

ମାଆ ମହାନଦୀ ପ୍ରୀତିକୋଳ ତେଜି
କାଠ ଯୋଡ଼ି ନଦୀ ନୀର···
ବଣିକ ଦଗରେ "ବାଲି ବନ୍ଧ" କରେ
ବୋହିଯାଏ ନିରନ୍ତର···
ରେ କଣୋଖା ।
ସେହିଠାରେ ଭେଟା ଭେଟି···
ହଜିଲା ଧନଟୋ ମନ୍ତ୍ରୀ ବାସୁଦେବ
କଲେ କିବା ପ୍ରତିକାରରେ ॥୨॥

[ସମ୍ମୁଖରେ ବାସୁଦେବଙ୍କୁ ଆଗେଇ
ଯାଉଥିବାର ଦେଖି ନନ୍ଦିକା
ଡାକିଲେ ।]

Digitized by srujanika@gmail.com

ନନ୍ଦିକା : ଛୁଡ଼ାହୁଅ ବାସୁଦେବ । (ବାସୁଦେବ ଅଟକ ଯାଇ ବିସ୍ମୟରେ ନନ୍ଦିକାଙ୍କୁ ଚାହିଁଲେ । ନନ୍ଦିକା ପାଖରେ ପହଞ୍ଚି...) ବିଶ୍ୱାସ କରିଥିଲି ବାସୁଦେବ...ଚନ୍ଦ୍ର ଅସ୍ତ ହୋଇନ, ପୂର୍ବ-ଦିଗରେ ଉଠିନାହିଁ ସକାଳର ସୂର୍ଯ୍ୟ, ଏତେ-ବେଳେ ଘୋଡ଼ା ଛୁଟାଇ ସମଗ୍ର ନଗରଟା ସାକ ତୁମକୁ ମୁଁ ଖୋଜି ବୁଲୁଥିବି... ।

ବାସୁଦେବ : ଏ' ମୋର କଳ୍ପନାର ବାହାରେ ନନ୍ଦିକା ।

ନନ୍ଦିକା : ମୁଁ କିନ୍ତୁ ତୁମକୁ ଖୋଜି ବୁଲୁଛି ଅନେକ ସମୟ ଧରି । ପ୍ରଥମେ ଯାଇଥିଲି ତୁମର ଆବାସକୁ...ମନ୍ତ୍ରୀ ବାସୁଦେବଙ୍କ ଆବାସକୁ । ସମ୍ବାଦ ପାଇଲି—ରାତି ଅନେକ ଥିଲ, ତୁମେ ଆବାସ ଛାଡ଼ି ଚାଲି ଆସିଛ ।

ବାସୁଦେବ : ନଗର ପରିକ୍ରମା...ରାତି ଶେଷରେ ଦେଖିବାକୁ ସହର ଉପକଣ୍ଠରେ ପହରା କାମ ଠିକ୍ ଠିକ୍ ଚାଲିଛି କି ନାହିଁ । ସେନାପତିମାନେ ନିର୍ଦ୍ଦେଶ ପାଳନ କରିବାକୁ କି ବ୍ୟବସ୍ଥା କରିଛନ୍ତି । ରାତିରେ ନଗରବାସୀ କିଏ ରାଜାଦେଶ ଲଙ୍ଘନ କରି ଘରଛାଡ଼ି ବାହାରକୁ ଆସିଛି କି ନାହିଁ ।

ନନ୍ଦିକା : କେହି ଯଦି ରାଜାଜ୍ଞା ଲଙ୍ଘନ କରିଥାଏ ?

ବାସୁଦେବ : (ଚମକି ପଡ଼ି) କିଏ ?

ନନ୍ଦିକା : ମୁଁ ।

ବାସୁଦେବ : ନନ୍ଦିକା !

ନନ୍ଦିକା : ଏ ଆଦେଶର କି ଯଥାର୍ଥତା ଅଛି ବାସୁଦେବ ?

ବାସୁଦେବ : ଯୁଦ୍ଧରତ ନଗରବାସୀଙ୍କ ପାଇଁ ଏ ସତର୍କତାର କିଛି ଅର୍ଥ ନାହିଁ ?

Digitized by srujanika@gmail.com

ନନ୍ଦିକା : ତୁମ ପାଇଁ ଥାଇ ପାରେ । ଥାଇ ପାରେ ତୁମ ରାଜାଙ୍କ ପାଇଁ । କିନ୍ତୁ ନଗରବାସୀଙ୍କ ପାଇଁ ···ମୋ ପାଇଁ···

ବାସୁଦେବ : ନନ୍ଦିକା !

ନନ୍ଦିକା : ତୁମେ ଉତ୍କଳର ଅନ୍ୟତମ ତରୁଣ ସଚିବ । ପ୍ରତିରକ୍ଷାର ବହୁ ଦାୟିତ୍ୱ ତୁମ ଉପରେ ନ୍ୟସ୍ତ । ସେଇଥିପାଇଁ ତ ନିଦ୍ରାହୀନ ରାତି କଟାଇ ସୂର୍ଯ୍ୟୋଦୟ ଆଗରୁ ଆସିଛି ତୁମକୁ କିଛି କହିବି ବାସୁଦେବ···କିଛି ପରାମର୍ଶ··· ମୁଁ ତୁମକୁ ବିଶ୍ୱାସ କରେ···ଶୈଶବର ସାଥୀ ତୁମେ ମୋର···କୈଶୋରର ବନ୍ଧୁ ତୁମେ···

ବାସୁଦେବ : ଭୁଲିନି । ମୁଁ ସେହି ଭାଗ୍ୟବାନ ଯେ ରାଜକନ୍ୟାଙ୍କର ବନ୍ଧୁତାର ସୁଯୋଗ ପାଇଥିଲି ।

ନନ୍ଦିକା : ସେଇ ସୁଯୋଗର ପୁରସ୍କାର ସ୍ୱରୂପ ତୁମେ ଆଜି ଉତ୍କଳର ଅନ୍ୟତମ ସଚିବ । ମନେ ପଡ଼େ ?

ବାସୁଦେବ : କ'ଣ ?

ନନ୍ଦିକା : ବହୁବର୍ଷ ତଳେ ସେଦିନ ବି ଥିଲା ଏମିତି ଏକ ପ୍ରଭାତ···

ବାସୁଦେବ : ଉଚ୍ଚ ପଦବୀ ପାଇଁ ମୁଁ ନିଜକୁ ପ୍ରସ୍ତୁତ କରୁଥାଏ······

ନନ୍ଦିକା : ପ୍ରେରଣାର ଉତ୍ସ ରୂପେ ଦେଉଥାଏ ମୁଁ ତୁମକୁ ଉତ୍ସାହ ।

ବାସୁଦେବ : ଦରିଦ୍ର ବାସୁଦେବ ବ୍ରାହ୍ମଣପୁତ୍ର ମନରେ ଉଚ୍ଚପଦ ଲାଭର ଅଭିଲାଷ···

Digitized by srujanika@gmail.com

ନନ୍ଦିକା : ତୁମ ଅଭିଳାଷ ପୂରଣରେ ସାହାଯ୍ୟ କରି
ପଦେ ପଦେ ତୁମକୁ ମୁଁ ଜଗି ରହୁଥାଏ···

ବାସୁଦେବ : ମନେ ଅଛି ।

ନନ୍ଦିକା : ତୁମେ ନୂଆ କରି ଶିଖୁଥାଅ ଘୋଡ଼ା
ଦୌଡ଼···

ବାସୁଦେବ : ଗଡ଼ଖାଇ ପାଖର ଏଇ ନିର୍ଜନ ନିର୍ଜନ
ରାସ୍ତାରେ ସେଦିନ ମୁଁ ଅଭ୍ୟାସ କରୁଥାଏ
ଅଶ୍ୱ ଲମ୍ଫର କୌଶଳ ।

ନନ୍ଦିକା : ଆଉ ସେହି କୌଶଳର ଶିକାର ହୋଇ
ଅସହାୟ ଭାବରେ ଘୋଡ଼ା ପିଠିରୁ ତୁମେ ଖସି
ପଡ଼ିଥାଅ ଏଇ ରାସ୍ତାରେ···

ବାସୁଦେବ : ମନେ ଅଛି । ଘୋଡ଼ା ଟାପୁରେ ମୁଁ ଆଘାତ
ପାଇବା ପୂର୍ବରୁ ଆଉ ଏକ ଘୋଡ଼ାରେ ଆସି
ଆଖି ପିଛୁଳାକେ ତୁମେ ମୋତେ ଉଠାଇ
ନେଇଥିଲ ତୁମ ଘୋଡ଼ା ଉପରକୁ ।

ନନ୍ଦିକା : ମୋ ଘୋଡ଼ା ପିଠିରେ ଏକାଠି ବସି ଅନେକ
ବୁଲିଥିଲେ ସେଦିନ ।

ବାସୁଦେବ : ହଁ ।

ନନ୍ଦିକା : ଅନେକ ପରିକଳ୍ପନା···

ବାସୁଦେବ : ଅନେକ ଯୋଜନା···

[ତା ପରେ ଦୁହେଁ ଯେମିତି ସେ ପଛ
ସ୍ମୃତିକୁ ଫେରି ଗଲେ ।]

ନନ୍ଦିକା : ସେଦିନର ସପନରେ ଭାବିଥିଲୁ ଯାହା···

ବାସୁଦେବ : ମନେ ଅଛି ସେହିକଥା ମନେ ଅଛି ତାହା ॥୧॥

Digitized by srujanika@gmail.com

ନନ୍ଦକା : ପାଇଲେ ସୁବିଧା ସବୁ ବଦଳାଇ ଦବା···
ବାସୁଦେବ : ଉତ୍କଳର ଇତିହାସ ନୂତନ ରଚିବା । ॥୨॥
ନନ୍ଦକା : ରାମରାଜ୍ୟ ଆଣିଦବା ଅନ୍ଧକାର ପରେ···
ବାସୁଦେବ : ଆଲୋକ ଭସାଇ ଦେବା ପ୍ରତି ଘରେ ଘରେ ॥୩॥
ନନ୍ଦକା : ଉପୁଇ ଶାସିବା ନୀତି ବଦଳାଇ ଦେବା···
ବାସୁଦେବ : ପ୍ରଜାକୁଳ ମୁଖେ ଆମେ ହସ ଫୁଟାଇବା ॥୪॥
ନନ୍ଦକା : ଶାସନରେ ଆଣିଦେବା ଅଭିନବ କ୍ରାନ୍ତି···
ବାସୁଦେବ : ପ୍ରଗତିର ହାତଧରି ବିରାଜିବ ଶାନ୍ତି । ॥୫॥

[ମୁହଁରୁ ଫେରି ଆସିଲେ ବାସ୍ତବତାକୁ]

ନନ୍ଦକା : କିନ୍ତୁ ବାପୁ, କଣ ସବୁ ହେଇଗଲା···
ବାସୁଦେବ : କଣ··· ? କୋଉ କଥା ?
ନନ୍ଦକା : ଯୁଦ୍ଧ ସେ ସ୍ୱପ୍ନକୁ ଓଲଟ ପାଲଟକରି ଦେଲା ।
ବାସୁଦେବ : ତୁମର ଆଶଙ୍କା, ଏ ଯୁଦ୍ଧ ଆମେ ଜୟ କରିବୁ ନାହିଁ ?
ନନ୍ଦକା : ଜାଣେ ନୁହଁଏତ କହିବି···ଯେତେଦିନ ଯାଏ ବାପା ଥିବେ ଚିନ୍ତାମଣିର ଅଧିକାରୀ, ସେତେ ଦିନ ଯାଏ ପରାଜୟ ଅସମ୍ଭବ ।
ବାସୁଦେବ : ଦେବୀଙ୍କ ଆଶୀର୍ବାଦ ନିଷ୍ଫଳ ହେବନି ।
ନନ୍ଦକା : କିନ୍ତୁ, ଲକ୍ଷ ଲକ୍ଷ ପ୍ରଜା, ନଗରବାସୀ·· ଯୁଦ୍ଧ ଶେଷ ବେଳକୁ ସେମାନଙ୍କର ଆଉ ଥିବ କଣ ? ରାଜ୍ୟର ସମସ୍ତ ଯୁବ ଶକ୍ତି ବଳି ପଡ଼ି ସାରିବା ପରେ ଆଉ ଥିବ କିଏ ?

Digitized by srujanika@gmail.com

ବାସୁଦେବ : ମୁଁ ତୁମର ଦୁଃଖ ଜାଣେ ନନ୍ଦିକା । କିନ୍ତୁ ନିରୁପାୟ । କଣ ମୁଁ କରି ପାରିବ ?

ନନ୍ଦିକା : ମତେ ସାହାଯ୍ୟ କରି ପାରିବ ନାହିଁ ?

ବାସୁଦେବ : କି ସାହାଯ୍ୟ ?

ନନ୍ଦିକା : ତୁମକୁ ଚୈଡ଼ଗଙ୍ଗଙ୍କ ଶିବିରକୁ ଯିବାକୁ ପଡ଼ିବ ।

ବାସୁଦେବ : ନନ୍ଦିକା !

ନନ୍ଦିକା : ଗୋପନରେ···ଯୁଦ୍ଧ ବିରତି ପ୍ରସ୍ତାବ ନେଇ ।

ବାସୁଦେବ : କିନ୍ତୁ···

ନନ୍ଦିକା : କିନ୍ତୁ ନୁହେଁ ବାସୁଦେବ । ତୁମକୁ ଯିବାକୁ ପଡ଼ିବ । ତୁମେତ କହୁଥିଲ—ଚୈଡ଼ଗଙ୍ଗ ସାଧାରଣ ନୁହନ୍ତି । ଅସାଧାରଣ ଶକ୍ତି ତାଙ୍କର···ବିଚକ୍ଷଣ ତାଙ୍କର ଚିନ୍ତା ।

ବାସୁଦେବ : ଯାହା ଜାଣେ ସେଇଆ କହିଥିଲି । ଶୁଣିଥିଲି ମାନବିକତାର ଅନ୍ୟନାମ ଚୈଡ଼ଗଙ୍ଗଦେବ ।

ନନ୍ଦିକା : କହିଥିଲ—ଚୈଳ ଆଉ ଚୈଲୁକ୍ୟ ରାଜ୍ୟ ଦୁଇଟିକୁ ଜୟ କରି ସେ ଫେରାଇ ଦେଇଛନ୍ତି ନଗର ଅଧିବାସୀଙ୍କୁ ।

ବାସୁଦେବ : କହିଥିଲି, ବିଷ୍ଣୁ ପୂଜାର ପ୍ରସାର ପାଇଁ ତାଙ୍କର ଏ' ଅଭିଯାନ ।

ନନ୍ଦିକା : ହିଂସାର ଊର୍ଦ୍ଧ୍ୱରେ ଯେଉଁ ଦେବତାର ସ୍ଥାନ, ମାନବିକତାର ପରିପ୍ରକାଶ ଯେଉଁ ଆରାଧନାର ଲକ୍ଷ୍ୟ, ତାର ଅନୁଗାମୀ ଚୈଡ଼ଗଙ୍ଗଦେବ । ସେଇଥିପାଇଁ କଳିଙ୍ଗନଗର ଯୁଦ୍ଧ ଏଠିକି

Digitized by srujanika@gmail.com

ଆସିଛନ୍ତି ସେ ସ୍ଥାପନ କରିବାକୁ ଗଙ୍ଗା କଟକ । ଯୁଦ୍ଧ ଅଭିଯାନ, ରାଜ୍ୟ ବିସ୍ତାର ତାଙ୍କର ଉଦ୍ଦେଶ୍ୟ ନୁହେଁ ।

(ଗୀତ···ରାଗ—କଲ୍ୟାଣ ଆଡ଼ାଣା)

ଦେଖି ଅଛୁ ତାଙ୍କୁ ଉଆସ ଛାତରୁ
କେତେ ନିଦ୍ରାହୀନ ରାତିରେ
ଅସିହାନ କରେ ସେନା ପୁରୋଭାଗେ
ନାହିଁ ଶଙ୍କା ନାହିଁ ଛାତିରେ
ଚଳନ୍ତି,
ଶିରସ୍ତ୍ରାଣ ନାହିଁ ମଥାରେ
ଦେହେ ନାହିଁ ସାଞ୍ଜୁ ସନ୍ୟାସୀ ପରାୟେ
ସମ୍ମୋହନ ସେହି ଗତିରେ ॥୧॥

ଧ୍ୱଜାରେ ଝଟକେ ଅଲଭା ମଶାଲ
ଦୂରହେବ ଅନ୍ଧକାରରେ
ପ୍ରଜାକୁଳ ପାଇଁ ନୂତନ ଶାସନେ
ନରହିବ ସ୍ୱେଚ୍ଛାଚାରରେ
ସେ ବୀର
ନବ ପ୍ରଭାତର ପ୍ରକାଶ
ଧୁଣ୍ଡା ଖାଇ ଖାଇ ଭାଙ୍ଗି ପଡ଼ୁଥିବା
ଦେଶର ହୋଇବ ବିକାଶ ॥ ୨ ॥

ବାସୁଦେବ : କନ୍ତୁ, ଚୋଡ଼ଗଙ୍ଗ ଯେବେ ମୋ ପ୍ରସ୍ତାବରେ ରାଜି ନ ହୁଅନ୍ତି ?

ନନ୍ଦକା : ସେ ରାଜି ହେବେ ବାସୁଦେବ ।

ବାସୁଦେବ : କନ୍ତୁ, ରୁଦ୍ଧ ଗଡ଼ଖାଇ ପାର ହୋଇ ମୁଁ ଯିବି କପରି ?

Digitized by srujanika@gmail.com

ନନ୍ଦିକା : ଭୁଲିଗଲି ଗଡ଼ଖାଇର ସେଇ ଗୁପ୍ତ ସୁଡ଼ଙ୍ଗ, ଯାହା ନଦୀ ସ୍ନାନ ପାଇଁ ମୁଁ ବ୍ୟବହାର କରୁ-ଥିଲି । ଯାହାର ରକ୍ଷାର ଅଧିକାରିଣୀ ଏବେ ମଧ୍ୟ ମୁଁ……

ବାସୁଦେବ : କିନ୍ତୁ…

ନନ୍ଦିକା : ଦ୍ୱିଧା ନୁହଁ ବାସୁଦେବ, ହଁ କୁହ…ହଁ ।

ବାସୁଦେବ : ନନ୍ଦିକା !

ନନ୍ଦିକା : ହଁ କୁହ ବାସୁଦେବ…

ବାସୁଦେବ : ଯଦି ବିଫଳ ହୁଏ ?

ନନ୍ଦିକା : ତୁମ ବିଫଳତାର ଗ୍ଲାନି ନିଜର ଅଭିଶାପ ରୂପେ ଗ୍ରହଣ କରି ନେବି ।

ବାସୁଦେବ : ଆଉ ଯଦି ସଫଳ ହୁଏ ?

ନନ୍ଦିକା : କଣ ଚାହଁ ବାସୁଦେବ ? ମୁଖ୍ୟ ସଚିବର ସମ୍ମାନ ?

ବାସୁଦେବ : ନା ।

ନନ୍ଦିକା : ଉତ୍କଳ ସାମ୍ରାଜ୍ୟର ଏକ ଅଂଶ ?

ବାସୁଦେବ : ନା…

ନନ୍ଦିକା : ଆଉ କଣ ତେବେ ? ଜାଣେନା କଣ ତୁମେ ଚାହିଁବ । ଗୋଟାଏ କଳଙ୍କିତ ଏକ-ନାୟକ ସାମ୍ରାଜ୍ୟର ବିଲୋପ ପାଇଁ, ଏକ ମାନବ ଧର୍ମୀ ରାଜତ୍ୱର ପ୍ରତିଷ୍ଠା ପାଇଁ ଯାହା ଇଚ୍ଛା କରିବ…ଯାହା ମାଗିବ…

ବାସୁଦେବ : ନନ୍ଦିକା !

ନନ୍ଦିକା : ପ୍ରତିଶ୍ରୁତି ଦେଉଛି ବାସୁଦେବ । ବିଶ୍ୱାସ ହେଉ ନାହିଁ ?

Digitized by srujanika@gmail.com

ବାସୁଦେବ : ତୁମକୁ ଅବିଶ୍ୱାସ କରି ପାରିବିନି ନନ୍ଦିକା । ତୁମେ ମୋ ଶୈଶବର ସାଥୀ, କୈଶୋରର ବନ୍ଧୁ । ମୁଁ ତୁମ ପ୍ରସ୍ତାବରେ ରାଜି ।

ନନ୍ଦିକା : ଆଜି···

ବାସୁଦେବ : ହଁ ଆଜି ।

[ମଞ୍ଚରୁ ଦୁହେଁ ଅପସରି ଗଲେ]

ସନ୍ଧି : ଏହାପରେ ନଗର ପରିକ୍ରମା ପାଇଁ ମନ୍ତ୍ରୀ ବାସୁଦେବ ଅଶ୍ୱ ଝିପଠାଇ ଦେଲେ··ହର୍ଷ ମନରେ ରାଜକେମା ଅଶ୍ୱ ନେଇ ରାଜ ନବରକୁ ବାହୁଡ଼ି ଆସିଲେ··· । ସେତେ- ବେଳେ ଅପର ପକ୍ଷରେ ଏହିପରି ଘଟିଥିଲା··· ବୀର ଚୂଡ଼ାମଣି ଚୋଡ଼ଗଙ୍ଗଙ୍କୁ ବିଷମ ଚିନ୍ତା ଘାରିଥିଲା··ଏକାକୀ ବସି ସେ ଭାବୁଥିଲେ··· ରାଜ ପୁରୋହିତ ପ୍ରବେଶ କରିଲେ··ବହୁ ପ୍ରଶ୍ନ ପଚାରିଲେ··ଉତ୍ତର ନ ପାଇଲେ··· ଅବଶେଷେ ପୁରୋହିତ ଏହିପରି ଭାଷିଲେ··

[ଚିନ୍ତାମଗ୍ନ ଭାବେ ବସିଥିଲେ ଚୋଡ଼- ଗଙ୍ଗ ଦେବ । ପଶି ଆସିଲେ ରାଜ- ପୁରୋହିତ]

ପୁରୋହିତ : ରାଜେଶ୍ୱର !
ଏହିପରି ଚିନ୍ତାମଗ୍ନ ହେବା ଉଚିତ ନୁହେଁଇ । ଆମ୍ଭେ ଶ୍ରୀମାନ୍‌ଙ୍କ ପିତୃଦେବଙ୍କ ସମୟରୁ ରାଜରାଜେଶ୍ୱରଙ୍କୁ ସୁପରାମର୍ଶ ଦେଇ ଆସି ଅଛୁ । ସେଥିପାଇଁ ଆମ୍ଭେ ଯୁଦ୍ଧଯାତ୍ରା ସମୟରେ ଶ୍ରୀଲଶ୍ରୀଯୁକ୍ତ ରାଜରାଜେଶ୍ୱରଙ୍କର ପାଖେ

Digitized by srujanika@gmail.com

ପାଖେ ରହି ଆସିଅଛୁ । ରାଜରାଜେଶ୍ୱର ଗ୍ରହଣ କରନ୍ତୁ ବା ନକରନ୍ତୁ, ସେପରି ପରାମର୍ଶ ଦେବା ଆମ୍ଭେ ଆମ୍ଭର କର୍ତ୍ତବ୍ୟ ବୋଲି ମନେ କରୁଅଛୁ··· ।

ଚୋଡ଼ଗଙ୍ଗଦେବ : ଆଉ କି ପରାମର୍ଶ ଦେବେ ରାଜପୁରୋହିତ ?

ପୁରୋହିତ : ଶ୍ରୀମୁଖରେ ଏ'ବଚନ ଶୋଭା ପାଏନା । ଯେଉଁ ରାଜେଶ୍ୱର ତାଙ୍କର ବଳବୀର୍ଯ୍ୟ ଗୁଣାବଳୀ ଦ୍ୱାରା ତ୍ରୈଲୋକ୍ୟ ଗଙ୍ଗ ବିକ୍ରମ, ଗଙ୍ଗେଶ୍ୱର, ବୀର ରାଜେନ୍ଦ୍ର, ଚୋଡ଼ଗଙ୍ଗ, ଗଙ୍ଗେଶ୍ୱର ଦେବ, ଭୂପଦେବ ପ୍ରଭୃତି ବିଭିନ୍ନ ନାମରେ ଭୂଷିତ ···ଯେଉଁ ରାଜେଶ୍ୱର ଗଙ୍ଗେଶ୍ୱର ମହାରାଜ, ରାଜାଧିରାଜ, ରାଜପରମେଶ୍ୱର, ପରମ ଭଟ୍ଟାରକ, ପରମ ମାହେଶ୍ୱର, ପରମ ବୈଷ୍ଣବ, ପରମ ବ୍ରାହ୍ମଣ, ତ୍ରିକଳିଙ୍ଗାଧିପତି ଉପାଧିଚୟ ନିମନ୍ତେ ଏକମାତ୍ର ସୁଯୋଗ୍ୟ ନୃପତି···ରଣ ବିଜୟ ପୂର୍ବରୁ ସେହି ରାଜେଶ୍ୱରଙ୍କର ଏତାଦୃଶ ଅହେତୁକ ଚିନ୍ତା ଶୁଭଙ୍କର ନୁହେଁ । ତେଣୁ ପରିହାର୍ଯ୍ୟ···

ଚୋଡ଼ଗଙ୍ଗ : ଚିନ୍ତା, ଚିନ୍ତା, ଚିନ୍ତା···ଶତଚେଷ୍ଟା କଲେ ମଧ୍ୟ ମୁଁ ଆପଣଙ୍କୁ ବୁଝାଇ ପାରିବି ନାହିଁ ରାଜପୁରୋହିତେ ସେ ଚିନ୍ତାର କାରଣ ।

ପୁରୋହିତ : କି କାରଣ ଥାଇପାରେ ରାଜେଶ୍ୱର ? ଏଇ ସଂଗ୍ରାମ ? ଏଇ ଯୁଦ୍ଧ ? ଭବିଷ୍ୟତର ଅନିଶ୍ଚିତତା ?

ପ୍ରହରୀ : (ପ୍ରବେଶ) ଚମୁପତି ଉପସ୍ଥିତ···

Digitized by srujanika@gmail.com

[ପ୍ରହରୀ ପ୍ରସ୍ଥାନ । ପ୍ରବେଶ କଲେ ଚମୂପତି]

ଗଙ୍ଗେଶ୍ୱରଗଙ୍ଗ : କେତେଦିନ ଧରି ଏ ଯୁଦ୍ଧ ଚାଲିବ ଚମୂପତି ?

ଚମୂପତି : ମହାରାଜ……

ଗଙ୍ଗେଶ୍ୱରଗଙ୍ଗ : ପଚାରୁଛି—କେବେ ସୁବର୍ଣ୍ଣକେଶରୀର ବ୍ୟୂହ ଭେଦ କରି ବଡ଼ାନାସୀ ଦୁର୍ଗରେ ପ୍ରବେଶ କରିବେ ଆମର ସୈନ୍ୟ ବାହିନୀ ?

ଚମୂପତି : ଶତ୍ରୁ ଦୁର୍ଗଦ୍ୱାର ବନ୍ଦକରି ତା ଭିତରେ ରହିବା ଦିନଠାରୁ ଆମର ସମସ୍ତ ଉଦ୍ୟମ ବିଫଳ ହୋଇଛି ପ୍ରଭୁ । କେଉଁ ଏକ ଅଦ୍ଭୁତ ଦୈବୀ ଶକ୍ତିରେ ବଳୀୟାନ୍ ଆମର ଶତ୍ରୁ । ଆମର ସୈନ୍ୟବଳ କ୍ଷୀଣ ହୋଇ ଆସିଲାଣି… ତଥାପି ଉଦ୍ୟମ ଅବ୍ୟାହତ ରହିଛି ।

ଗଙ୍ଗେଶ୍ୱରଗଙ୍ଗ : ତା'ହେଲେ କଣ କଳିଙ୍ଗ କଟକ ଫେରି-ଯିବାକୁ ହେବ ?

ଚମୂପତି : ପ୍ରଭୁ…

ଗଙ୍ଗେଶ୍ୱରଗଙ୍ଗ : ମୁଁ ବି ସ୍ଥିର କରି ପାରୁନାହିଁ କଣ କରିଯିବ । ଦ୍ୱିଧା ବିଭକ୍ତ ମନ ନେଇ ଅପେକ୍ଷା କରୁଛି । ଜାଣେନା କେବେ ହେବ ଏ ଅପେକ୍ଷାର ଶେଷ ।

ପୁରୋହିତ : ରାଜପୁରୋହିତର ପରାମର୍ଶ ରାଜେଶ୍ୱର…

ଗଙ୍ଗେଶ୍ୱରଗଙ୍ଗ : ଆଉ କି ପରାମର୍ଶ ?

ପୁରୋହିତ : ବିଷ୍ଣୁପଦୀ ମା' ଗଙ୍ଗାଙ୍କର ଆଶୀର୍ବାଦ ଛଡ଼ା ଅନ୍ୟ ପନ୍ଥା ନାହିଁ ରାଜେଶ୍ୱର । ତାଙ୍କୁ ହିଁ ସ୍ମରଣ କରନ୍ତୁ ।

Digitized by srujanika@gmail.com

(ରାଗ ଶ୍ରେଣୀ ବୃତ୍ତେ)

ଶୁଭ୍ର ମରକତ ଶୋଭା
ଅନୁପମ ମନ ଲୋଭା
ବଧୂ ମୁଖ ଜିଣି ଆଭା ମେନକା ସୁତା...
ବିଷ୍ଣୁ ପଦୁ ସମ୍ଭବିଲେ
ବିଷ୍ଣୁ ପଦୀ ନାମ ନେଲେ
ପାତାଳରେ ବିରାଜିଲେ ସୁରଗମାତା,
ଉଦ୍ଧରିଲେ ସଗର କୁଳ...
ଭଗୀରଥ ପାଇଥିଲେ ତପସ୍ୟା ଫଳ ॥୧॥

ଶଙ୍କର ଜଟା ଶୋଭିତା
ଜହ୍ନୁ ଆଶ୍ରମ ପ୍ଲାବିତା
ଦେବବ୍ରତଙ୍କର ମାତା ଶକ୍ତି ଆଧାର...
ପାପ ପ୍ରକ୍ଷାଳନକାରୀ
ପୁଣ୍ୟବନ୍ତୀ ଅଧିଶ୍ୱରୀ
ସର୍ବ ଜଗତ ବନ୍ଦିତା ଦେବୀ ପଯୂର
ଆରାଧିଲେ ହରିବ ବାଧା...
ଶଙ୍କଟର ପରିତ୍ରାଣ ସେହି ତୋ ସାହା ॥୨॥

ଚୋଡ଼ଗଙ୍ଗ : ଆରାଧନାର ଶେଷ ନାହିଁ । କିନ୍ତୁ ମୋ ଆକୁଳ ପ୍ରାର୍ଥନା ମା'ର ହୃଦୟକୁ ଏ' ପର୍ଯ୍ୟନ୍ତ ବିଗଳିତ କରି ପାରିନାହିଁ ।

ପୁରୋହିତ : ତଥାପି ସେଇହିଁ ଭରସା ।

ଚୋଡ଼ଗଙ୍ଗ : ହଁ, ସେଇହିଁ ଭରସା ।

ପ୍ରହରୀ : (ପୁଣି ପ୍ରବେଶ କରି) ସ୍ୱାମୁ...

ଚୋଡ଼ଗଙ୍ଗ : ପୁଣି କିଏ ?

ପ୍ରହରୀ : ଶିବର ରକ୍ଷକ ମହାଦଣ୍ଡ ପାଶ...

Digitized by srujanika@gmail.com

ଗୈଡ଼ଗଙ୍ଗ : ଉପସ୍ଥିତ କରାଅ । (ପ୍ରହରୀ ପ୍ରସ୍ଥାନ) ଏ' ସମୟରେ ମହାଦଣ୍ଡ ପାଶ କାହିଁକି ? (ମହାଦଣ୍ଡ ପାଶ ପ୍ରବେଶ କଲେ) କି ସମ୍ବାଦ ମହାଦଣ୍ଡ ପାଶ ?

ଦଣ୍ଡପାଶ : ଅଦ୍ଭୁତ ଘଟଣା ପ୍ରଭୁ...

ଗୈଡ଼ଗଙ୍ଗ : ଅଦ୍ଭୁତ ଘଟଣା !

ଦଣ୍ଡପାଶ : ନଦୀର କୂଳେ କୂଳେ ପହରା ଦେଉଥିଲେ ଆମ ଭଞ୍ଜ ସେନାମାନେ । ସେମାନେ ଦେଖିଲେ ଶତ୍ରୁ ଗଡ଼ଖାଇ ପ୍ରାଚୀରର ଏକ ଗୁପ୍ତଦ୍ୱାର ଦେଇ ଏ' ପାଖରେ ଜଣେ ଆସି ଉପସ୍ଥିତ ହେଲା । ସଙ୍ଗରେ ଏକ ଅଙ୍ଗରକ୍ଷୀ ସୈନିକ । ପ୍ରହରୀମାନେ ତାକୁ ଧରିବାକୁ ଯାନ୍ତେ ସେ କହିଲା—ମତେ ଧରିବା ଆବଶ୍ୟକ ନାହିଁ । ତୁମ ପ୍ରଭୁଙ୍କ ନିକଟରେ ମତେ ପହଞ୍ଚାଇ ଦିଅ । ମୁଁ ତାଙ୍କୁ ଦେଖା କରିବି ।

ଗୈଡ଼ଗଙ୍ଗ : ଶତ୍ରୁ ଶିବିରରୁ ଜଣେ କେହି ? ସନ୍ଧାନ ନେଇଛ ସେ କିଏ ? ସନ୍ଧାନ ନେଇଛ ସେ କଣ ଅସ୍ତ୍ର-ଶସ୍ତ୍ରରେ ସଜ୍ଜିତ କି ନୁହେଁ ?

ଦଣ୍ଡପାଶ : ନା ପ୍ରଭୁ, ନିରସ୍ତ୍ର ସେ । ପ୍ରକାଶିଲା—ତା ନାଁ । ବାସୁଦେବ ।

ଗୈଡ଼ଗଙ୍ଗ ବାସୁଦେବ ବାହିନୀପତି ! ସୁବର୍ଣ୍ଣ କେଶରୀଙ୍କର ତରୁଣ ଅମାତ୍ୟ ବାସୁଦେବ ବାହିନୀପତି !

ଦଣ୍ଡପାଶ : ହୋଇଥିବ ପ୍ରଭୁ...

Digitized by srujanika@gmail.com

ପୁରୋହିତ : ହୋଇଥିବ ନୁହେଁ, ନିଶ୍ଚୟ ସେଇଆ । କହି-
ନଥିଲି ପ୍ରଭୁ, ମଙ୍ଗଳମୟୀ ବସ୍ତୁପ୍ରଦାଙ୍କର
ଆଶୀର୍ବାଦ...

ଦଣ୍ଡପାଶ : ଉପସ୍ଥିତ କରାଇବ ପ୍ରଭୁ ?

ରୈବତଗଙ୍ଗ : ନା, ମୁଁ ନିଜେ ଯିବ । ମୁଁ ନିଜେ ଯାଇ ତାଙ୍କୁ
ସାକ୍ଷାତ କରିବ ।

[ରୈବତଗଙ୍ଗ ବାହାରିଗଲେ । ସଙ୍ଗେ
ସଙ୍ଗେ ଅନ୍ୟମାନେ ମଧ୍ୟ]

ସନ୍ଧ୍ୟା : ଏକ ପାଖେ ଏପରି ଯେ ନାଟକ ହୋଇଗଲା...
ଅନ୍ୟ ପାଖେ କେଶରୀ ଅନ୍ତଃପୁରେ ତାର
ପ୍ରତିଧ୍ୱନି ଉଠିଲା...ମହର୍ଷି ସତ୍ୟବନ୍ତ
ବାସୁଦେବ ନିରୁଦ୍ଦିଷ୍ଟ ବୋଲି ଖବର
ପାଇଲେ...ଅତିଶୀଘ୍ର ସେ ଯାଇ ମହାରାଜଙ୍କୁ
ସତ୍ୟାସତ୍ୟ ପଚାରିଲେ...

[ସୁବର୍ଣ୍ଣ କେଶରୀ ମଞ୍ଚକୁ ଆସିଲେ,
ପଛରେ ତାଙ୍କର ରାଣୀ ।]

ସୁବର୍ଣ୍ଣକେଶରୀ : କେଉଁ ସଂବାଦ ରାଣୀ ?

ରାଣୀ : ବାସୁଦେବ ନିରୁଦ୍ଦିଷ୍ଟ...

ସୁବର୍ଣ୍ଣକେଶରୀ : ଯଦି ସତ ହୋଇଥାଏ ?

ରାଣୀ : ଯଦି ସତ ହୋଇଥାଏ...ତା ହେଲେ କଣ...

ସୁବର୍ଣ୍ଣକେଶରୀ : ଏଥିରେ ବିଚଳିତ ହେବାର କିଛି ନାହିଁ
ରାଣୀ । ସମର ଲିପ୍ତ କୌଣସି ରାଜ୍ୟ ପକ୍ଷରେ
ଏପରି ଅନେକ ଅଚିନ୍ତ୍ୟ ଘଟଣା ଘଟିଥାଏ ।

Digitized by srujanika@gmail.com

ରାଣୀ : କିନ୍ତୁ...

ସୁବର୍ଣ୍ଣକେଶରୀ :

ଡରନା ଡରନା ମହାରାଣୀ ଗୋ
ବାସୁଦେବ ସେଠା ବିଷଧର ଫଣୀ ଗୋ ॥୦॥

ବଳେ ଲୁଚି ଅଛି ପର ନଷ୍ଟେ ଦିନେ ହେବଧରା
ସେଥିପାଇଁ ଚିନ୍ତା ନାହିଁ ଶୁଣ ରାଣୀ ଗୋ ॥୧॥

ପ୍ରଗୃହରି କରାଇ ଅଛି ତାହାକୁ ମୁଁ ପଠାଇଛି
ବୁଲିବ ସେ ଛଦ୍ମବେଶେ ଦେଶେ ପୁଣି ଗୋ ॥୨

କିଏ କେଉଁଠି କପଟ ରଜାର ହୁଏ ଭଗାରି
ସବୁ କଥା ଆସିବ ସେ ଜାଣି ଗୋ ॥ ୩ ॥

ଘରିଅଛି ପ୍ରାଣସିନ୍ଧ ପାଇଲେ ତାହାକୁ ମୁହିଁ
ଖଡ୍ଗରେ ତାହାର ଶିର ଦେବି ହାଣି ଗୋ ॥୪॥

(କଥା) ବୁଝିଲ ରାଣୀ, ସେ ବିଷୟରେ ତୁମେ ଚିନ୍ତା କର ନାହିଁ । ତାର ସମସ୍ତ ବ୍ୟବସ୍ଥା ମୁଁ କରି ସାରିଛି ।

[ଅଳ୍ପ ଦୂରରେ ନନ୍ଦିକା ଆସି ଠିଆ ହୋଇ ଥିବାର ଦେଖି ପାରି]

ରାଣୀ : କଣ ହେଲା ନନ୍ଦିକା ? କିଛି କହିବାକୁ ଚାହୁଁ ?

ନନ୍ଦିକା : ମୁଁ ବାପାଙ୍କୁ କିଛି ପଚାରିବାକୁ ଆସିଛି ।

ରାଣୀ : କଣ ପଚାରିବ ?

ନନ୍ଦିକା : ତୁମର ଜାଣି ଲାଭ ନାହିଁ । ପଚାରିବି ବାପାଙ୍କୁ । ଉତ୍ତର ଦେବେ ସେ ।

ରାଣୀ : କଣ ତୁମର ହୋଇଛି ? ଏ କେତେ ଦିନ ଲକ୍ଷ୍ୟ କରୁଚି, ତୁମେ ଅନ୍ୟମନସ୍କ । ଯେତେ-

Digitized by srujanika@gmail.com

ବେଳେ କଥାବାର୍ତ୍ତା କରୁଚ, ଯେମିତି ଆଉ କିଛି ଭାବୁଚ । କାହା ସହିତ କାର ମେଳ ନାହିଁ । କଣ ହୋଇଚି ତୁମର ?

ନନ୍ଦିକା : କହିଲିତ ସେସବୁ ତୁମର ଜାଣି ଲାଭ ନାହିଁ । କୌଣସି ଦିନ ତୁମେ ଦେଶର ଭଲମନ୍ଦ କଥା ଚିନ୍ତା କରି ନାହଁ । ତୁମେ ଯେ ଏକ ସ୍ୱତନ୍ତ୍ର ବ୍ୟକ୍ତି, ତୁମର ଯେ ଭଲ ମନ୍ଦ ଚିନ୍ତା କରିବାର ଅଛି ସେ କଥା କେବେ ତୁମ ମନକୁ ଆସି-ନାହିଁ । ରାଜନବରର ବିଳାସ ବ୍ୟସନ... କିପରି ସୁଖରେ ରହିବ, କିପରି ରାଜ୍ୟର ସବୁ ସଂପଦ, ଭୋଗ ଐଶ୍ୱର୍ଯ୍ୟ ପାଇଁ ଠୁଳ ହେବ, ସେଇଆଡ଼ିକି ରହିଚି ତୁମର ଏକମାତ୍ର କାମନା । ଛୁଇ ପଛି ସବୁଦିନେ ତୁମେ ରହି ଆସିଛ ବାପାଙ୍କ ପାଖେ ପାଖେ । ତୁମେ ରାଜସିଂହା-ସନର ଏକ ପ୍ରତିଧ୍ୱନି ମାତ୍ର ! ତୁମର ଏସବୁ ବୁଝି ଲାଭ କଣ ?

ସୁବର୍ଣ୍ଣକେଶରୀ : ମାଆଙ୍କ ପ୍ରତି ଏ’ ଅଭିଯୋଗ ଗୁଡ଼ି କଣ ପଚାରିବାର ଅଛି ପଚାର ମତେ ।

ନନ୍ଦିକା : ସେହି ନିରୀହ ପ୍ରହରୀ କାଳିଆ...କଣ ଥିଲା ତାର ଅପରାଧ ?

ସୁବର୍ଣ୍ଣକେଶରୀ : ନିରୀହ ପ୍ରହରୀ କାଳିଆ !

ରାଣୀ : କାହା କଥା କହୁଚ ନନ୍ଦିକା ?

ନନ୍ଦିକା : ସେମାନେ ଥିଲେ ଦୁଇ ଜଣ...କାଳିଆ ଆଉ ପଞ୍ଚୁଆ । ଜଣେ ଗାଆଁରେ ମାଛ ଧରୁ ଥିଲା...ବଢ଼େଇ କାମ କରୁଥିଲା । ଆଉ ଜଣେ ଚାଷ କରୁଥିଲା ।

Digitized by srujanika@gmail.com

ସୁବର୍ଣ୍ଣକେଶରୀ : କଣ କହିବାକୁ ଚାହଁ ? ଏମିତିତ ଅନେକ ପାଇକ ସୈନ୍ୟ ବାହିନୀରେ ପଶିଛନ୍ତି···

ନନ୍ଦିକା : ହଁ । ସେଇମାନଙ୍କ ଭିତରୁ ଏ ଦି'ଜଣ··· ଅନେକଙ୍କର ପ୍ରତିଭୂ···ଦୁଇଦିନ ତଳେ ସେମାନେ ପହରୀ ହେଉଥିଲେ ମୋ' ଉଆସ ବାହାରେ···

ସୁବର୍ଣ୍ଣକେଶରୀ : କଣ ହେଲା ? ପହରାରେ ତ୍ରୁଟି କରିଥିଲେ ? ସେ କଥାତ ତୁମେ ମୋତେ କହି ପାରିଥାନ୍ତ···

ନନ୍ଦିକା : ତ୍ରୁଟି ନୁହେଁ । ନିଷ୍ଠାର ସହିତ ସେମାନେ ନିଜର କର୍ତ୍ତବ୍ୟ ପାଳନ କରୁଥିଲେ ।

ସୁବର୍ଣ୍ଣକେଶରୀ : ତା ହେଲେ ଆଉ ହେଲା କଣ ?

ନନ୍ଦିକା : ସେଦିନ ରାତି ଅଧରେ ଉଆସ କୋଠା ଛାତ ଉପରେ ଠିଆ ହୋଇଥିଲି ମୁଁ···

ରାଣୀ : ରାତି ଅଧରେ ! ତୁମେ କୋଠା ଛାତ ଉପରେ ଠିଆ ହୋଇଥିଲ ନନ୍ଦିକା ?

ନନ୍ଦିକା : ଅପଲକ ଆଖିରେ କେତେ କଳ୍ପନା···କେତେ ଆଶା ନେଇ ଚାହିଁଥିଲି ଗୈରିଗଙ୍କ ଶିବିରକୁ । ସେଇ ଦୁଇଟି ପହରୀ ସୈନିକ ଶିଶୁପରି କୋମଳ ମନ ନେଇ ମୋ ପାଖକୁ ଆସିଲେ । ଅନେକ ସମୟ ମୋ ପାଖରେ ଛିଡ଼ା ହୋଇ ରହିଲେ । ଭୁଲିଗଲେ ଗାଁରୁ ଆସିଥିବା ଦୁଇଜଣ ପହରୀ ସୈନିକ ସେମାନେ । ମୁଁ ଭୁଲିଗଲି, ମୁଁ ରାଜ ନନ୍ଦିନୀ ନନ୍ଦିକା । ଅନେକ ସମୟ କଥାବାର୍ତ୍ତା ହେଲୁ । ସାଧାରଣ ମଣିଷର କଥା···ଜୀବନର କଥା···

Digitized by srujanika@gmail.com

ଅନେକ । ଏକାଠି ନାଚିଲୁ, ଗୀତ ଗାଇଲୁ, ଖେଳିଲୁ । କାଲି ସେମାନଙ୍କୁ ବାସୁଦେବଙ୍କ ନିର୍ଦ୍ଦେଶରେ କାଠଯୋଡ଼ି କୂଳ ଗଡ଼ଖାଇ ପାଖରେ ପହରାରେ ରଖା ଯାଇଥିଲା । ସେଇବାଟେ ଦେଇ ବାସୁଦେବ ଗୋଟିଏ ପ୍ରହରୀକୁ ସଙ୍ଗରେ ନେଇ ଚାଲି ଯାଇଛନ୍ତି ଅନ୍ୟ ପାଖକୁ ।

ସୁବର୍ଣ୍ଣକେଶରୀ : ଏ' ସବୁ ତୁମେ କଳ୍ପନାର କଥା କହୁଛ ଜେମା ?

ନନ୍ଦିକା : ଏ' ପାଖରେ ରହି ଯାଇଥିବା ପ୍ରହରୀକୁ ଆପଣ ଶୂଳି ଦେଇଛନ୍ତି । ବାସୁଦେବ ଚୋଡ଼ଗଙ୍ଗଙ୍କ ଶିବିରକୁ ଯାଇଛନ୍ତି ଏ ସମ୍ବାଦ ଯେପରି ପ୍ରଚାରିତ ନହୁଏ ସେଥିପାଇଁ ନିରୀହ କାଳିଆର ଜୀବନକୁ ଶେଷ କରି ଦେଇଛନ୍ତି ।

ରାଣୀ : କଣ କହିଲ ଜେମା ! ଚୋଡ଼ଗଙ୍ଗଙ୍କ ଶିବିରକୁ ଯାଇଛନ୍ତି ବାସୁଦେବ ?

ନନ୍ଦିକା : ଶାନ୍ତିର ବାର୍ତ୍ତା ନେଇ···ମୋର ନିମନ୍ତ୍ରଣ ନେଇ···

ରାଣୀ : ନନ୍ଦିକା !

ସୁବର୍ଣ୍ଣକେଶରୀ : ତୁମେ ଜେମାଙ୍କ କଥାରେ ବିଶ୍ୱାସ କରୁଛ ରାଣୀ ?

ନନ୍ଦିକା : ଅଦ୍ଭୁତ ଆପଣ ! ମୁଁ ଜାଣେ, ଏତେବଡ଼ ସତ୍ୟକୁ ପ୍ରକାଶ କରିବାର ସାହସ ଆପଙ୍କ ପାଖରେ ନଥିବ । ଏକଛତ୍ର ଶାସନର କୌଶଳ ଭିତରେ ସତ୍ୟ ପ୍ରକାଶ ଅପେକ୍ଷା

Digitized by srujanika@gmail.com

ସତ୍ୟର କଣ୍ଠରୋଧ କରିବା ପାଇଁ ଆପଣ ଅଧିକ ବ୍ୟଗ୍ର । ସେଇଥି ପାଇଁତ···

ରାଣୀ : ନନ୍ଦିକା !

ସୁବର୍ଣ୍ଣକେଶରୀ : ଜେମା !

ନନ୍ଦିକା : କୁହନ୍ତୁତ, ସେଇ ନଗରର ପାଇକଟିକୁ ଗୁପ୍ତରେ ହତ୍ୟା କରାଯାଇ ନାହିଁ ? ବାସୁଦେବ ଯାଇ ନାହାନ୍ତି ଗଙ୍ଗ ଶିବିରକୁ ?

ସୁବର୍ଣ୍ଣକେଶରୀ : ଅସମ୍ଭବ । ମାଆଙ୍କୁ ପଚାର···ତୁମକୁ ମୁଁ କହି ନଥିଲି ରାଣୀ, ବାସୁଦେବ ଛଦ୍ମବେଶରେ ଯାଇଛନ୍ତି ଗାଁ ଗାଁ ବୁଲି ସମ୍ବାଦ ସଂଗ୍ରହ କରିବେ ରାଜ୍ୟ ଭିତରେ କିଏ ଆମର ଶତ୍ରୁତା କରୁଛି···କଳନା କରିବେ ଅଧିକ ସୈନ୍ୟ ସଂଗ୍ରହର ସମ୍ଭାବନା···

ନନ୍ଦିକା : ମିଛ ସବୁ ମିଛ । ଗୋଟିଏ ମିଛକୁ ଆଉ ଗୋଟିଏ ମିଛ ଦେଇ ଆପଣ ଢାଙ୍କି ଦେବାକୁ ଚାହାନ୍ତି । କିନ୍ତୁ ମନେ ରଖନ୍ତୁ—ତାହା ସମ୍ଭବ ନୁହେଁ । ଆପଣଙ୍କର ସବୁ ମିଛର ଯାଚେରୀ ଭଙ୍ଗି ଚୂର୍ମାର୍ କରି ଦେବେ ଚୋଡ଼ଗଙ୍ଗ । ବିଶ୍ୱାସ ହେଉନି ? ବେଶ୍ ଅପେକ୍ଷା କରନ୍ତୁ ।

[ନନ୍ଦିକା କ୍ଷିପ୍ର ପଦରେ ବାହାରି ଗଲେ ।]

ରାଣୀ : ନନ୍ଦିକା···ନନ୍ଦିକା···

ସୁବର୍ଣ୍ଣକେଶରୀ : ଡାକ ଲାଭ ନାହିଁ ।

Digitized by srujanika@gmail.com

ରାଣୀ : ତା ହେଲେ, ଜେମା କଣ ଶେଷରେ ତୁମ ବିରୋଧରେ ବିଦ୍ରୋହ କଲେ ?

ସୁବର୍ଣ୍ଣକେଶରୀ : ତୁମ ଅଭିଧାନରେ ବିଦ୍ରୋହର ଅର୍ଥ କଣ ମୁଁ ଜାଣେନା । କିନ୍ତୁ ଜେମା ଯଦି ବିଦ୍ରୋହ କରିଥାନ୍ତି, ଉତ୍କଳ ସାମ୍ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ସେ ବିଦ୍ରୋହର ସଙ୍କେତ କେହି ପାଇବା ଉଚିତ ନୁହେଁ । ଯେମିତି, ସେ ପ୍ରହରୀକୁ ହତ୍ୟା କରିବାର ସମ୍ବାଦ କେହି ନପାଇବେ···

ରାଣୀ : ତା ହେଲେ, ନନ୍ଦିକାଙ୍କୁ କଣ ବନ୍ଦି କରା-ଯିବ ?

ସୁବର୍ଣ୍ଣକେଶରୀ : ତୁମର ଏ ପ୍ରଶ୍ନ ଶୁଣି ମୋତେ ହସ ମାଡୁଛି ରାଣୀ ।

(ଗୀତ—ରାଗ-ମୁଖାରୀ-ଆଡ଼ତାଳ)

ଯୋଷା ବରରେ !
ହସ ଲାଗେ ଶୁଣି ତୋର ଗୀରରେ
ଏଇ ଚତୁରତା ନେଇ
ପାଟରାଣୀ ହେଲୁ ତୁହି ମୋରରେ ॥୧॥

ଆନନ୍ଦନ ହୋଇ ଥିଲେ
କରିଥାନ୍ତି ଭିନ୍ନ ମନେ ମୁଁ ବିଗ୍ରହରେ
ଅବାଧ ସନ୍ତାନ ପାଇଁ
ବାସସ୍ଥାନ ହୋଇଥାନ୍ତା କାରାଗାରରେ ॥୧॥

ଏବେ କିନ୍ତୁ କଲେ ବନ୍ଦି
ରାଜ୍ୟସାରା ବିଦ୍ରୋହ ହେବ ପ୍ରଗ୍ଭରରେ
ଫଳେ ପ୍ରଜାକୁଳ କଣ୍ଠେ
ଦେଖାଦେବ ସମବେଦନାର ସ୍ୱରରେ ॥୨॥

Digitized by srujanika@gmail.com

ଶୁଣ ତେଣୁ ରସାଳସା
ରାଜନେମା ପାଇଁ ଯାହା ଦରକାରରେ
ସବୁରି ସନ୍ଦେହ କରି ନାଶ
ପାଇବ ସେ ସ୍ୱାଧୀନତା ଦ୍ୱାରରେ ॥୩॥

ଜାଣିଛତ ମଦାଳସା
ଥିଲେ ଦେବୀଦତ୍ତ ଜୈନମଣି ଶିରରେ
ପରିଜସ୍ନ ଅସମ୍ଭବ
ଅରି କରିବନି ରାଜ୍ୟ ଅଧିକାରରେ ॥୪॥

ନନ୍ଦିକାଙ୍କୁ ରଖିବି ମୁଁ
ନିଜ ପାଖେ ପାଖେ ନାହିଁ ଆମ ଡରରେ
ସୁବର୍ଣ୍ଣକେଶରୀ ରାଣୀ
ହରଷରେ ଆସ ଧରି ମୋର କରରେ ॥୫॥

(କଥା) ଆସ ରାଣୀ, ଜେମାଙ୍କର ମୁଁ ସମସ୍ତ
ବ୍ୟବସ୍ଥା କରି ଦେଉଛି ।

[ରାଜା ସୁବର୍ଣ୍ଣକେଶରୀ ଓ ରାଣୀ ବାହାରି
ଗଲେ—। କନ୍ସର୍ଟ ସମସ୍ତ ବାଦ୍ୟ ଧ୍ୱନି···
କନ୍‌ସାର୍ଟ ହୋଇ ସ୍ଥାନ ପରିବର୍ତ୍ତନର
ସୂଚନା ଦେଲା ।]

ସନ୍ଧି : ସୁଡ଼ଙ୍ଗର ଗୁପ୍ତ ଦ୍ୱାର ଦେଇ ମନ୍ତ୍ରୀ ବାସୁଦେବ
ବୈଦ୍ୟଙ୍କ ଶିବିରରେ ପ୍ରବେଶ ହୋଇଲେ···
ନୃପମଣି ନିଜେ ତାହାଙ୍କୁ ପାଛୋଟି ନେଲେ···
ଏହାକୁ ସୁଯୋଗ ବୋଲି ମନେ କରି
ଯଥା ଯୋଗ୍ୟ ଭାବେ ତାଙ୍କୁ ସମ୍ଭୋଳିଲେ···
ଏକାନ୍ତରେ ପାଖରେ ବସାଇ
ସମସ୍ତ ବୃତ୍ତାନ୍ତ ବୁଝିଲେ···
ତାହା ପରେ ଏହି ପରି ପ୍ରକାଶ କଲେ···

Digitized by srujanika@gmail.com

ଚୈତ୍ରଗଙ୍ଗ : ମୁଁ ଆପଣଙ୍କ ନିକଟରେ କୃତଜ୍ଞ ବାହ୍ମାପତି !

ବାସୁଦେବ : ତୁମ୍ଭେ ଯଦି ପ୍ରତିଶ୍ରୁତି ଭଙ୍ଗ ନକରନ୍ତି···

ଚୈତ୍ରଗଙ୍ଗ : ଅସମ୍ଭବ । ଜୀବନର ଶେଷ ରକ୍ତ ବିନ୍ଦୁ ବିନି-ମୟରେ ମଧ୍ୟ ସେ ପ୍ରତିଶ୍ରୁତି ଭଙ୍ଗ କରାଯିବ ନାହିଁ ।

ବାସୁଦେବ : ମୁଁ ମଧ୍ୟ ମୋର ପିତୃପୁରୁଷଙ୍କୁ ସ୍ମରଣ କରି ଶପଥ କରୁଛି···ତୁମ୍ଭେ ଉତ୍କଳର ସିଂହାସନ ଆରୋହଣ କରିବା ପରେ ଯେତେ ସମସ୍ୟା ଦେଖା ଦେବ ସେ ସବୁର ସମାଧାନ ପାଇଁ ନିଷ୍ଠାର ସହକାରେ, ପରମ ବିଶ୍ୱାସରେ ମୁଁ ତୁମ୍ଭଙ୍କୁ ସାହାଯ୍ୟ କରିବି ।

ଚୈତ୍ରଗଙ୍ଗ : ଉତ୍କଳର ଭାବୀ ପ୍ରଧାନ ସଚିବଙ୍କଠାରୁ ମୁଁ ଏହା ଅପେକ୍ଷା ଅଧିକ କିଛି ଆଶା କରି ପାରେନା ।

ବାସୁଦେବ : ତୁମ୍ଭେ !

ଚୈତ୍ରଗଙ୍ଗ : ଏଥିରେ ବିସ୍ମିତ ହେବାର କିଛି ନାହିଁ । ଜୟପୁରରାଜପୁରର ଏ' ସଙ୍କଟ ମୁହୂର୍ତ୍ତରେ ଆପଣ ଆସି ମୋତେ ଦେଇଛନ୍ତି ଶତ୍ରୁର ରଣ କୌଶଳର ସମସ୍ତ ଗୁପ୍ତ ତଥ୍ୟ···ଏ ସାହାଯ୍ୟର ପ୍ରତିଦାନ କଣ ଏତେ ନଗଣ୍ୟ ହେବା ଉଚିତ, ଯାହା ଆଜୀବନ ତାକୁ ସ୍ମରଣ କରି ରଖି ପାରିବ ନାହିଁ ?

ବାସୁଦେବ : ତୁମ୍ଭେ···

ଚୈତ୍ରଗଙ୍ଗ : ଆଲୋଚନା ପାଇଁ ଆଉ କଣ କିଛି ରହିଗଲା ବାହ୍ମାପତି ?

Digitized by srujanika@gmail.com

ବାସୁଦେବ : ନା ଗୁରୁ! ଆଲୋଚନା ନୁହେଁ, ବାସୁଦେବ ଏଣିକି କେବଳ ସେହି ଶୁଭ ଦିନକୁ ଅପେକ୍ଷା କରି ରହିଲା, ଯେଉଁ ଦିନ ତାର ଆନୁଗତ୍ୟକୁ ସେ ଯଥାର୍ଥ ପ୍ରମାଣିତ କରି ପାରିବ।

ଚୋଡ଼ଗଙ୍ଗ ସବୁ ସେଇ ମା'ର ଆଶୀର୍ବାଦ।

[ବାସୁଦେବ ପ୍ରଣାମ କରି ବାହାରି ଗଲେ। ଚିନ୍ତାମଗ୍ନ ଭାବେ ଚୋଡ଼ଗଙ୍ଗ ଶିବିରରେ ପଦଚାରଣ କରୁଥିଲେ। ପଶି ଆସିଲେ ବୟସ୍ୟ। ହାତରେ ଅନେକ ଚିଠିପତ୍ର···]

ଚୋଡ଼ଗଙ୍ଗ : ଅସମୟରେ ବୟସ୍ୟ···

ବୟସ୍ୟ : ଗୁରୁଙ୍କ କକ୍ଷରେ ସମୟ ଅସମୟରେ ପ୍ରବେଶ କରିବାର ଅଧିକାର କେବଳ ବୟସ୍ୟଙ୍କୁ ମିଳିଛି ଗୁରୁ।

ଚୋଡ଼ଗଙ୍ଗ : କିନ୍ତୁ ତାହା ଉଦ୍ଦେଶ୍ୟହୀନ ଭାବେ ହୋଇ ନଥିବ ନିଶ୍ଚୟ।

ବୟସ୍ୟ : ଗୁରୁ ଯେତେବେଳେ ରଣଯାତ୍ରା ଆରମ୍ଭ କଲେ ଗୁରୁଙ୍କର ସୈନ୍ୟ ସାମନ୍ତ ପାରିଷଦରେ ଆସିବା ଲାଗି ବହୁ ଲୋକ ସଜବାଜ ଧସାଧସି ହେଲେ···କେତେ ପାନ୍ତୁଲ, ରାମୁଲୁ, ଶାମୁଲୁ, ଗୌଡ଼ୁଲୁ, ସୌରୁଲୁ, ପାଉଲୁ, ବାଉଲୁ, ଠାଉଲୁ, ଆଉ ନାଉଲୁ। ଏ ଅଭାଗା ବୟସ୍ୟ କଥା ପଚାରେ କିଏ? ରାଜମାତା ଯେତେବେଳେ ଏକାନ୍ତରେ ମତେ ଡାକି କହିଲେ—"ବୟସ୍ୟ, ତୁମେ ପୁଅ ସାଙ୍ଗରେ

Digitized by srujanika@gmail.com

ଯାଅ ।” ମୋ ପିଳେହୃତ ପାଣି ହୋଇଗଲା ।
ମୁଁ କହିଲି—ସେ କାମ ମୋ ଦ୍ୱାରା ହୋଇ
ପାରିବ ନାହିଁ । କୁରାଢ଼ି, କାଙ୍କ, ଦାଆ,
କୋଦାଳ, କଣ୍ଟୁରୀ, ପନିକ, କୋରଣା,
ତାମ୍ପଣ ଧରି ମୁଁ ଯୁଦ୍ଧ କରି ପାରିବ ନାହିଁ ।

ଶ୍ରୋଡ଼ଗଙ୍ଗ : (ହସିହସି) ଯୁଦ୍ଧ ସବୁ ଏଇଥିରେ ହୁଏ ପରା···

ବୟସ୍ୟ : ମୋ ଜାଣିବାରେ ଯୁଦ୍ଧ ଆଉ କୋଉଥିରେ
ହୁଏନାତ ଶୁମ୍ଭ·····ଯୁଦ୍ଧ ବୋଇଲେତ
କାମୁଡ଼ିବା, ରାମ୍ପିବା, ଚିମୁଟିବା, ଆମ୍ପୁଡ଼ିବା
···ଏଇତ ଯୁଦ୍ଧ । ରାଜମାତା ମୋ କଥା ଶୁଣି
କହିଲେ—“ତମକୁ ଯୁଦ୍ଧ କରିବାକୁ ହେବ
ନାହିଁ । ଖାଇପିଇ ତେମେ ଖାଲି ସେଠି
ରହିବ···” ଖାଇବ···କଣ ଖାଇବକ ?
ବଗଡ଼ା ଭାତ, କୋଲଥ ସିଝା, ସାରୁ ମୋହରି,
ଖୁଦ କ୍ଷୀରି, କାଞ୍ଜିପାଣି ରସା, ଏହି ସବୁ
ଖାଇବ । “ଆଉ ପୁଅ ପାଖେ ପାଖେ ଥିବ ।
ତା ମନ ଦୁଃଖ ଯେମିତି ନହୁଏ ଦେଖିବ ।
ତମ କାମ ସେଇଆ ।”

ଶ୍ରୋଡ଼ଗଙ୍ଗ : ଦୁଃଖ ନୁହେଁ ବୟସ୍ୟ, ଖାଲି ଚିନ୍ତା···

ବୟସ୍ୟ : (ଗହଳି)

କଦଳୀ ଗଛର ପୁଆଲୋ
ସତ କହୁ ନାହୁଁ କିଆଁ ଲୋ···
ପୋଖରୀ ଘାଟରେ ଦେଉଳ ପେଟରେ
ବୁଢ଼ୀ ଅସୁରୁଣୀ ଫରୁଆ ଭିତରେ
ଦାଉ ଦାଉ ଜଳେ କିଆଁ ଲୋ··· ।

ଶ୍ରୋଡ଼ଗଙ୍ଗ : (ହସିହସି) କି କିଆଁ ବୟସ୍ୟ ?
କୋଉ କିଆଁ କଥା କହୁଚ ?

Digitized by srujanika@gmail.com

ବୟସ୍ୟ : (ପଦ୍ୟାକାରେ)

ମନ କୁତୁକୁତୁ ହେଲାଣି
ସେଇଥିପାଇଁ ମୋ ଭୁଲିଲେଣି···
ତୋ ପାଇଁ ଯାହା ମୁଁ ଆଣିଚି ଯତନରେ
ସାଇତି ରଖିଥା
ନେଉଚି ଏବେ ମୁଁ ମେଲାଣି·· ।

ଦ୍ରୌପଦୀଗଙ୍ଗ : (ସେମିତି ହସିହସି) କଣ ଆଣିଚ ବୟସ୍ୟ ?

ବୟସ୍ୟ : ଫୁଲ ଆଣିଚି ଜାତଜାତକା । ବାଇଡ଼ଙ୍କ, କନସିର, ସଜନା, ବାଇଗବା, କଖାରୁ, ନାଉ, ପୋକସୁଙ୍ଗା,······ଏଇ ଦେଖିବା ହେଉନ୍ତୁ ।

[ବୟସ୍ୟ କେତେ ଗୁଡ଼ିଏ ଚିତ୍ରପଟ୍ଟ ବାହାର କରି ଦ୍ରୌପଦୀଗଙ୍ଗଙ୍କ ହାତରେ ଧରାଇ ଦେଲେ ।]

ଦ୍ରୌପଦୀଗଙ୍ଗ : ଏତ ସବୁ ଚିତ୍ରପଟ୍ଟ । ମୋ ରାଣୀମାନଙ୍କର··· ମୋ ବାଗ୍‌ଦତ୍ତା ମାନଙ୍କର···

ବୟସ୍ୟ : (ଶେଷ ଚିତ୍ରପଟ୍ଟଟି ଦେଖାଇ) ଆଉ ଏଇଟି ?

ଦ୍ରୌପଦୀଗଙ୍ଗ : (ସହାସ୍ୟ ମୁଖରେ) କାହାର ଏ' ଚିତ୍ରପଟ୍ଟ ବୟସ୍ୟ ?

ବୟସ୍ୟ : (ହସି ହସି) ଆଖି ଲାଖି ଗଲାଣି ?

(ପଦ୍ୟାକାରେ) ନୂଆଚି ନା ଗୋଡ଼ ଢାଇଁଚା ଦଶୁଚି···
କମଳ ବନକୁ ଯାଇଥିଲି
ସେଠି ଯାହା ମୁଁ ପାଇଥିଲି
ସାଉଁଟି ଆଣିଚି ଅତି ଯତନରେ
ବନ୍ଧୁ ପାଦତଳେ ଥୋଇ ଦେଲି··· ।

Digitized by srujanika@gmail.com

ଚୋଡ଼ଗଙ୍ଗ : ପଚୃରଳ ପରା କାହାର ଏ' ଚିତ୍ରପଟ ?

ବୟସ୍ୟ : କାହାର ମୁଁ କହିବ ନାହିଁ । ଛାମୁ ଇଚ୍ଛା କଲେ ଜାଣିବା କଣ ଏତେ କଷ୍ଟ ହବ ? ତେବେ ହଁ, ଏଉଟିକୁ ଆମ ରାଜ ମହାରଣା ଆଙ୍କିଛି । ଯୁଦ୍ଧ ହେବା ଆଗରୁ ଛାମୁ ଯେତେବେଳେ ଶତ୍ରୁ ଘାଟୀର ନକ୍ସା ତିଆରି କରିବା ପାଇଁ ମହାରଣାଙ୍କୁ ଗୁପ୍ତରେ ଶତ୍ରୁ ରାଇଜକୁ ପଠାଇ ଥିଲେ···ସେତିକି ବେଳେ ମହାରଣା ଏଇ ଚମ୍ପା କଢ଼ୀଟିକୁ ଦେଖି ଥିଲେ । ଚିତ୍ରକର ଲୋକତ, ଏମିତି ଫୁଲତ ଦେଖି ନଥିଲେ, ଦେଖି ଦେଲେ ଯେମିତି, ଆଙ୍କି ଦେଲେ ସେମିତି ।

ଚୋଡ଼ଗଙ୍ଗ : ବାସ୍ତବିକ୍, ମନଲୋଭା ଏ' ରୂପ···

ବୟସ୍ୟ : ସେଇଥିପାଇଁ ପରା ଆଣିଲି । ପାଖରେ ଥାଉ । ମନ ଖରାପ ହେଇଗଲେ ଟିକିଏ ଟିକିଏ ଦେଖି ଦେବେ । ଚିନ୍ତା ଦୂର ହେଇଯିବ ।

ଚୋଡ଼ଗଙ୍ଗ : (ପ୍ରକୃତିସ୍ଥ ହୋଇ) ନା ବୟସ୍ୟ, ରଣ-କ୍ଷେତ୍ରରେ ନାରୀର ସ୍ଥାନ ନାହିଁ । ଏ' ଚିତ୍ର-ପଟକୁ ମୋ ସମ୍ମୁଖରୁ ନେଇ ଯାଅ । ମନକୁ ମୋର ବିଚଳିତ କରି ଦିଅ ନାହିଁ । ଯାଅ··· ମୁଁ କ୍ଳାନ୍ତ···ବିଶ୍ରାମ ନିଏ ।

[ଚୋଡ଼ଗଙ୍ଗ ଚାଲିଗଲେ]

ବୟସ୍ୟ : (ସ୍ୱଗତଃ) ଛାମୁ ମୋ ଉପରେ ରାଗିଲେକି ? ନା' ବା···ମୁଁ ତ ବୟସ୍ୟ, ମୋ ଉପରେ ପୁଣି ରାଗ କଣ ? ମୁଁ ବା ସେଥିପାଇଁ ଭୟ

Digitized by srujanika@gmail.com

କରିବ କାହିଁକି ? ମୋ ପାଇଁତ ସାତଖୁଣ୍
ମାଫ୍…କେମିତି ସାତଖୁଣ୍ ମାଫ୍ ?
ବୋଇଲା…ବଂଶନାଶ ବେଳେ ଘୋଡ଼ାମୁହାଁ
ପୁଅର ଯେମିତି ସାତଖୁଣ୍ ମାଫ୍…ଦେଶ
ନାରଖାର ହେଲା ବେଳେ ଯେମିତି ସାତଖୁଣ୍
ମାଫ୍ ଚୋର, ଡାକୁ, ବଜାରୀ, ଘୁସ୍ ଖୋର,
କଳାବଜାରୀଙ୍କର…ମୋର ସେମିତି ସାତଖୁଣ୍
ମାଫ୍ ।

[ବୟସ୍ୟ ବାହାରି ଗଲେ ।]

ସନ୍ଧି : ଏଥି ଅନ୍ତେ ଘଟିଲା ଯା ଶୁଣ ସାଧୁଜନ
ନରପତି ପ୍ରବେଶିଲେ ବିଶ୍ରାମ ସଦନ…
ବହୁକାଳ ବିତାଇଲେ ଆକୁଳ ଅନ୍ତରେ
ପୁଲକିତ ହେଲା ଦେହ ଅକୁହା ବ୍ୟଥାରେ…
ଅବଶେଷେ ବିଭାବରୀ ଅର୍ଦ୍ଧ ଯାମ ହେଲା
ନିଦ୍ରା ଦେବୀଙ୍କର ସ୍ନେହ ଆଶିଷ ମିଳିଲା…
ନିଦ୍ରାରେ ଦେଖିଲେ ରାଜା ଅଦ୍ଭୁତ ସପନ
ସପନରେ ଭିନ୍ନ ରୂପ ହେଲା ପ୍ରକାଶନ…
ସପନ ବିଭୋର ସଦା ବୟସ୍ୟେ ଡାକିଲେ
ଅନୁନୟକରି ମଧୁ ବାଣୀ ପ୍ରକାଶିଲେ…

[ସଙ୍ଗୀତ ଓ ଆଲୋକର ସୂଚନା
ମଧ୍ୟରେ ଆରମ୍ଭ ହେଲା ସ୍ୱପ୍ନ ଦୃଶ୍ୟ ।
ସ୍ୱପ୍ନରେ ରାଜା ଦେଖିଲେ ଏକ ଅପରୂପ
ସୁନ୍ଦରୀ ସେଠାରେ ଉପସ୍ଥିତ ହେଲେ
—କିନ୍ତୁ ରାଜା ଉଠିପଡ଼ି ପାଖକୁ
ଡାର ଗଲା ବେଳକୁ ସେ ସେଠାରୁ
ଲୁଚି ଗଲେ । ରାଜା ଅସ୍ଥିର ହୋଇ

Digitized by srujanika@gmail.com

ସେଇ ସ୍ୱପ୍ନରେ ବୟସ୍ୟଙ୍କୁ ଡାକି ସମସ୍ତ
କଥା କହିଲେ । ବୟସ୍ୟ ରାଜାଙ୍କ କଥା
ଶୁଣି ସେହି ସୁନ୍ଦରୀଙ୍କୁ ଆଣି ରାଜାଙ୍କ
ସହିତ ଭେଟ କରାଇ ସେଠାରୁ ଚାଲି
ଗଲେ । ରାଜାଙ୍କ ସହିତ ସେଇ
ସୁନ୍ଦରୀଙ୍କର କ୍ଷଣିକ ଭେଟ ପରେ—
ଉଭୟଙ୍କର ବାସ୍ତବ ମିଳନ ହେବା
ପୂର୍ବରୁ ସୁନ୍ଦରୀ ପୁଣି ସହସା ଅପସରି
ଗଲେ । ରାଜାଙ୍କର ସ୍ୱପ୍ନ ଭାଂଗି ଗଲା
ଆଉ ଏଇ ସ୍ୱପ୍ନ ପାଇଁ ସେ ବ୍ୟଥିତ
ବିଚଳିତ ହୋଇ ପଡ଼ିଲେ··· ।

ଏଇ ସ୍ୱପ୍ନ ଦୃଶ୍ୟଟି ମୂକାଭିନୟ ନୃତ୍ୟ
ଶୈଳୀରେ ଅଭିନୀତ ହେଉ ଥିବା
ସମୟରେ ତାହା ଗାୟକମାନଙ୍କ ଦ୍ୱାରା
ଗୀତରେ ବର୍ଣ୍ଣିତ ହେଉଥିବ ।]

ଗାୟକ : (ସ୍ୱପ୍ନ ଦୃଶ୍ୟ ସମୟରେ ଗୀତ···
ଆଜ ଦେଖିଲିରେ···
ନବୀନ ବୟସୀ ବାଳା···ବୃତ୍ତେ)

ଶୁଣ ବୟସ୍ୟରେ କମଳ ନୟନା ବାଳୀ···
ଲୁଚୁଇଛ କାହିଁ ବନ୍ଧୁ ବଦମାସ
ସେ ଯେ ମୋର ଗଳାମାଳ ॥୦॥

ଏତ ବିପରୀତ ନୁହିଁ ଉଚିତ
ଚତୁର ସାଥୀ ଭାଷଇ
ରଣାଙ୍ଗନେ କାହିଁ ସେନାପତି
ନିଜେ ରମଣୀ ସାଥି ଖୋଜଇ ॥୧॥

Digitized by srujanika@gmail.com

ସେନାପତି ଖାଲି ନୁହେଁ ମୁହିଁ ବନ୍ଧୁ
ପ୍ରଥମେ ପୁରୁଷବର
ଆକୁଳେ କହିଲେ ବିଧୁର ରାଜନ
କର ନାହିଁ ମତେ ପର ॥୨॥

ଶୁଣି ସେହି ବାଣୀ ଆଣିଲେ ବୟସ୍ୟ
ନବୀନା ବାଳାରେ ତହିଁ
କୋଟିକାମ ଜିଣା କରୀଗମନା ସେ
ଭୂମିରେ ରହିଲା ଚାହିଁ ॥୩॥

ଭେଟା ଭେଟି କରି ବୟସ୍ୟ ଚଳିଲେ
ନିଜର ଶୟନ ସ୍ଥାନ
ଏକାନ୍ତରେ ରାଜା ବାଳା କର ଧରି
ଉଷ୍ଣିତ କରିଲେ ମନ ॥୪॥

ବାହୁରେ କଷାଇ ହୃଦୟେ ରସାଇ
ପଲଙ୍କରେ ବସାଇଲେ
ଅତି ଆଦରରେ ଅକୁହା ବେଦନା
ରମା ବରେ ନିବେଦିଲେ ॥୫॥

ଅଳି ମନ ଡଳେ କୁସୁମ ପରାଗ
ମଧୁ ଶୁଷିବାର ଆଶେ
ଏହି ସମୟରେ ସହସା ସେଠାରୁ
ଅପସରି ଗଲା ଯୋଷା ॥୬॥

[ସ୍ୱପ୍ନ ଦୃଶ୍ୟ ଶେଷ ହେଲା । ବ୍ୟଥିତ ବିଚଳିତ ରାଜା ଚୋଡ଼ଗଙ୍ଗ···ସେଇ ସ୍ୱପ୍ନ ଭୁଲି ଯିବାପାଇଁ "ମା ଗଂଗା" ଉଚ୍ଚାରଣ କରି ଗଂଗାଙ୍କର ଆରାଧନା ଉଦ୍ଦେଶ୍ୟରେ ମୁଦ୍ରିତ ନୟନରେ ଧ୍ୟାନ ମଗ୍ନ ହେଲେ ।]

Digitized by srujanika@gmail.com

ସଙ୍ଗ : ସପନେ ଭୁଲିବା ଲାଗି ଗଙ୍ଗଦେବ,
ଛୁଇଁଦେବା ପରିମଳ···
ନୟନ ବୁଜିଲେ ଦେଖା ଆରାଧ୍ୟଙ୍କେ,
ପାଇବାକୁ ନବବଳ···
ଏହି ସମୟରେ ଘଟିଲା ଘଟଣା,
ଚିନ୍ତାର ବାହାରେ ଯାହା···
ସେହି କଥା ଏବେ ଦେଖ ସଭାଜନ,
ପ୍ରକାଶ କରୁଛୁ ତାହା···

[ଚୋଡ଼ଗଙ୍ଗଦେବ ମୁଦ୍ରିତ ନୟନରେ ଧ୍ୟାନରତ ଭାବେ ବସିଛନ୍ତି । ପଟି ଆସିଲେ ନନ୍ଦିକା···]

ନନ୍ଦିକା : ଗଙ୍ଗଦେବ···

ଚୋଡ଼ଗଙ୍ଗ : (ଧ୍ୟାନ ଭାଙ୍ଗିଗଲା ଯେମିତି) କିଏ ?

ନନ୍ଦିକା : ଆଖି ବୁଜିଥିଲେ କେହି କଣ କାହାକୁ ଦେଖି ପାରେ ?

ଚୋଡ଼ଗଙ୍ଗ : (ଆଖି ଖୋଲି) ଆପଣ···ଆପଣ···ଏ' କଣ ···ସ୍ୱପ୍ନ ନା ବାସ୍ତବ !

ନନ୍ଦିକା : ସବୁ ବାସ୍ତବ ସ୍ୱପ୍ନ ହୋଇ ପାରେ···କିନ୍ତୁ ସବୁ ସ୍ୱପ୍ନ ବାସ୍ତବ ହୋଇ ପାରେ ନାହିଁ । ଏ' କିନ୍ତୁ ସ୍ୱପ୍ନ ନୁହେଁ ବାସ୍ତବ ।

ଚୋଡ଼ଗଙ୍ଗ : (ତନ୍ମୟ ହୋଇ ନିରୀକ୍ଷଣ କରୁଥିଲେ) ଆପଣ ତା ହେଲେ···

ନନ୍ଦିକା : ନିରେଖୁଛନ୍ତି କଣ ? ଦେବୀ ନୁହେଁ ମାନବୀ ।

ଚୋଡ଼ଗଙ୍ଗ : ଆପଣ···ଆପଣ···

ନନ୍ଦିକା : ଚିହ୍ନି ପାରୁନାହାନ୍ତି ?

Digitized by srujanika@gmail.com

ଚୋଡ଼ଗଙ୍ଗ : ଚନ୍ଦ୍ରିକ ? ହଁ…(ଦ୍ୱନ୍ଦ୍ୱ ଓ ସନ୍ଦେହ ମଧ୍ୟରେ) ନା…ନା'ତ…

ନନ୍ଦିକା : ଦେଖି ନାହାନ୍ତି ମତେ କେଉଁଠି ?

ଚୋଡ଼ଗଙ୍ଗ : (ସେହି ଦ୍ୱିଧା) କେଉଁଠି…

ନନ୍ଦିକା : ବାରାଣସୀ କଟକ ଦୁର୍ଗର ଗଡ଼ଖାଇ ପାରେଖର ପର୍ଯ୍ୟବେକ୍ଷଣ ଗୃହରେ ମୁଁ ଛିଡ଼ା ହୋଇ ଥାଏ…ଦିନର ଲଢ଼େଇ ବେଳେ, ରାତିର ଶାନ୍ତ ଆକାଶ ତଳେ…ପ୍ରାସାଦର ଛାତ ଉପରେ…ଅପଲକ ନୟନରେ ଚାହିଁ ରହିଥାଏ ଗଜପତି ଗଙ୍ଗଦେବଙ୍କୁ…ଲକ୍ଷ୍ୟ କରୁଥାଏ ତାଙ୍କର ଶୌର୍ଯ୍ୟ ସ୍ପର୍ଶୀ ସମର କୌଶଳକୁ…

ଚୋଡ଼ଗଙ୍ଗ : ଆପଣ ତା ହେଲେ…ତା ହେଲେ…

ନନ୍ଦିକା : ହଁ, କେଶରୀ ନନ୍ଦିନୀ…

ଚୋଡ଼ଗଙ୍ଗ : ନନ୍ଦିକା !

ନନ୍ଦିକା : (ହସିହସି) ହଁ, ନନ୍ଦିକା ।

ଚୋଡ଼ଗଙ୍ଗ : (ବିଚଳିତ ଭାବରେ) କିନ୍ତୁ…କିନ୍ତୁ…

ନନ୍ଦିକା : କାହିଁକି ? ବାସୁଦେବ କିଛି କହି ନାହାନ୍ତି ନା କଣ ? ହୋଇପାରେ, ହୁଏତ କହି ନଥିବେ ମୁଁ ନିଜେ ଆସିବି ବୋଲି । କିନ୍ତୁ କୁହନ୍ତୁ ତ, କେତେ ଦିନ ମୁଁ ଆଉ ଅପେକ୍ଷା କରି ପାରିଥାନ୍ତି ?

ଚୋଡ଼ଗଙ୍ଗ : ଅପେକ୍ଷା ?

ନନ୍ଦିକା : ଅପେକ୍ଷା । ଆଉ କେତେ ହୋଇ ପାରେ ? କିଏ ଆଉ କରି ପାରିଥାନ୍ତା ?

Digitized by srujanika@gmail.com

ଚୈତ୍ରଗଙ୍ଗ : କିନ୍ତୁ, ଆପଣ ନିଜ ଗଡ଼ ଛାଡ଼ି ଶତ୍ରୁ ଶିବିରରେ !

ନନ୍ଦିକା : କିଏ ମୋର ଶତ୍ରୁ ? ଆପଣ ଗଙ୍ଗଦେବ ? ନା' ତ···ଆମରିତ କେବେ ଶତ୍ରୁତା ନଥିଲା । ଆପଣ ମୋତେ ଶତ୍ରୁ ମନେ କରୁଛନ୍ତି କାହିଁକି ? କି ଶତ୍ରୁତା ମୋଠାରେ ଦେଖିଲେ ?

ଚୈତ୍ରଗଙ୍ଗ : କିନ୍ତୁ ଆପଣ ଏ' ନିଶାର୍ଦ୍ଧରେ···

ନନ୍ଦିକା : ନା, ମୋର କୌଣସି ଅସୁବିଧା ହୋଇ ନାହିଁ । ଯେଉଁ ପଥ ଦେଇ ମୁଁ ବାସୁଦେବଙ୍କୁ ପଠାଇ ଥିଲି ସେଇ ପଥ ଦେଇ ଆସିଚି । ଆପଣଙ୍କ ପ୍ରହରୀ ସୈନ୍ୟମାନେ ମୋର କିଛି କ୍ଷତି କରି ନାହାନ୍ତି । ବିଶ୍ୱାସ କରନ୍ତୁ, ମୋତେ ମଧ୍ୟ ପଚାରି ନାହାନ୍ତି ମୁଁ କିଏ, କେଉଁଠୁ ଆସିଛି, କୁଆଡ଼େ ଯାଉଛି । ପଥର ମୂର୍ତ୍ତିପରି ସେମାନେ ଖାଲି ଚାହିଁ ରହିଛନ୍ତି ନିର୍ବାକ ଆଉ ଅପଲକ ଦୃଷ୍ଟିରେ । ନା ନା, ସେମାନେ ଅଚେତନ ନଥିଲେ । ସଚେତନ ଥିଲେ । ଜାଗ୍ରତ ଥିଲେ । କେତେ ଭଦ୍ର ସେମାନେ··· ବାପାଙ୍କୁ ମୁଁ ଠିକ୍ ଏଇ କଥା କହିଥିଲି । ଗଙ୍ଗଦେବ ଅନ୍ୟ ଉପାଦାନରେ ଗଢ଼ା । ମାନବିକତାର ପୂଜକ ସେ । କେଶରୀ ଶାସନର ନିର୍ମମ ରଥ ଚକ ତଳେ ପେଶି ହୋଇ ଯାଇଥିବା ପ୍ରଜାକୁଳ ପାଇଁ ମୁକ୍ତିର ମଶାଲ ଧରି ଆସିଛନ୍ତି ସେ···

ଚୈତ୍ରଗଙ୍ଗ : (ଅତ୍ୟନ୍ତ ବିଚଳିତ ହୋଇ) ମୁଁ କିଛି ବିଶ୍ୱାସ କରି ପାରୁ ନାହିଁ···

Digitized by srujanika@gmail.com

ନନ୍ଦିକା : କୋଉ କଥା ଅବିଶ୍ୱାସ କରୁଛନ୍ତି ? ଭାବୁଛନ୍ତି ପରା, ବାପା ଜୈତ୍ରମଣିର ଅଧିକାରୀ ବୋଲି ଅପରାଜିତ ? କିନ୍ତୁ, ମୁଁ ତ ତାକୁ ନେଇ ଆସିଛି !

ଚୋଡ଼ଗଙ୍ଗ : ଆପଣ ଜୈତ୍ରମଣି ନେଇ···

ନନ୍ଦିକା : ମୋ ପାଇଁ ଆଉ ଅନ୍ୟ ଉପାୟ କଣ ଥିଲା ? ଭାଙ୍ଗି ପଡ଼ୁଥିବା ଶାସନ ବ୍ୟବସ୍ଥା ବିରୋଧରେ ମୋର ଉତ୍ତେଜିତ ସ୍ୱର କାଳେ ପ୍ରଜାମାନେ ଶୁଣି ପାରିବେ, ସେଇଥିପାଇଁ ସେ ମତେ ପାଖେ ପାଖେ ରଖିଥିଲେ, ଆଉ ନିଜକୁ ଅପରାଜିତ ରଖିବାର ଦମ୍ଭ ନେଇ ଜୈତ୍ରମଣି ଲୁଚାଇ ରଖିଥିଲେ ଶିରସ୍ତାଣରେ । ସେଇ ଜୈତ୍ରମଣି ମୁଁ ଯଦି ଆଣି ନଥାନ୍ତି ତାହେଲେ ଆପଣ ମୋ ପ୍ରସ୍ତାବରେ ରାଜି ହୁଅନ୍ତେ କିପରି ? ମତେ ବିଶ୍ୱାସ କରନ୍ତେ କାହିଁକି ?

ଚୋଡ଼ଗଙ୍ଗ : ଆପଣଙ୍କ ପ୍ରସ୍ତାବ !

ନନ୍ଦିକା : ଅନୁମାନ କରି ପାରୁ ନାହାନ୍ତି ? ଜାଣି ପାରୁ ନାହାନ୍ତି କିଛି ?

ଚୋଡ଼ଗଙ୍ଗ : ଅନୁମାନ···ପାରୁଛି ପୁଣି ପାରୁନାହିଁ·· ସବୁ ଅନୁମାନ କଣ ଠିକ୍ ହୋଇ ପାରେ ? ସବୁ ସ୍ୱପ୍ନ କଣ ସତ୍ୟ ହୁଏ ? ଅନୁମାନ ନୁହେଁ, କୁହନ୍ତୁ କି ପ୍ରସ୍ତାବ ?

[ପଶି ଆସିଲେ ବୟସ୍ୟ]

ଚୋଡ଼ଗଙ୍ଗ : ଏ' ସମୟରେ ତୁମେ ବୟସ୍ୟ ?

ବୟସ୍ୟ : (ପହିଲି) ଛେନା ଭାଙ୍ଗି କଲି ଲଡ଼ୁ
ମୋ ରାଗ ବେଳକୁ ପଡ଼ିଛି ଭେଣ୍ଡିଆ
ଘୃତରେ ଭାଙ୍ଗିବ ଖଡ଼ୁ ।

Digitized by srujanika@gmail.com

ଗୈଡ଼ଟଙ୍କ : ବୟସ୍ୟ···

ବୟସ୍ୟ : (ପଦ୍ୟ) ମାଆଲୋ ମଲ୍ଲୀ କେତେ ବେହେଲା
ରେଇଁ ଶୋଇଥିବ ଯିଏ,
ତାକୁ ଉଠେଇବ କିଏ ?

ଗୈଡ଼ଟଙ୍କ : (ବାଧାଦେଇ) ବୟସ୍ୟ···

ବୟସ୍ୟ : ସେଇ ଚନ୍ଦପଟ । କହ ନଥିଲ ଗୁମ୍ଫ ?

(ପଦ୍ୟ) ଚମ୍ପାଫୁଲ ପରି ଗୋରୀ···
ଚମ୍ପାଫୁଲ ଠାରୁ ବଡ ସୁନ୍ଦରୀ
ଦେଖି ପେଟ ଯିବ ପୂରି ।

(କଥା) ମୁଁ କଣ ଆଉ ପାଖରେ ଆଉ ଶୋଇ ପାରନ୍ତି କି ଗୁମ୍ଫ ? ଏପାଖରେ ଫୁସ୍‌ଫାସ୍, ଭୁଟ୍‌ଭାଟ୍, ଝୁଡ୍‌ଝାପ୍ ଶୁଣି ଗୁଡ଼ିଆଁକର ଉଠି ପଡ଼ିଲି ପରା ! (ନନ୍ଦିକାଙ୍କୁ ଭଲ କରି ଦେଖି) ଅବିକଳ ସେଇ ଚନ୍ଦପଟତ ଗୁମ୍ଫ···

ନନ୍ଦିକା : କୋଉ ଚନ୍ଦପଟ ? କାହା କଥା କହୁଛନ୍ତି ବୟସ୍ୟ ?

ଗୈଡ଼ଟଙ୍କ : ବୟସ୍ୟଙ୍କ କଥା ବୟସ୍ୟଙ୍କୁ ଜଣା । କୋଉ କଥାରେ କଣ ତାଙ୍କର ଠିକ୍ ଠିକଣା ଥାଏ ?

ବୟସ୍ୟ : କେମିତି ରହିବ ଗୁମ୍ଫ ? କାମତ ଖେଳ— ହସେଇବା, ରସେଇବା, ମଜେଇବା, ସଜେଇବା, ଭଜେଇବା, ଯେତେସବୁ ଇବା··· ଇବା···ଇବା··· । ସେଥିରେ କୋଉ କଥା କାହା ପାଖରେ ଠିକ୍ ରହିବ କେମିତି ?

Digitized by srujanika@gmail.com

[ନନ୍ଦିକା ଓ ଚୋଡ଼ଗଙ୍ଗ ଆମୋଦରେ ହସୁଥାନ୍ତି ।]

ଚୋଡ଼ଗଙ୍ଗ : ହେଲା । ଏବେ ତୁମେ ଯାଅ ବୟସ୍ୟ । ମନଟା ଟିକିଏ ଶାନ୍ତରେ···

ବୟସ୍ୟ : ହେଲା···ହେଲା···ହେଲା । ଯେତେ ଶାନ୍ତରେ ···ଯେତେ ସୁବିଧାରେ···ଯେତେ ନିରୋଳାରେ ଭାବନ୍ତୁ···ଚିନ୍ତନ୍ତୁ···ହେଜନ୍ତୁ··· ।

(ପହଳ) ବହଳ ଖିରସା ପାଣି
କଥାଟି ରଖିଥା ଜାଣି···
କଉଡ଼ି ନେବୁଲେ ଗଣି,
ପିଇବୁ ପାଣିଲେ ଛାଣି··· ।

[ବୟସ୍ୟ ବାହାରି ଗଲେ ।]

ଚୋଡ଼ଗଙ୍ଗ (ପୂର୍ବ କଥାର ଖିଅ ଧରି) ଆପଣଙ୍କର ପ୍ରସ୍ତାବ ···ଆପଣଙ୍କର ପ୍ରସ୍ତାବ···

[ଗମ୍ଭୀର ଚିନ୍ତାମଗ୍ନ ଭାବେ ଚୋଡ଼ଗଙ୍ଗ ଘରେ ଏଣେ ତେଣେ ବୁଲିବାକୁ ଲାଗିଲେ । ଦେଖାଗଲା ଯେମିତି କଛୁ ସ୍ଥିର କରି ପାରୁ ନାହାନ୍ତି । ସେ ବସି ପଡ଼ିଲେ ।]

ନନ୍ଦିକା : ଏତେ କଣ ଭାବୁଛନ୍ତି ଗଙ୍ଗଦେବ ?

ଚୋଡ଼ଗଙ୍ଗ : (ଅସହାୟ ଭାବେ ନନ୍ଦିକାଙ୍କ ମୁହଁକୁ ଚାହିଁ) ଭାବୁଛି···ନା । ଭାବିପାରୁ ନାହିଁ···କଣ ଠିକ୍ କଣ ଭୁଲ୍··· ।

Digitized by srujanika@gmail.com

ନନ୍ଦିକା : ଆପଣଙ୍କର ଭୁଲ୍ ? ନା, ଆପଣ ଯାହା କରିବେ ସବୁ ଠିକ୍ । ଆପଣ ପରା ଗଙ୍ଗଦେବ···

ଚୋଡ଼ଗଙ୍ଗ : (ହଠାତ୍ ଉଠିପଡ଼ି ଡାକିଲେ) ପ୍ରହରୀ··· ପ୍ରହରୀ···

[ପ୍ରବେଶ କଲା ପ୍ରହରୀ]

ଚୋଡ଼ଗଙ୍ଗ : ରାଜନନ୍ଦିନୀଙ୍କୁ ନେଇ ଯାଅ । ସ୍ୱତନ୍ତ୍ର ଶିବିରରେ ତାଙ୍କର ରହିବାର ବ୍ୟବସ୍ଥା କର । ରାଜନନ୍ଦିନୀଙ୍କର ଯେକୌଣସି ଅସୁବିଧା ମୋର ନିଜର ଅସୁବିଧା ବୋଲି ମନେ କରିବ ।

ନନ୍ଦିକା : ଗଙ୍ଗଦେବ !

[ନନ୍ଦିକା ବିସ୍ମୟ ବିସ୍ଫାରିତ ଚକ୍ଷୁରେ ଚୋଡ଼ଗଙ୍ଗଙ୍କୁ ଚାହିଁଲେ । ଓଠରେ ହସ ···ଚୋଡ଼ଗଙ୍ଗ ତାର ଉତ୍ତର ଦେଲେ ସ୍ମିତ ହାସ୍ୟରେ]

ଚୋଡ଼ଗଙ୍ଗ : ଆସନ୍ତୁ ରାଜ ନନ୍ଦିନୀ । ପରେ ସାକ୍ଷାତ ହେବ ।

[ନନ୍ଦିକା ଓ ପ୍ରହରୀ ଚାଲି ଗଲେ । ଚୋଡ଼ଗଙ୍ଗ ପୁଣି ଚିନ୍ତାମଗ୍ନ ଭାବରେ ପଦଚାରଣ କଲେ । ଅନ୍ୟ ଏକ ପ୍ରହରୀ ପଶି ଆସି ସମ୍ବାଦ ଦେଲା ।]

ପ୍ରହରୀ : ଚମୂପତି ଶିବିର ଦ୍ୱାରଦେଶେ ଉପସ୍ଥିତ ।

ଚୋଡ଼ଗଙ୍ଗ : ଆସନ୍ତୁ ।

[ପ୍ରହରୀ ଚାଲିଗଲା । ପ୍ରବେଶ କଲେ ଚମୂପତି ।]

Digitized by srujanika@gmail.com

ଚମୂପତି : ପ୍ରଭୁ !

ଜ୍ୟେଷ୍ଠଗଙ୍ଗ : କଣ ହେଲା ଚମୂପତି ?

ଚମୂପତି : ଏକ ଅଚିନ୍ତ୍ୟ ସମ୍ବାଦ ନେଇ ମୁଁ ଉପସ୍ଥିତ ପ୍ରଭୁ ।

ଜ୍ୟେଷ୍ଠଗଙ୍ଗ : ଅଚିନ୍ତ୍ୟ ସମ୍ବାଦ ! ଅଚିନ୍ତ୍ୟ ? ମୋ ପାଇଁ ପୁଣି ଅଚିନ୍ତ୍ୟ ? ଏତେବି କିଛି ଅଛି ମୋ ଚିନ୍ତାର ବାହାରେ ? କେଉଁ କଥା ମୁଁ ଭାବୁ ନାହିଁ ? ଏ ପାଖ···ସେ ପାଖ, ଅତୀତ···ବର୍ତ୍ତମାନ, ବର୍ତ୍ତମାନ···ଭବିଷ୍ୟତ, ଭବିଷ୍ୟତ ପୁଣି ତା ସହିତ ଅତୀତର ସମ୍ପର୍କ···ବନ୍ଧୁ ଦିଗ, ବନ୍ଧୁ ବିଚାର···

ଚମୂପତି : ତଥାପି ପ୍ରଭୁ, ଯାହା କେବେ ଏ' ଦୀର୍ଘ ଯୁଦ୍ଧ ଯାତ୍ରା ଭିତରେ ଘଟି ନଥିଲା ସେଇ କଥା ଆଜି ଆମ ସୈନ୍ୟମାନଙ୍କ ଭିତରେ ଦେଖା ଦେଇଛି ।

ଜ୍ୟେଷ୍ଠଗଙ୍ଗ : (ହଠାତ୍ ନରମ ଖୋଳ ଭାଙ୍ଗି ସେ ବିସ୍ଫୋରଣ କରି ଉଠିଲେ) ମୋ ସୈନ୍ୟମାନଙ୍କ ଭିତରେ ଦେଖା ଦେଇଛି ? କଣ ଦେଖା ଦେଇଛି ? ବିଦ୍ରୋହ ? ମୋ ସୈନ୍ୟମାନଙ୍କ ଭିତରେ ବିଦ୍ରୋହ ?

ଚମୂପତି : ବିଦ୍ରୋହ ନୁହେଁ ପ୍ରଭୁ, ଯାହା ବିଦ୍ରୋହ ଠାରୁ ଆହୁରି ଭୟଙ୍କର ।

ଜ୍ୟେଷ୍ଠଗଙ୍ଗ : (ଚିତ୍କାର କରି ଉଠିଲେ) ଚମୂପତି !

ଚମୂପତି : ନିଷ୍କ୍ରିୟତା···

Digitized by srujanika@gmail.com

ବୃଦ୍ଧଗଙ୍ଗ : (ଅସହିଷ୍ଣୁ ଭାବରେ) ନିଷ୍କ୍ରିୟତା, ଶିଥିଳତା, ବିଦ୍ରୋହ···ଏକାକଥା, ଏକାକଥା । ମୋ ସୈନ୍ୟମାନଙ୍କ ମଧ୍ୟରେ···କିପରି, କାହିଁକି ?

ଚମୂପତି : ବାହିନୀପତିଙ୍କ ସହିତ ଉତ୍କଳରୁ ଆସିଥିବା ସେଇ ପାଇକ···

ବୃଦ୍ଧଗଙ୍ଗ : କଣ ହେଲା !

ଚମୂପତି : ତା ଗତିବିଧିରେ କୌଣସି ନିୟନ୍ତ୍ରଣ ରଖା ଯାଇ ନାହିଁ ।

ବୃଦ୍ଧଗଙ୍ଗ : ସ୍ୱାଭାବିକ । ସେ ବାସୁଦେବଙ୍କର ପ୍ରହରୀ ।

ଚମୂପତି : ସେଇ ସୁଯୋଗରେ ସେ ଆମ ସୈନ୍ୟମାନଙ୍କ ସହିତ ଅବାଧ ମିଳାମିଶା କରୁଛି ।

ବୃଦ୍ଧଗଙ୍ଗ : ଜାଣେ···

ଚମୂପତି : ମଣିଷ ମଣିଷ ଭାଇ···ଅହିଂସା ପରମ ଧର୍ମ··· ଏଇ ସବୁ ଧାରଣା ସେ ଆମ ସୈନ୍ୟମାନଙ୍କ ମଧ୍ୟରେ ପୂରାଇ ଦେଲାଣି ।

ବୃଦ୍ଧଗଙ୍ଗ : (କଣ ଭାବୁଥିଲେ) ହୁଁ···

ଚମୂପତି : ବହୁଦିନ ଧରି ଆମ ସୈନ୍ୟମାନେ ପରିବାର ଠାରୁ ଦୂରେଇ ରହିଲେଣି । ମା, ଭଉଣୀ, ସ୍ତ୍ରୀ···

ବୃଦ୍ଧଗଙ୍ଗ : ଏମାନେ ମନେ ପଡ଼ିଲେଣି·····ତେଣୁ ନିଷ୍କ୍ରିୟତା, ଦୁର୍ବଳତା···ଅର୍ଥାତ୍ ନୀରବ ବିଦ୍ରୋହ···

ଚମୂପତି : ସେଇ ପାଇକ ଏ' ସବୁର ମୂଳ କାରଣ । ସ୍ୱାମୀ ଯଦି ଆଦେଶ ଦିଅନ୍ତେ···

Digitized by srujanika@gmail.com

ଚୈତ୍ରଗଙ୍ଗ : କି ଆଦେଶ ?

ଚମୂପତି : ସେଇ ମୂଳ କାରଣଟିକୁ ଦୂର କରିଦେଲେ···
ସେଇ ପାଇକକୁ···

ଚୈତ୍ରଗଙ୍ଗ : ଗୋପନରେ ?

ଚମୂପତି : ହଁ, ଗୋପନରେ ।

ଚୈତ୍ରଗଙ୍ଗ : ତା ହେଲେ ବାସୁଦେବ ବାହିନୀ ପତି କଣ କରିବେ ?

ଚମୂପତି : (ବୁଝି ନପାରି) ବାହିନୀପତି···

ଚୈତ୍ରଗଙ୍ଗ : ଶତ୍ରୁର ସମର ପ୍ରସ୍ତୁତିର ବହୁ ଗୋପନୀୟ ତଥ୍ୟ ବାହିନୀପତି ଆମକୁ ଯୋଗାଇ ଦେଇଛନ୍ତି ।

ଚମୂପତି : ଜାଣେ ପ୍ରଭୁ । ଆମକୁ ସାହାଯ୍ୟ କରିବାକୁ ସେ ଏ ପାଖକୁ ଚାଲି ଆସିଛନ୍ତି ।

ଚୈତ୍ରଗଙ୍ଗ : କିନ୍ତୁ କି ପ୍ରମାଣ ଯେ ସେ ନିଶ୍ଚିତ ଭାବେ ଆମକୁ ସାହାଯ୍ୟ କରିବେ ? କି ପ୍ରମାଣ ଯେ ସେ ଆମକୁ ଯୋଗାଇ ଥିବା ଗୋପନ ତଥ୍ୟ-ମାନ ମିଥ୍ୟା ନୁହେଁ ?

ଚମୂପତି : ପ୍ରଭୁ !

ଚୈତ୍ରଗଙ୍ଗ : ବାହିନୀପତିଙ୍କୁ ତାଙ୍କ ଆନୁଗତ୍ୟ ପ୍ରମାଣ କରି-ବାକୁ ହେବ ।

ଚମୂପତି : ପ୍ରଭୁ !

ଚୈତ୍ରଗଙ୍ଗ : ବାହିନୀପତିଙ୍କୁ ସମ୍ବାଦ ଦିଅ···ମୋ ସହିତ ସାକ୍ଷାତ କରିବେ । ବିଶ୍ୱସ୍ତ ଚମୂପତି ଯାହା କରନ୍ତେ, ଆଗନ୍ତୁକ ବାହିନୀପତି ତାହା କରି ପାରିବେ କି ନାହିଁ, ତାର ଉପରେ ନିର୍ଭର

Digitized by srujanika@gmail.com

କେଶବ ତାଙ୍କର ପ୍ରତିଶ୍ରୁତି ଓ ଆନୁଗତ୍ୟର
ସତ୍ୟତା ।

[ଚମୂପତି ସମ୍ମାନ ଜଣାଇ ନିଷ୍କ୍ରାନ୍ତ
ହୋଇଗଲେ ଓ ଚୋଡ଼ଗଙ୍ଗ ମଧ୍ୟ
ଅନ୍ୟ କକ୍ଷକୁ ଚାଲି ଗଲେ ।]

ସନ୍ଧ : ଚମୂପତି ବାସୁଦେବଙ୍କୁ ଡକାଇଲେ···
ସମ୍ବାଦ ପାଇ ବାସୁଦେବ ରାଜ ଶିବିରରେ
ଉପସ୍ଥିତ ହେଲେ···
ଗଜପତିଙ୍କଠାରୁ ସମସ୍ତ ବୃତ୍ତାନ୍ତ ଶୁଣିଲେ···
ନିଜ ଅଙ୍ଗରକ୍ଷୀଙ୍କୁ ନିଜ ଶିବିରରେ ନଥିବା
ଦେଖି ଖୋଜି ବାହାରିଲେ···
ଅବଶେଷରେ ଏକ ବଟବୃକ୍ଷ ମୂଳେ ତାଙ୍କୁ
ପାଇଲେ···
ପାଖରେ ତାଙ୍କର କେତେକ ଗଙ୍ଗ ସୈନ୍ୟ
ଉପସ୍ଥିତ ଥିଲେ···
ବାହିନୀପତି ବୃକ୍ଷ ଅନ୍ତରାଳରେ ଥାଇ ସେ-
ମାନଙ୍କୁ ଲକ୍ଷ୍ୟ କଲେ···

[ପଞ୍ଜୁଆକୁ କେନ୍ଦ୍ର କରି ଚୋଡ଼ଗଙ୍ଗ-
ଙ୍କର କେତେକ ସୈନ୍ୟ ଗୀତ ବୋଲୁ
ଥିଲେ ଏବଂ ନାଚୁଥିଲେ । ତାର
ଭିତରେ ଘର କଥା ମଧ୍ୟ ମନେ ପକାଉ
ଥିଲେ]

ସୈନ୍ୟମାନେ :

(ଗୀତ—କେଶର କୁଞ୍ଜ ଶେଯରେ—ବୃତ୍ତ)

ଭଦ ଭଦଳିଆ ପର
ଛେନାସୁର ଢଆ-ଛୁଞ୍ଚ ପତର
ଯାଏ ମିତରେ ! ମନେ ପଡ଼ୁଲାଣି ଘର ॥୧॥

Digitized by srujanika@gmail.com

ଗେଣ୍ଡାଳିଆ ଗଲା ଉଡ଼ି
ଗଜଗମନା ମୋ ହେବଣି ବୁଢ଼ୀ
ବନ୍ଧୁ ବରରେ ! କରୁ ଖସିବଣି ଚୂଡ଼ୀ ॥୨॥

ପଖାଳ କଂସାକୁ ଚାହିଁ
କଣ୍ଠ ଦେଇ ବନ୍ଧୁ ଆସିଲେ ନାହିଁ
ସଖା ମୋରରେ ! ଭଲୁଥିବ ସୁନା ମୁହିଁ ॥୩॥

ମଥା ପାଇଁ ମଥା ମଣି
ଗୋଡ଼କୁ ଝୁଣ୍ଟିଆ ମୋ ନେଉଛାଣି
ସହଚରରେ ! କହିଥିଲ ଦେବ ଆଣି ॥୪॥

ଦସ୍ତୁଣା ଗଛର ଗୁଇ
ଦସ୍ଥାକର ଏବେ ହଅ ବତାଇ
ନୂଆ ମିତରେ ! ପାଇବୁ କେସନେ ଚାହି ॥୫॥

ପଞ୍ଚୁଆ : ବୃକ୍ଷମଧେ ବାର ବର...
କହିଥିଲ ଯାହା ମେଇଆ କର
ଭାଇ ମୋରରେ ! ଶୀଘ୍ର ନେଉଛିବ ଘର ॥୬॥

୧ମ ସୈନ୍ୟ : ପଞ୍ଚୁଆ ଭାଇ ଦେଉଛ ରାହା...

୨ୟ ସୈନ୍ୟ : ଶୂଳରେ ଏବେ କରିବା ତାହା...

[ସୈନ୍ୟମାନେ ନିଜନିଜର ଅସ୍ତ୍ରଶସ୍ତ୍ର ଆଣି ଗୋଟିଏ ସ୍ଥାନରେ ଠୁଳ କରୁଥିଲେ ଏବଂ ସମସ୍ତେ ମିଳିତ କଣ୍ଠରେ ଗାଉଥିଲେ ।]

ସୈନ୍ୟମାନେ :
ରଣର ହୁଙ୍କାରେ ଅସ୍ତ୍ରର ଝଙ୍କାର
କରିବାନ ଆଜ କରବାନ ।

Digitized by srujanika@gmail.com

ଢାଲ ତରବାରି ଧାରୁଆ କଟାରି
ଧରିବାନି ଆଉ ଧରିବାନି ।
ମିଛ ଲଢ଼ାଇରେ ଆନର କଥାରେ
ମାଡ଼ିବାନି ଆଉ ମାଡ଼ିବାନି ।
ନିଜ ଭାଇ ମଥା ହୋଇ ସମରଥା
କାଟିବାନି ଆଉ କାଟିବାନି ।
ବିବେକ ବିରୁଦ୍ଧରେ ଅନ୍ଧ ସମରରେ
ପଶିବାନି ଆଉ ପଶିବାନି ।

[ବାସୁଦେବ ଆଉ ଅପେକ୍ଷା କରି ପାରିଲେନି । ସେ ଅନ୍ତରାଳରୁ ବାହାରି ଆସିଲେ ।]

ପଞ୍ଚୁଆ : ଆପଣ ଆଜ୍ଞା ! ଏଠି···

ବାସୁଦେବ : କଣ ଏ'ସବୁ ହେଉଚି ?

ପଞ୍ଚୁଆ : କଣ···? (ବୋକାଙ୍କ ପରି ହସି ହସି) ଆଉ ଲଢ଼େଇ ହବନି । ଏମାନେ ଗାଁକୁ ଫେରି-ଯିବେ । ମୁଁ ବି ଆମ ଗାଁକୁ ଚାଲି ଯିବି । ମୋ ପାନ ବରଜ···ଙ୍କର ବଣି···(ହଠାତ୍) କଣ କହିବେ ?

ବାସୁଦେବ : ହଁ, ମୋ ସାଙ୍ଗରେ ଆ ।

[ବାସୁଦେବ ନୀରବରେ ଆଗେଇ ଗଲେ । ପଞ୍ଚୁଆ ତାଙ୍କର ଅନୁସରଣ କଲା । ଅନ୍ୟ ସୈନ୍ୟମାନେ ଥୁଆ ହୋଇଥିବା ଅସ୍ତ୍ରଶସ୍ତ୍ର ଏକାଠି କରି ନେଇ ମଂଚରୁ ବାହାରି ଗଲେ]

Digitized by srujanika@gmail.com

ମନ୍ତ୍ରୀ : କିଛି କାଳ ଏହାପରେ ହେଲା ଅବସାନ
ସ୍ଥିର କରି ନ ପାରିଲେ କର୍ତ୍ତବ୍ୟ ରାଜନ ।
ଏକ ପାଖେ ମନଲୋଭା ସପନ ସୁନ୍ଦରୀ,
ଆନ ପାଖେ ଉଦ୍ଭା ଯିଏ ସେ ନାରୀ ବଇରୀ ।
ଏକ ପାଖେ ପୁରୁଷର ମନ ସୁଚଞ୍ଚଳ···
ଆନ ପାଖେ ରାଜ ଶକ୍ତି ଆକାଂକ୍ଷା ପ୍ରବଳ ।
ବିପରୀତ ମୁଖୀ ଦୁଇ ଭାବନାର ସୁଅ,
ରାଜନେ ଅସ୍ଥିର କଲା ସଂଘର୍ଷର ଦାହ ।

ଗାୟକ : ସଂଘର୍ଷ ଅନଳେ ସେ ନରପତି
ହୈମବତୀ ପଦେ ଲଗାଇ ମତି
ସମାଧାନ ପାଇଁ ହେଲେ ବାହାର
ରମଣୀ ବରେ ଡକାଇ ସତ୍ୱର
ଭାଷିଲେ କୋମଳ ଗିର ଯେ,
କେଉଁ ପ୍ରସ୍ତାବ ସେ କରନ୍ତୁ ପ୍ରକାଶ
ସନ୍ଦେହ କରନ୍ତି ଦୂର ଯେ ।

[ଶ୍ରେଷ୍ଠରଙ୍ଗ ନର୍ତ୍ତନ କକ୍ଷରେ ପଦ
ଚାରଣ କରୁଥିଲେ । ପଶି ଆସିଲେ
ନନ୍ଦିକା]

ଶ୍ରେଷ୍ଠରଙ୍ଗ : କୁହନ୍ତୁ ଆପଣଙ୍କ ପ୍ରସ୍ତାବ···

ନନ୍ଦିକା : ଶାନ୍ତି ।

ଶ୍ରେଷ୍ଠରଙ୍ଗ : ଶାନ୍ତି ? ସନ୍ଧି ନୁହେଁ ?

ନନ୍ଦିକା : ଶାନ୍ତିର ଅନ୍ୟ ନାଁ ସନ୍ଧି ନୁହେଁ ? ଶାନ୍ତି ନ
ହେଲେ କେତେ ରକ୍ତପାତ···ପ୍ରଜାକୁଳର
କେତେ ନିର୍ଯ୍ୟାତନା···ସେମାନେ ଜାଣନ୍ତି
ନାହିଁ ଏ ଯୁଦ୍ଧ କାହିଁକି ହେଉଛି···ଜାଣନ୍ତି
ନାହିଁ, କେଉଁ ଅପରାଧରେ, ଯିଏ ପ୍ରିୟଜନ

Digitized by srujanika@gmail.com

ହୋଇ ପାରନ୍ତା···ସେ ହେଉଛି ଶକ୍ତି । ସେମାନେ ଜାଣନ୍ତି ନାହିଁ କେତେବେଳେ କାହାର ଶିର ଭୂଲୁଣ୍ଠିତ ହେବ···ସବୁ ଯେମିତି ସେମାନଙ୍କ ପାଇଁ ଭାଗ୍ୟର ବିଡ଼ମ୍ବନା ।

ଗୈଡ଼ଗଙ୍ଗ : ହଁ, ସବୁ ଭାଗ୍ୟର ବିଡ଼ମ୍ବନା !

ନନ୍ଦକା : (ଆନନ୍ଦରେ) ମୁଁ ଜାଣେ, ଆପଣହିଁ ସେହି ଶକ୍ତି, ଯାହାଠି ଧ୍ୱନିତ ହେବ ମୋ ଅନ୍ତରର ପ୍ରତିଧ୍ୱନି । ବାସୁଦେବ ମୋତେ ଠିକ୍ କହି-ଥିଲେ । ମୁଁ ଦୂରରୁ ଠିକ୍ ସେଇଆ ଲକ୍ଷ୍ୟ କରିଥିଲି । ସେଇ ଉନ୍ନତ ଶିର···ଶାନ୍ତ କୋମଳ ସନ୍ୟାସୀର ମୂର୍ତ୍ତି···ଅପରୂପ ତେଜ···

[ଗୈଡ଼ଗଙ୍ଗ ନିଜକୁ ଲକ୍ଷ୍ୟ କରୁଥିଲେ ଏବଂ ନନ୍ଦକାଙ୍କର ଉଦ୍ଦେଶ୍ୟ କଣ ବୁଝିବାକୁ ଚେଷ୍ଟା କରୁଥିଲେ]

ଗୈଡ଼ଗଙ୍ଗ : ମୋର···? ମୁଁ···?

ନନ୍ଦକା : ଶକ୍ତି ଆଉ ଶାନ୍ତିର ଅପୂର୍ବ ମିଳନ । ଆପଣ ହିଁ ସେହି ସୁମହାନ୍ ବ୍ୟକ୍ତି, ଯିଏ ଉତ୍କଳକୁ ଦେବ ନୂତନ ଜୀବନ ।

ଗୈଡ଼ଗଙ୍ଗ : ଉତ୍କଳକୁ ! ନିଜକୁ ନୁହେଁ ?

ନନ୍ଦକା : ନିଜକୁ···? ଗଙ୍ଗପତି ! ଆପଣ କହିଲେ ନିଜକୁ ?

Digitized by srujanika@gmail.com

ଚୋଡ଼ଗଙ୍ଗ : (ସଂଘର୍ଷ ଜର୍ଜରିତ କଣ୍ଠରେ) କହିଲ ନଜକୁ ? ନା ନା···ଉତ୍କଳକୁ । ଆପଣ ଠିକ୍ କହୁଛନ୍ତି···ଉତ୍କଳକୁ । ମୋର ଶକ୍ତି··· ଯୌବନର ଶକ୍ତି···ବୃଦ୍ଧ ରାଜାଙ୍କର ଯୁବତୀ କନ୍ୟାର ଆଖିରେ ଆରୋପିତ ମୋର ସ୍ୱପ୍ନ ସାମର୍ଥ୍ୟ···ଅଥଚ, ଅଥଚ···ମୁଁ···

[ଚୋଡ଼ଗଙ୍ଗ ଅସ୍ଥିର ହୋଇ ପଡ଼ିଲେ]

ନନ୍ଦିକା : ଦ୍ୱନ୍ଦ୍ୱ···କ ଦ୍ୱନ୍ଦ୍ୱ ଗଙ୍ଗଦେବ ?

[ଚୋଡ଼ଗଙ୍ଗ ଚେଷ୍ଟା କରି ନିଜକୁ ସଂଯତ କରି ନେଲେ ।]

ଚୋଡ଼ଗଙ୍ଗ : ନା, ଦ୍ୱନ୍ଦ୍ୱହୀନ ମୁଁ । ସ୍ଥିର···ସବୁ ସ୍ଥିର ହୋଇ ଯାଉଛି । କଳ୍ପନା ଓ ସଂଘର୍ଷର ଦ୍ୱନ୍ଦ୍ୱ ଦୂରୀଭୂତ ହୋଇଛି । ସବୁ ସମାଧାନ ହୋଇ ଯାଇଛି ।

ନନ୍ଦିକା : ତା ହେଲେ ଆଉ ବିଳମ୍ବ କାହିଁକି ?

[ନନ୍ଦିକା ପାଟ୍ଟେଟି ନେବା ଭଙ୍ଗୀରେ ଚୋଡ଼ଗଙ୍ଗଙ୍କ ଆଡ଼କୁ ହାତ ବଢ଼ାଇଲେ ।]

ଚୋଡ଼ଗଙ୍ଗ : ରାଜ ନନ୍ଦିନୀ !

ନନ୍ଦିକା : ଆସନ୍ତୁ, ରାତିର ଅନ୍ଧକାର ଭିତରେ ଗୁପ୍ତ ଦ୍ୱାର ଦେଇ ବଡ଼ାନାସୀ କଟକରେ ପ୍ରବେଶ କରିବା ।

ଚୋଡ଼ଗଙ୍ଗ : ଆପଣ ଆଉ ମୁଁ···

Digitized by srujanika@gmail.com

ନନ୍ଦିକା : ସକାଳର ନୂତନ ସୂର୍ଯ୍ୟର ପ୍ରଥମ ରଶ୍ମିରେ
ଆମେ ଘୋଷଣା କରିବା···
ଦେଶବାସୀ ଏବେ ଶୁଣ,
ଆସିଅଛୁ ଆମେ ଭାଙ୍ଗି ଶୃଙ୍ଖଳ ଯେ
ନଭେଗ ଆଉ କଷଣ···ଭାଇ ମୋରରେ ॥୧॥

କେଶରୀ ମୂଲକ ମସୀ,
ଲଲାଟରୁ ପୋଛ ଶଙ୍କା ନରଖି ଯେ
ଖଣ୍ଡିକିବ ଚୂର୍ଣ୍ଣ ଶଶୀ···ଭାଇ ମୋରରେ ॥୨॥

ମୁକତ ମଶାଲ ଧର,
ଆବାହନ କର ଆଗାମୀ ଯୁଗ ଯେ
ନୂଆ ପଥ ଅନୁସର···ଭାଇ ମୋରରେ ॥୩॥

ଚୋଡ଼ଗଙ୍ଗ : ତା ହେଲେ ଆପଣ ଆଉ ମୁଁ ରାତିର ଅନ୍ଧ-
କାର ଭେଦ କରି ଖୋଲିପିବା ସେଇ ଗୁପ୍ତ
ଦ୍ୱାର ଦେଇ ବଢ଼ାନାସୀ କଟକକୁ ?

ନନ୍ଦିକା ରାତି ହେଲେ ଅବସାନ,
ଗୋଟିଏ ଡାଳରେ ଦୁଇଟି ଫୁଲ ଯେ
ଶୋଭା ହେବ ଉପବନ···ଭାଇ ମୋରରେ ॥୪॥

ଦୁଇ ମନେ ଏକ କଥା,
ଏକ ଲକ୍ଷ୍ୟ ରଖି କରିବୁ ଗତି ଯେ
ଦୂର ହେବ ତୁମ ବ୍ୟଥା···ଭାଇ ମୋରରେ ॥୫॥

ଚୋଡ଼ଗଙ୍ଗ : ଆପଣ ଆଉ ମୁଁ···ହାତ ଧରାଧରି ହୋଇ
ଚାଲି ଥିବୁ···ଲକ୍ଷ୍ୟ କେଶରୀ ସିଂହାସନ··· !

ନନ୍ଦିକା : ହଁ ଗଙ୍ଗଦେବ, ହଁ । ଏକ ନୂତନ ରାଷ୍ଟ୍ର
ବ୍ୟବସ୍ଥା ପାଇଁ ଯେଉଁଠି ରାଜତନ୍ତ୍ରର କଳଙ୍କ
ନଥିବ · ଯେଉଁଠି ମାନବିକତାର ଚେତନାରେ

Digitized by srujanika@gmail.com

ପ୍ରଜାକୁଳର ହେବ ସାମୂହିକ ବିକାଶ···
ଯେଉଁଠି ରହିବ ନାହିଁ ଶୋଷିତ ଆଉ
ଶୋଷକ···କ୍ଷମତାର ଶକ୍ତି ଯେଉଁଠି ଶାସନର
ଦୋହାଇ ଦେଇ ନିରସ୍ତ୍ରକୁ, ନିରୀହକୁ, ଦୁର୍ବଳକୁ,
ନିଃସ୍ୱକୁ କରିବନି ଭୟ ଶଙ୍କିତ···। ଆଃ···
କି ସୁନ୍ଦର ହେବ···ମୋର ଆଜୀବନ ବାଞ୍ଛା···
ସ୍ୱପ୍ନର ସେହି ଅଭ୍ୟର୍ଥନାରେ ସମଗ୍ର ନଗର-
ବାସୀ···ବିଶ୍ୱାସ କରନ୍ତୁ···ସମଗ୍ର ନଗର-
ବାସୀ ଉଚ୍ଛ୍ୱସିତ ପୁଲକରେ ଉନ୍ମତ୍ତ ହୋଇ
ଉଠିବେ। ପାଛୋଟି ନେବେ ଆପଣଙ୍କୁ ସ୍ୱର୍ଣ୍ଣ
ବିଭୂଷିତ କେଶରୀ ସିଂହାସନକୁ।

ଚୋଡ଼ଗଙ୍ଗ : (ତାଚ୍ଛଲ୍ୟରେ) ଆଉ ମୁଁ ହେବି ଉତ୍କଳର ଅଧିପତି।

ନନ୍ଦିକା : ହଁ ଗଙ୍ଗଦେବ···ହଁ। ବିନା ରକ୍ତପାତରେ, ବିନା ସଂଗ୍ରାମରେ ଆପଣ ହେବେ ଉତ୍କଳର କର୍ଣ୍ଣଧାର, ଜନତାର ଦିଗ୍‌ଦ୍ରଷ୍ଟା।

ଚୋଡ଼ଗଙ୍ଗ : (ତାଚ୍ଛଲ୍ୟରେ ହସି ହସି) ମନ୍ଦ ପ୍ରସ୍ତାବ ନୁହେଁ! ଶତ୍ରୁ ସୁବର୍ଣ୍ଣକେଶରୀଙ୍କର କନ୍ୟା ନନ୍ଦିକାଙ୍କର ଦୟାର ପାତ୍ର ହେବ, ଚୋଡ଼ଗଙ୍ଗ ଦେବ··? ଅନୁଗ୍ରହରେ ତାଙ୍କର ଚୋଡ଼ଗଙ୍ଗ ଉତ୍କଳର ଅଧୀଶ୍ୱର···

ନନ୍ଦିକା : (ବିସ୍ମୟରେ) ଗଙ୍ଗଦେବ!

ଚୋଡ଼ଗଙ୍ଗ : (ନିଜର ଯନ୍ତ୍ରଣାରେ ନିଜେ ଛଟପଟ ହୋଇ ଅଥଚ ସେଇ ଯନ୍ତ୍ରଣାକୁ ଚାପି ରଖି) ରାଜ-ନନ୍ଦିନୀ! ଜୀବନରେ ଅନେକ ସମୟ ଆସେ ଯେତେବେଳେ ସ୍ୱପ୍ନକୁ ସତ୍ୟ ବୋଲି ମନେ

Digitized by srujanika@gmail.com

କରିବାରେ ଆନନ୍ଦ ଥାଏ···କିନ୍ତୁ ମୋ'ପରି ଆଉ କାହା ଜୀବନରେ ଏପରି ମୁହୂର୍ତ୍ତ ଆସି ନାହିଁ ଯେତେବେଳେ ସତ୍ୟକୁ ସ୍ୱପ୍ନ ବୋଲି ଭାବିବା ଛଡ଼ା ତାର ଆଉ ଅନ୍ୟ ଉପାୟ ନଥିବ ।

ନନ୍ଦିକା : ତା'ମାନେ ଆପଣ ମୋତେ ବିଶ୍ୱାସ କରିପାରୁ ନାହାନ୍ତି ?

ଚୋଡ଼ଗଙ୍ଗ : ବିଶ୍ୱାସ ଅବିଶ୍ୱାସର ପ୍ରଶ୍ନ ନାହିଁ । ପ୍ରଶ୍ନ ବାସ୍ତବ ଅବାସ୍ତବର । କିପରି ବାସ୍ତବ ହେବ ଯେ, ଶକ୍ତିର ପରିଚୟ ନ ଦେଇ ସିଂହାସନ ଲାଭ କଲେ ତାହା ରକ୍ଷା କରି-ଯାଇ ପାରିବ ?

ନନ୍ଦିକା : ଶକ୍ତି ? କେଉଁ ଶକ୍ତି କଥା ଆପଣ କହୁଛନ୍ତି ?

ଚୋଡ଼ଗଙ୍ଗ : ବିନାଶକ୍ତି ପରିଚୟରେ ରାଜ୍ୟ ଶାସନ କଣ ସମ୍ଭବ ? ସ୍ୱୀକାର କରିବେ ତାଙ୍କୁ ଦେଶବାସୀ ? ଗ୍ରହଣ କରିବେ ତାଙ୍କୁ ପ୍ରଜାକୁଳ ?

ନନ୍ଦିକା : ସ୍ୱୀକାର କରିବେ ନାହିଁ ? ଗଙ୍ଗଦେବଙ୍କର ଅଭିଯାନ ଯଦି ହୁଏ ଶାନ୍ତି ମୈତ୍ରୀର ଅଭି-ଯାନ···ପ୍ରଜାକୁଳ ତାଙ୍କୁ ଗ୍ରହଣ କରିବେ ନାହିଁ ?

ଚୋଡ଼ଗଙ୍ଗ : ନା ।

ନନ୍ଦିକା : ନା ?

ଚୋଡ଼ଗଙ୍ଗ : ନା । ପ୍ରଜାକୁଳ ଚିରଦିନ ପୂଜା କରିଚି ଶକ୍ତିକୁ । ଶୋଷିତ ଚିରଦିନ ଗ୍ରହଣ କରିଚି ଶକ୍ତିର ଅଭିଯାନକୁ ।

Digitized by srujanika@gmail.com

ନନ୍ଦିକା : ତାହେଲେ କଣ ସବୁ ମିଛ ? ସବୁ ସ୍ୱପ୍ନ ? ସବୁ କଳ୍ପନା ? ଗଙ୍ଗଦେବଙ୍କର ଉପାଦାନ ଭିନ୍ନ ନୁହେଁ ? ଏକା···ସେଇ ଏକା··· ଯାହା ସୁବର୍ଣ୍ଣ କେଶରୀଙ୍କର···ଯାହା ଅନ୍ୟ ଶାସକଙ୍କର···

ଚୋଡ଼ଗଙ୍ଗ : ରାଜ୍ୟ ଶାସନ ପାଇଁ ଶକ୍ତିର ଉପାଦାନହିଁ ସର୍ବଶ୍ରେଷ୍ଠ ଉପାଦାନ । ସୁବର୍ଣ୍ଣକେଶରୀ ମୋର ଶତ୍ରୁ । କିନ୍ତୁ ଶକ୍ତିର ପ୍ରତିଷ୍ଠା ପାଇଁ ତାଙ୍କ ଉଦ୍ୟମକୁ ମୁଁ କେବେ ଅସମ୍ମାନ କରିନାହିଁ । ତାଙ୍କର ସେହି ଉପାଦାନ ମତେ ବଳ କଠିନ କରିଛି । ଗୋଟିଏ ଶକ୍ତି ଯଦି ଅନ୍ୟ ଶକ୍ତିକୁ ପରାଜିତ କରେ, ତେବେ ସେଇ ବିଜୟୀ ଶକ୍ତିକୁ ସ୍ୱୀକାର କରିବେ ଅନ୍ୟମାନେ । ଏଇତ ଶାସନର ଚିରାଚରିତ ଗତି ···ପଦ୍ଧତି । ସେଇ ପରିକଳ୍ପନା ନେଇ ଚୋଡ଼ଗଙ୍ଗ ଆସିଛି ସ୍ଥାପନ କରିବାକୁ ନୂତନ ସାମ୍ରାଜ୍ୟ । ସେଇ ପରିକଳ୍ପନାର ଅଙ୍ଗୀଭୂତ ମନ୍ଦାର ଦୁର୍ଗ ଅଧିକାର···ଉତ୍ତର ଗଡ଼, ଦକ୍ଷିଣ ଗଡ଼ ଜୟ କରିବାର ଆକାଂକ୍ଷା··· ସେଇ ପରିକଳ୍ପନାରେ ସ୍ଥାପନ କରିବାକୁ ପଡ଼ିବ ସାମ୍ରାଜ୍ୟ, ଗୋଦାବରୀ ଠାରୁ ଗଙ୍ଗା ପର୍ଯ୍ୟନ୍ତ ।

ନନ୍ଦିକା । (ଅସହ୍ୟ ଯନ୍ତ୍ରଣାରେ) ତାହେଲେ ଆପଣ··· ସେଇ ଚୋଡ଼ଗଙ୍ଗ ନୁହନ୍ତି ? ବାସୁଦେବ ମୋତେ ଯାହା କହିଥିଲେ, ସବୁ ମିଛ ? ସବୁ ମନ ଗଢ଼ା ? ଭିନ୍ନ ଖୋଲ ରୂପରେ,

Digitized by srujanika@gmail.com

ବୟସରେ, କୌଶଳରେ, ପଦ୍ଧତିରେ ?
ବାସୁଦେବ···ବାସୁଦେବ···

[ନନ୍ଦିକା ବାହାରି ଚାଲି ଯାଉଥିଲେ]

ଚୈତ୍ରଗଙ୍ଗ : (ଅଟକାଇ) ବାସୁଦେବ କଣ କରିବେ ?

ନନ୍ଦିକା : ମୁଁ ତାଙ୍କୁ ପଚାରିବି—ତୁମେ ମୋତେ ମିଛ କହିଥିଲ ବାସୁଦେବ । ମୁଁ କଣ ତେବେ ପ୍ରତାରିତ ହୋଇ ଯାଇଛି ? ମୋର ଚିନ୍ତା··· ମୋର ସ୍ୱପ୍ନ···ମୋର ବିଶ୍ୱାସ···(ବିକଳ କଣ୍ଠରେ) ଆଃ, କଣ ସବୁ ହୋଇଗଲା ? ମୁଁ କିଛି ଭାବି ପାରୁନାହିଁ···ସବୁ ଯେମିତି ଓଲଟି ପାଲଟି ହୋଇ ଯାଉଚି···ଜୀବନର ଲକ୍ଷ୍ୟ, କଳ୍ପନା, ଆକାଂକ୍ଷା, ବିଶ୍ୱାସ, ଆଃ···

ଚୈତ୍ରଗଙ୍ଗ : (ସାନ୍ତ୍ୱନା ଦେବା କଣ୍ଠରେ) ରାଜନନ୍ଦିନୀ !

ନନ୍ଦିକା : ନା ନା, ମୁଁ କିଛି ଭାବି ପାରୁନାହିଁ, କିଛି ଚିନ୍ତା କରି ପାରୁନାହିଁ । ମତେ ଟିକେ ଶାନ୍ତିରେ···

[ନନ୍ଦିକା ଦୁଇ ହାତରେ ମୁହଁ ଘୋଡ଼ି ବସି ପଡ଼ିଲେ । ଚୈତ୍ରଗଙ୍ଗ ନିରୁପାୟ ଭାବେ ଶିବିରରୁ ବାହାରି ଗଲେ ।]

ଗାୟକ :

(ଗୀତ···ରାଗ—ମରୁଆ—ତାଳ ଝିଂଟା)

ଅର୍ଦ୍ଧାରେ !

ଶିରେ କର ଦେଇ ଜେମାମଣି ବସିରହି
କି ଅଛି ତାହାର ଭାଗ୍ୟରେ···
ଚାହିଁଥିଲା ଯାହା ମନ
ତାହା କି ହୋଇଲା ଆନରେ···

Digitized by srujanika@gmail.com

ସୁବର୍ଣ୍ଣ ଲତା ରାଜବନିତା
ଶରୀର ଖଟରେ ଥରେ···
ବିଷାଦ ହେଲା ଘନୀଭୂତ
ଆକୁଳ ପ୍ରାଣ ଖୋଜଇ ପଥ
କୁଳିଶ ବରଷିଲା ମଥାରେ
ବିନା ବରଷାରେ··· ॥୧॥

ଏ କାଳେ ଶୈଶବ ବନ୍ଧୁ
ବିଶ୍ୱାସ ସାହସ ସିନ୍ଧୁ
ଦେଖାଇ ଦେବେ ଉଚିତ ପଥ,
ବୁଦ୍ଧିର ଗନ୍ତାଘର
ବାହ୍ମଣପଣ୍ଡ ଚତୁର ଅତି
ଭାବଇ ବାଳା···
ଆଶାର ସ୍ୱପ୍ନ ମଧୁ କମ୍ପନ
ସେହି ଭରସା ତାର···
ଅବଶେଷରେ ବନ୍ଧୁ ପ୍ରବର
ଭେଟିଲେ ଯେବେ ରମଣୀ ବର···
କମିଲା କିବା ବଢ଼ିଲା ମନୁ
ଘୋର ଖେଦ ତାହାର··· ॥୨॥

[ନନ୍ଦିକା ବସିଥିଲେ । ଚଞ୍ଚଳ ଗତିରେ
ପଶି ଆସିଲେ ବାସୁଦେବ]

ନନ୍ଦିକା : ବାସୁଦେବ !

ବାସୁଦେବ : (ନୀରବରେ ରହିଁଲେ)

ନନ୍ଦିକା : ତୁମେ ମତେ ଠିକ୍ କହିଥିଲ ବାସୁଦେବ ?

ବାସୁଦେବ : କେଉଁ କଥା ?

ନନ୍ଦିକା : ଗଙ୍ଗଦେବ ଅନ୍ୟ ଉପାଦାନରେ ଗଢ଼ା··· ।

Digitized by srujanika@gmail.com

(ବାସୁଦେବ ଉତ୍ତର ନଦେଇ ହସିଲେ)
ଉତ୍ତର ଦେଉନା କାହିଁକି ? କହୁନା କାହିଁକି ···ନା ।

ବାସୁଦେବ : କଳ୍ପନା ତୁମକୁ ଅନ୍ଧ କରି ଦେଇଛି ନନ୍ଦିକା ।

ନନ୍ଦିକା : ତା’ ମାନେ ?

ବାସୁଦେବ : ତୁମେ ଖାଲି ସ୍ୱପ୍ନ···ସ୍ୱପ୍ନହିଁ ଦେଖିଛ ।

ନନ୍ଦିକା : ଖାଲି ମୁଁ ଦେଖିଛି ? ତୁମେ, ଦେଖି ନଥିଲ ?

ବାସୁଦେବ : ସେ ଅତୀତ କଥା ଥାଉ । ସେ ସବୁ ଆଲୋଚନା କରି ସମୟ ନଷ୍ଟ କରିବାକୁ ମୋର ସମୟ ନାହିଁ ।

ନନ୍ଦିକା : ମୋ ସହିତ ସମୟ ନଷ୍ଟ ? ବାସୁଦେବ, ତୁମେ···ତୁମେ ଏକଥା କହି ପାରୁଛ ? ତୁମେନା ସେହି ବାସୁଦେବ···

ବାସୁଦେବ : (ତାଚ୍ଛଲ୍ୟରେ) ବାସୁଦେବ ? କେଉଁ ବାସୁଦେବ ?

ନନ୍ଦିକା : ମୋ ଶୈଶବର ବନ୍ଧୁ, ମୋ କୈଶୋର ସାଥୀ···ଯିଏ ଆସିଥିଲ ଏଠିକି ଶାନ୍ତିର ବାର୍ତ୍ତା ନେଇ···

ବାସୁଦେବ : ସେ ବାସୁଦେବକୁ ମୁଁ ବଡ଼ାନାସୀ କଟକରେ ଛାଡ଼ି ଦେଇ ଆସିଛି ନନ୍ଦିକା···

ନନ୍ଦିକା : ତା ମାନେ, ତୁମେ ମଧ···

ବାସୁଦେବ : ହଁ, ମୁଁ ମଧ । ମୋ ପାଇଁ ଗୋଟିଏ ମାତ୍ର ବାଟ ଖୋଲା ଥିଲା··· । କଳେ, ବଳେ, କୌଶଳେ ବଡ଼ାନାସୀ ଦୁର୍ଗରୁ ଚାଲି ଆସିବା

Digitized by srujanika@gmail.com

···ଚୈତ୍ରଗଙ୍ଗଙ୍କୁ ସାହାଯ୍ୟ କରିବା । ମୁଁ ସେଇଆହିଁ କରିଛି ।

ନନ୍ଦକା : କିନ୍ତୁ, ମତେ ସାହାଯ୍ୟ କରିବ ବୋଲିତ ତୁମେ କଥା ଦେଇଥିଲ ? ମୁଁ ଦେଇଥିଲି ପ୍ରତିଶ୍ରୁତି—ଆମର ଉଦ୍ୟମ, ଶାସନ ପରିବର୍ତ୍ତନରେ ସଫଳ ହେଲେ ତୁମେ ହେବ ଉତ୍କଳର ପ୍ରଧାନ ଅମାତ୍ୟ ।

ବାସୁଦେବ : ତୁମ ପ୍ରତିଶ୍ରୁତିକୁ ଅନ୍ତରର ସହିତ ମୁଁ ଗ୍ରହଣ କରି ନଥିଲି ।

ନନ୍ଦକା : ମୋ ସହିତ ତା ହେଲେ ଅଭିନୟ କରିଥିଲ ?

ବାସୁଦେବ : ଉପାୟ ନଥିଲା । ତୁମ ପ୍ରତିଶ୍ରୁତି ଥିଲା ସ୍ୱପ୍ନର ପ୍ରତିଶ୍ରୁତି । କଳ୍ପନାର ପ୍ରତିଶ୍ରୁତି ।

ନନ୍ଦକା : ମୋ ପ୍ରତିଶ୍ରୁତି ଥିଲା ସ୍ୱପ୍ନର ? କଳ୍ପନାର ? ତା'ମାନେ ଆଉ କାହା ପ୍ରତିଶ୍ରୁତି ଥିଲା ବାସ୍ତବ ?

ବାସୁଦେବ : ହଁ ।

ନନ୍ଦକା : କାହାର ?

ବାସୁଦେବ : ଚୈତ୍ରଗଙ୍ଗଙ୍କର ।

ନନ୍ଦକା : (ଚିତ୍କାର କରି) ବାସୁଦେବ !

ବାସୁଦେବ : ଚୈତ୍ରଗଙ୍ଗ ଉତ୍କଳ ସାମ୍ରାଜ୍ୟ ଲାଭ କରିବା ପରେ ମୁଁ ହେବ ତାଙ୍କର ପ୍ରଧାନ ଅମାତ୍ୟ ।

ନନ୍ଦକା : ଆଜୀବନ ବନ୍ଧୁତା ବିନିମୟରେ ମୋର ପ୍ରତିଶ୍ରୁତିକୁ ତୁମେ ବିଶ୍ୱାସ କଲ ନାହିଁ, ଅଥଚ ଏବେ ଚୈତ୍ରଗଙ୍ଗଙ୍କ କଥା କହୁଚ ?

Digitized by srujanika@gmail.com

ବାସୁଦେବ : ତୁମକୁ ବିଶ୍ୱାସ କରିବା ପାଇଁ କୌଣସି କାରଣ ନଥିଲା । କିନ୍ତୁ ଅବିଶ୍ୱାସ କରି ପାରିଲି ନାହିଁ ଚୋଡ଼ଗଙ୍ଗଙ୍କୁ । ତାଙ୍କର ପ୍ରତିଶ୍ରୁତି ପାଇଁ ସପକ୍ଷରେ ତାଙ୍କର ରହିଛି ବିରାଟ ସାମର୍ଥ୍ୟ । ସେ ପ୍ରତିଶ୍ରୁତି ପରସ୍ପର ସାହାଯ୍ୟ ଉପରେ ନିର୍ଭର କରେ ।

ନନ୍ଦିକା : ସାହାଯ୍ୟ !

ବାସୁଦେବ : ଉତ୍କଳର ସମସ୍ତ ଗୋପନୀୟ ରଣ ତଥ୍ୟ ଯୋଗାଇ ଦେବାର ସାହାଯ୍ୟ ।

ନନ୍ଦିକା : ବାସୁଦେବ !

ବାସୁଦେବ : ଏଥିରେ ବିସ୍ମିତ ହେବାର କିଛି ନାହିଁ ନନ୍ଦିକା । କିଏ ଚାହେଁ ନାହିଁ ଜୀବନରେ ଅଗ୍ରଗତି···ଉତ୍ଥାନ ?

ନନ୍ଦିକା : ଏ ସବୁ ତୁମେ ମତେ ମିଛ କହୁ ନାହଁ ତ ବାସୁଦେବ ? ବନ୍ଧୁତାର ନିବିଡ଼ ସମ୍ପର୍କ ନେଇ ପରିହାସ କରୁ ନାହଁ ତ ? ପରୀକ୍ଷା କରୁ ନାହଁ ତ, ମୁଁ ଏବେବି ମୋ ଆଦର୍ଶରେ ଅଟଳ ରହିଛି କି ନାହିଁ ?

ବାସୁଦେବ : ପରିହାସ···ପରୀକ୍ଷା···ଯାହା ଭାବିପାର ।

[ବ୍ୟଗ୍ର ଓ ବିଚଳିତ ଭାବରେ·· ପଶି ଆସିଲେ ବୟସ୍ୟ]

ବୟସ୍ୟ : ସରିଗଲା ତୁମ୍ଭ ସରିଗଲା
ସବୁ ସରି ଗଲା, ସରିଗଲା
ସେହି ନିଶିହଟା କଣ୍ଟୁରୀ ଗ୍ରେଠରେ
କାହାର, ଏମିତି ମରିଗଲା !

Digitized by srujanika@gmail.com

ନନ୍ଦିକା : (ଚମକି) କେଉଁ ନୃଶଂସ ? କାହା କଥା
ବୟସ୍ୟ ?

ବୟସ୍ୟ : ଛିଃଛିଃଛିଃ, ଆଖି ଉଠିଲା ଦିନୁ ମୁଁ ଏମିତି
ଦେଖି ନଥିଲି ।

ଥାଳିରେ ରହିଚି କଟା ମୁଣ୍ଡଟା,
ତରାଟି ଦେଇଚି ଆଖି···
ଥପଥପ ଲହୁ ବୋହି ପଡ଼ୁଅଛି,
ଡର ଗଲି ତାକୁ ଦେଖି ।
ଛିଃଛିଃଛି,
ଲଢ଼େଇରେ ସିନା ସଇନ ମରନ୍ତି,
ଯୋଗୀକୁ କିଏ ମାରିଅଛି ।

(କଥା) ଇଃ···ଅଇ ଆସୁଚି, ବାନ୍ତି ଆସୁଚି ।
ତୁମ୍ଭେ କୁଆଡ଼େ ଗଲେ ? ମୁଁ ଏଠି ଆଉ ରହି
ପାରିବି ନାହିଁ । ଶିବିର ଭିତରକୁ ହଣାକଟା
ମରାମରି ଆସି ଗଲାଣି । ପଳେଇ ଯିବି । ନୃଶଂସ
ଲୋକକୁ ମାରି ପକେଇଲେଣି ଏଠି । ଦୟା,
ମାୟା, ମମତା କିଛି ରହୁନାହିଁ ଏଠି । ମୁଁ
ପଳେଇ ଯିବି । ପଳେଇ ଯିବି···

ନନ୍ଦିକା : କେଉଁ ନୃଶଂସ ଲୋକ ବୟସ୍ୟ ? କିଏ ସେ ?

ବୟସ୍ୟ :

ସେଇମ ଯିଏ, ଯୋଗୀଙ୍କ ସଙ୍ଗେ ଯିଏ ଆସି ଥେଲା,
ଆମ ପାଇକଙ୍କ ସାଥିରେ
କେତେ ହରଷରେ ମିଶୁ ଥେଲା···
ଭଲ କଥା କେତେ କହୁ ଥେଲା···
ଭେଣ୍ଡିଆ ସେଇ ଅତିଥିକୁ କିଏ
କୁଣ୍ଡୁଣ୍ଡୁଣ୍ଡି ଘେଣ୍ଟରେ ହାଣିଦେଲା ॥

Digitized by srujanika@gmail.com

ହବ ନାହିଁ ଆଉ ହବ ନାହିଁ
କାଳ ପଶିଗଲା ଲଣ୍ଠାରେ···
ରହିବନି ଆଉ ଏଠାରେ···
ସରିଗଲା ସବୁ ସରିଗଲା,
ଯିବି ପଳେଇ ମୁଁ
ଭଲ ମନ୍ଦ ଏଠି କିଛି ନାହିଁ ।

[ବୟସ୍ୟ ଯେପରି ଭାବରେ ବ୍ୟଗ୍ର ଓ ବିସ୍ମିତ ହୋଇ ଆସିଥିଲେ ସେହିପରି ବ୍ୟଗ୍ର ଓ ବିସ୍ମିତରେ ଚାଲି ଗଲେ ।]

ନନ୍ଦକା : ବାସୁଦେବ !

ବାସୁଦେବ : ପଞ୍ଚୁଆ ଏଠି ଏକ ନୂଆ ବିଦ୍ରୋହର ବୀଜ ବପନ କରୁଥିଲା ।

ନନ୍ଦକା : ତା'ମାନେ, ତୁମେ ତାକୁ···

ବାସୁଦେବ : ହଁ । ମୁଁ । ଗଙ୍ଗପତିଙ୍କର ନୀରବ ଇଙ୍ଗିତ ମୁଁ ପାଳନ କରିଛି । ମୁଁ ପ୍ରମାଣ କରିଛି, ତାଙ୍କର ବିଶ୍ୱସ୍ତ ଚମୁପତି ଯାହା କରି ପାରିବେ, ମୁଁ ମଧ୍ୟ ତାହା କରି ପାରିବି ।

ନନ୍ଦକା : (ଯନ୍ତ୍ରଣା ଓ କ୍ରୋଧ ଜର୍ଜରିତ କଣ୍ଠରେ) ଏକଣ ତୁମେ କଲ ବାସୁଦେବ ?

ବାସୁଦେବ : କଳ୍ପନାର ଖେଳ ସତ୍ୟ ନୁହେଁ ନନ୍ଦକା । ବାସ୍ତବର ଖେଳହିଁ ସତ୍ୟ ।

ନନ୍ଦକା : ଆଃ···ବିଶ୍ୱାସ ଘାତକ, ପ୍ରତାରକ···

ବାସୁଦେବ : ମୁଁ ବିଶ୍ୱାସ ଘାତକ ? ଆଉ ତୁମେ ?

Digitized by srujanika@gmail.com

ନନ୍ଦକା : ମୁଁ ?

ବାସୁଦେବ : ହଁ ବାପାଙ୍କ ଶିରସ୍ତ୍ରାଣରୁ ଗୋପନରେ ନୈ ଲମଣି କାଢ଼ି ଆଣିବା କଣ ପ୍ରତାରଣା ନୁହେଁ ? ବିଶ୍ୱାସ ଘାତକତା ନୁହେଁ ?

ନନ୍ଦକା : ଶାନ୍ତି ପାଇଁ, ଯୁଦ୍ଧର ଅବସାନ ପାଇଁ, ପ୍ରତିଷ୍ଠା କରିବା ପାଇଁ ଏକ ନୂତନ ମାନବିକ ସାମ୍ରାଜ୍ୟ, ଯାହା ମୁଁ କରିଚ···ତାହେଲେ ତା' କଣ ମୋର ଧର୍ମ ନୁହେଁ ? କର୍ତ୍ତବ୍ୟ ନୁହେଁ ?

ବାସୁଦେବ : ତୁମର କର୍ତ୍ତବ୍ୟ, ଲୋକ ମୁଖରେ କି ରୂପ ପାଇବ ଜାଣିଛ ନନ୍ଦକା ?

ନନ୍ଦକା : ଅନ୍ୟର ମତାମତ ନୁହେଁ, ମୋ ଅନ୍ତରର ନିର୍ଦ୍ଦେଶହିଁ ମୋର ଧର୍ମ···ମୋର ଚରମ ଓ ପରମ କର୍ତ୍ତବ୍ୟ । ସେଇ ନିର୍ଦ୍ଦେଶରେ ମୁଁ କେଶରୀ ରାଜତ୍ୱର ଅବସାନ ଖୋଜୁଥିଲି··· ତୁମକୁ ଡାକିଥିଲି···ନିଜେ ଆସିଥିଲି··· କିନ୍ତୁ ଶେଷ ପରିଣତି ତାର କଣ ହୋଇ ଗଲା ? ତା'ମାନେ···ଅନ୍ତରର ସେଇ ନିର୍ଦ୍ଦେଶ ମୋର ଭୁଲ ? (ବଜ୍ର କଠିନ କଣ୍ଠରେ) ନା, ମୋର ନିର୍ଦ୍ଦେଶ ଠିକ୍ । ଭୁଲ ଅନ୍ୟମାନେ···ତୁମେ, ଗଙ୍ଗଦେବ, ସମସ୍ତେ । ତୁମ ମାନଙ୍କର ସବୁ ନିଷ୍ପତ୍ତି କେବଳ ଗୋଟିଏ କଥା ପାଇଁ । ଅନ୍ୟପାଇଁ ନୁହେଁ, ନିଜ ପାଇଁ ···ନିଜର ସ୍ୱାର୍ଥ ପାଇଁ···ଉତ୍ଥାନ ପାଇଁ··· ଗୌରବ ପାଇଁ । ସେଇଥିପାଇଁ ତୁମ ମୁହଁରେ ପ୍ରତାରଣାର ଭାଷା । ଗଙ୍ଗଦେବଙ୍କ ଠାରେ

Digitized by srujanika@gmail.com

ଶକ୍ତର ଅଭିନୟ । ଅନ୍ୟକୁ ନବୁଝିବାର ଛଳନା । ତା ହେଲେ ମୁଁ...ମୁଁ କଣ କରିବ ? କେଶରୀକୁଳ ଆଉ ଗଙ୍ଗକୁଳର ଏଇ ଅଭିନୟ ଭିତରେ ମୁଁ ପେଷି ହୋଇ ଯାଉଚି । ବାଟ ପାଉନାହିଁ...ମୁଁ...ମୁଁ...
ଆଃ, କି ଯନ୍ତ୍ରଣା...କି ଭୟଙ୍କର ଯନ୍ତ୍ରଣା...

[ପଶି ଆସିଲେ ଚୋଡ଼ଗଙ୍ଗ ଦେବ ।]

ଚୋଡ଼ଗଙ୍ଗ : ବାହୁମୀପତି !

ବାହୁମୀପତି : ପ୍ରଭୁ !

ଚୋଡ଼ଗଙ୍ଗ : ଅନେକ ସମୟ ବସି ସେ ପାଖରେ ଚିନ୍ତା କଲି । ରାଜକେମା ଉଦ୍‌ବିଗ୍ନ । ତାଙ୍କ ପାଇଁ କଣ କରାଯିବ ଉପାୟ ସ୍ଥିର କରି ପାରୁ ନାହିଁ ।

ବାସୁଦେବ : ମୁଁ ଉପାୟ ପାଇଛି ପ୍ରଭୁ ।

ଚୋଡ଼ଗଙ୍ଗ : କଣ ?

ବାସୁଦେବ : ଶତ୍ରୁକୁ ବନ୍ଦୀ କରାଯାଇ ପାରେ ।

ଚୋଡ଼ଗଙ୍ଗ : ବନ୍ଦୀ !

ବାସୁଦେବ : ବନ୍ଦୀ କରିବା, କୌଶଳରେ ଏକ ଶାସ୍ତ୍ର ସିଦ୍ଧ ପନ୍ଥା ପ୍ରଭୁ ।

ଚୋଡ଼ଗଙ୍ଗ : ନା । ସେଥିରେ କଣ ଉଦ୍ଦେଶ୍ୟ ସାଧିତ ହେବ ? ରାଜକେମାଙ୍କୁ ବନ୍ଦୀ କଲେ, ଉତ୍କଳ-ବାସୀ ହୋଇ ଉଠିବେ ଅସ୍ଥିର...ପ୍ରତିହିଂସା ଜର୍ଜରିତ ।

ବାସୁଦେବ : ତା'ହେଲେ ପ୍ରଭୁ...

Digitized by srujanika@gmail.com

ଚୋଡ଼ଗଙ୍ଗ : ବରଂ ଭଲ ହେବ ତାଙ୍କୁ ଯଦି ସସମ୍ମାନେ ବଡ଼ାନାସୀ କଟକ ଦୁର୍ଗକୁ ଫେରାଇ ଦିଆ ଯାଏ ।

ବାସୁଦେବ : ହୁମ୍...

ଚୋଡ଼ଗଙ୍ଗ : ତାହେଲେ ଉତ୍କଳବାସୀ ମୋ ଠାରେ ସୁବର୍ଣ୍ଣ-କେଶରୀଙ୍କ ଅପେକ୍ଷା ଅଧିକ ସଦ୍‌ଗୁଣର ପରିଚୟ ପାଇବେ । ସହାନୁଭୂତିରେ ସେ-ମାନଙ୍କ ମନ ଟାଣି ହୋଇ ଆସିବ ଗଙ୍ଗ ରାଜତ୍ୱ ପ୍ରତି । ଫଳରେ ସୁବର୍ଣ୍ଣକେଶରୀଙ୍କର ଯୁଦ୍ଧ ଆୟୋଜନ ଶିଥିଳ ହୋଇ ପଡ଼ିବ ଲୋକ ଶକ୍ତିର ମାନସିକ ସମର୍ଥନ ହରାଇ ।

ବାସୁଦେବ : କିନ୍ତୁ ହୁମ୍...

ଚୋଡ଼ଗଙ୍ଗ : ଆଉ କଣ କରାଯାଇ ପାରେ ବୋଲି ଭାବୁଛନ୍ତି ?

ବାସୁଦେବ : ନା' ଯେ ହୁମ୍...

ଚୋଡ଼ଗଙ୍ଗ : ମୁଁ ମଧ୍ୟ ଆଉ କିଛି ଚିନ୍ତା କରି ପାରୁନାହିଁ ।

[ନନ୍ଦିକା ଦ୍ରୁତ ଗତିରେ ଦୁହିଁଙ୍କ ମଝିକୁ ଆଗେଇ ଆସିଲେ ।]

ନନ୍ଦିକା : ମୁଁ କିନ୍ତୁ ଉପାୟ ସ୍ଥିର କରି ପାରିଛି । ଉପାୟ ମୁଁ ପାଇଛି । (ବାସୁଦେବ ଓ ଚୋଡ଼ଗଙ୍ଗ ବିସ୍ମୟରେ ନନ୍ଦିକାଙ୍କୁ ଚାହିଁଲେ) ଏଇ ଛଳନା, ହିଂସା, ପ୍ରତାରଣା, ଶଠତା ଭିତରେ ମୁଁ ମୋ ସ୍ଥାନ ସ୍ଥିର କରି ନେଇଛି । ମୋର ପଥ ବାଛି ନେଇଛି । ମୋ ପାଇଁ ମୋ

Digitized by srujanika@gmail.com

ବିଶ୍ୱାସର ବାସୁଦେବ···ମୋ ମମତାର ସୁବର୍ଣ୍ଣକେଶରୀ···ମୋ ସ୍ୱପ୍ନର ଗଙ୍ଗଦେବ··· ସମସ୍ତେ ସମାନ । ସମସ୍ତେ ବିଷାକ୍ତ···ରୁଗ୍‌ଣ, କ୍ଷତଗ୍ରସ୍ତ । କାହାର ଚେତନାରୁ ଆଲୋକ ଲିଭି ଯାଇଚି । କାହାର ଚେତନାରେ ଆଲୋକ ସ୍ପର୍ଶ କରି ପାରି ନାହିଁ । ଏଇ ଦ୍ୱନ୍ଦ୍ୱ ଭିତରେ ମୋ ପାଇଁ କେବଳ ଗୋଟିଏ ବାଟ ଖୋଲା ଅଛି···ନାଁ । ଯେତେବେଳେ ଜଣଙ୍କର ନନ୍ଦିକା, ତା' ପାଇଁ ଗୋଟିଏ···କେବଳ ଗୋଟିଏ ବାଟ ଖୋଲା ଥାଏ ।

[ନନ୍ଦିକା ଆଙ୍ଗୁଠିରୁ ହୀରା ମୁଦିଟି ବାହାର କରୁଥିଲେ ।]

ବାସୁଦେବ : ନନ୍ଦିକା !

ତ୍ରୈଲୋକ୍ୟଗଙ୍ଗ : ରାଜନନ୍ଦିନୀ !

ନନ୍ଦିକା :

(ଗୀତ—ମୁଁ ହାରିଲି ହେଉ ଏତିକି ଗୋ—
ବୃନ୍ଦେ)

ମୁଁ ପାରିଲି ଜାଣି ଏତିକି ଗୋ
ମୁଁ ଜାଣିଲି ସବୁ ଶତିକି ଗୋ
ମୋ ପାଇଁ ନାହିଁତ ଆନ ପଥ କିଛି,
ଚେତିଲି ମନରୁ ଖାତିକି ଗୋ ॥୧॥

ସପନ ରହିଗଲା ସପନରେ
ଆଲୁଅ ଛୁଇଁଲାନି ଚେତନାରେ
ଜୀବନ ମରଣ ସମାନ ମୋ ପାଇଁ,
ପଥର କରିଲି ଛାତିକି ଗୋ ॥୨॥

Digitized by srujanika@gmail.com

ଛଳନା ଜାଲରେ ନପଡ଼ ଧରା
ଲଭିଲା ଆଶ୍ରୟ ମୁଦ୍ରିକା ହୀରା
ବିଷର ବିଷରେ ବିଷରୁ ତରିବ,
ରହିବନ ଅପଖ୍ୟାତିକ ଗୋ ॥୩॥

[ନନ୍ଦକା ହୀରା ମୁଦ୍ର ଶୋଷିବାକୁ ଆରମ୍ଭ କଲେ···]

ଚୋଡ଼ଗଙ୍ଗ : ରାଜଜେମା !

ବାସୁଦେବ : ନନ୍ଦକା !

ନନ୍ଦକା : (ଆହତ ସରୀସୃପ ପରି ଯନ୍ତ୍ରଣାରେ ଛଟପଟ ହୋଇ) ଏ ଧ୍ୱନିର କୌଣସି ଅର୍ଥ ନାହିଁ ବାସୁଦେବ । ଏ' ଛଳନାର କୌଣସି ମୂଲ୍ୟ ନାହିଁ ଗଙ୍ଗଦେବ । ମୃତ୍ୟୁ ଓ ଜୀବନ ଯେଉଁଠି ଏକା କଥା···ସେଠି ବଞ୍ଚିବା ଯାହା, ମରିବା ମଧ୍ୟ ସେଇଆ । ମୋ ପାଇଁ ଜୀବନ ଆଉ ମୃତ୍ୟୁ ସବୁ ସମାନ ।

[ନନ୍ଦକା ଆଉ କିଛି କହି ପାରିଲେ ନାହିଁ । ଶେଷ ନିଶ୍ୱାସ ନେଇ ଢଳି ପଡ଼ିଲେ ।]

ଚୋଡ଼ଗଙ୍ଗ : (କର୍ତ୍ତବ୍ୟ ସ୍ଥିର କରି ନପାରି) ବାହ୍ମଣୀପତି···

ବାସୁଦେବ ! (ବିଚଳିତ ଭାବରେ) ପ୍ରଭୁ !

[ପୁରୋହିତ ପଶିଆସିଲେ । ସାଙ୍ଗରେ ବୟସ୍ୟ ।]

ପୁରୋହିତ : କି ଆଶ୍ଚର୍ଯ୍ୟ ! ଦେଖନ୍ତୁ ପ୍ରଭୁ , ଆମ୍ଭର ମଙ୍ଗଳ କାମନା କରି ବାହ୍ମଣୀପତି କଣ

Digitized by srujanika@gmail.com

ଗୋଟାଏ ସାମାନ୍ୟ କଥା କରି ଦେଇଛନ୍ତି ସେଥିରେ ବୟସ୍ୟ କହୁଛନ୍ତି ଯେ, ସେ ପ୍ରତ୍ୟାବର୍ତ୍ତନ କରିବେ । (କାହାରିଠାରୁ କିଛି ଉତ୍ତର ନପାଇ) କଣ ହୋଇଛି ରାଜେଶ୍ୱର ? ଏପରି ବିମର୍ଷ ଭାବ···କେହି କିଛି ଉତ୍ତର ଦେଉ ନାହାନ୍ତି ଯେ···

[ଗଙ୍ଗଦେବ ଅସହ୍ୟ ଯନ୍ତ୍ରଣାରେ ମୁହଁ ଆଡ଼େଇ ନେଉଥିଲେ । ବାଷ୍ପାକୁଳ କଣ୍ଠରେ କହିଲେ···]

ମୈତ୍ରଗଙ୍ଗ : ବାହ୍ମଣୀପତି !

ବାସୁଦେବ : ହୀରା ମୁଦି ମୁହଁରେ ଦେଇ ନନ୍ଦିକା···

ବୟସ୍ୟ : (ନନ୍ଦିକାଙ୍କୁ ଦେଖି) ସରିଗଲା, ସବୁ ସରିଗଲା । ସେଇ ଚିତ୍ରପଟ···ସେଇ ଚମ୍ପା କଢ଼ି ଟି···

ପୁରୋହିତ : ଏଥିରେ ବିବ୍ରତ, ବିଚଳିତ ହେବାର କଣ ଅଛି ରାଜେଶ୍ୱର ?

ମୈତ୍ରଗଙ୍ଗ : ବିବ୍ରତ ହେବାର କିଛି ନାହିଁ ? ବିଚଳିତ ହେବାର କିଛି ନାହିଁ ? ତା ହେଲେ···ତା ହେଲେ···

ପୁରୋହିତ : ରାଜରାଜେଶ୍ୱର ! ଆମ୍ଭର ପରାମର୍ଶ ଯଦି ଗ୍ରହଣ କରନ୍ତେ···

ମୈତ୍ରଗଙ୍ଗ : (ମୂର୍ତ୍ତିଗର୍ଭ ବିଷାଦ ନଦୀ ବନ୍ଧହିଁ ଉଚ୍ଛୁଳ ପଡ଼ିଲା ଯେମିତି) ଆଉ କି ପରାମର୍ଶ···ସବୁ ଶେଷ ହୋଇ ଯାଇଛି ।

Digitized by srujanika@gmail.com

ପୁରୋହିତ : ଚିନ୍ତା କରନ୍ତୁ ନାହିଁ ରାଜଜେଶ୍ୱର, ସବୁ ମା’ ବସ୍ତି ପ୍ରଧାନଙ୍କର ଇଚ୍ଛା । କହୁ ନଥିଲି ? ଏକ ଅଲୌକିକ ଘଟଣା ଘଟିଯିବ ।

ଚୋଡ଼ଗଙ୍ଗ : ହଁ, ଅଲୌକିକ !

ପୁରୋହିତ : ତେଣୁ ଏପରି ପରିସ୍ଥିତିରେ ରାଜରାଜେଶ୍ୱରଙ୍କୁ ଆମ୍ଭର ପରାମର୍ଶ···

ଚୋଡ଼ଗଙ୍ଗ : ପରାମର୍ଶ ?

ପୁରୋହିତ : ଶିବିକା ଉଠାଇ ରାଜଜେମାଙ୍କୁ ସସମ୍ମାନେ ବଡ଼ାନାସୀ କଟକ ଗଡ଼କୁ ଫେରାଇ ଦିଆ-ଯାଉ । ତା ହେଲେ···

[ପୁରୋହିତଙ୍କ ଅପୂର୍ଣ୍ଣ କଥା ବାସୁଦେବ ପୂର୍ଣ୍ଣ କରି ଦେଲେ ।]

ବାସୁଦେବ : ସମସ୍ତେ କହିବେ···ରାଜଜେମାଙ୍କର ପ୍ରଣୟ ପ୍ରତ୍ୟାଖ୍ୟାନ କରିଛନ୍ତି ତୁମ୍ଭ । ସେଇ ଗ୍ଲାନିରେ ରାଜଜେମା ଶିବିକା ଭିତରେ ହୀରା ମୁଦି ମୁହଁରେ ଦେଇ ଆତ୍ମହତ୍ୟା କରିଛନ୍ତି ।

ଚୋଡ଼ଗଙ୍ଗ : (ଯନ୍ତ୍ରଣାଭରା ଅସହାୟ କଣ୍ଠରେ ଅଥଚ ନିଜକୁ ସମ୍ଭାଳି ନେବା ଭଙ୍ଗିରେ) ହଁ ସେଇ ଗ୍ଲାନିରେ ନନ୍ଦିକା ଆତ୍ମହତ୍ୟା କରିଛନ୍ତି । ସେଇ ଗ୍ଲାନିରେ··

[ଚୋଡ଼ଗଙ୍ଗ ଆଉ କହି ପାରିଲେ ନାହିଁ । ମଥା ତଳକୁ କରି ନନ୍ଦିକାଙ୍କ ନିକଟରେ ଯାଇ ଛିଡ଼ା ହେଲେ । ସମ୍ଭବତଃ ପରୀକ୍ଷା କରୁଥିଲେ କି

Digitized by srujanika@gmail.com

ଉପାଦାନରେ ଗଢ଼ା ଏ' ନନ୍ଧକା ।
ଅନ୍ୟମାନେ ମୁଣ୍ଡ ତଳକୁ କରି ନେଉ
ଥିଲେ ମଂଚ ଅନ୍ଧକାର ହେଲା ।]

ସନ୍ଧ : ଏଥିଅନ୍ତେ ଗଙ୍ଗଦେବ ଶିବିକା ଡକାଇଲେ···
ସୈନ୍ୟ ସାମନ୍ତ ଗହଣରେ ରାଜକେମାଙ୍କୁ
ସସମ୍ମାନେ ବଡ଼ାନାସୀ କଟକ ପଠାଇଲେ···

[ପାତ୍ରମନ୍ତ୍ରୀ ଗହଣରେ ଏକ ସୁସଜ୍ଜିତ
ଶିବିକା ରଂଗମଂଚରେ ପ୍ରବେଶ କଲା ।
ଗଙ୍ଗ ସୈନ୍ୟମାନେ ତାହା ବହନ
କରୁଥିଲେ । ଶିବିକା ରଂଗମଂଚର
ଗୋଟିଏ ପାଖରୁ ଆସି ଅନ୍ୟପାଖ
ଦେଇ ବାହାରି ଗଲା ; ସେଇ ସମୟରେ
ଗାୟକମାନେ ଗାଉଥିଲେ ।]

ଗାୟକ :

ହାକୁମ ଧୋ ଲେ ଧାକୁମ୍ ଧୋ
ଧାକୁମ୍ ଧୋ ଲେ ହାକୁମ୍ ଧୋ

ନଈ ଆର ପଟେ ଉଆସ ଦିଶେଲେ,
ହାକୁମ୍ ଧୋ
କାନ୍ଧ ମାଡ଼ି ବସେ ସବାରି ଦଣ୍ଡାଲେ,
ଧାକୁମ୍ ଧୋ

ଘଳଖେ ଚାଲ୍ ଲେ ହାକୁମ୍ ଧୋ
ତାଆଁକୁ ମୋଡ଼୍ ଲେ ଧାକୁମ୍ ଧୋ
ହାକୁମ୍ ଧୋ ଲେ ହାକୁମ୍ ଧୋ
ଧାକୁମ୍ ଧୋ ଲେ ଧାକୁମ୍ ଧୋ

Digitized by srujanika@gmail.com

ବେଇଗି ଚାଲ୍‌ଲୋ ହାକୁମ୍ ଧୋ
କାନ୍ଧ ବଦଳାଏ ଧାକୁମ୍ ଧୋ
ବେଳ ଗଡ଼ିଯାଏ ହାକୁମ୍ ଧୋ
ନଈ ଚୈରବାଲ ଧାକୁମ୍ ଧୋ
କଣ୍ଟାଝଣ୍ଟା ବାଟ ହାକୁମ୍ ଧୋ
ଗମ୍ଭୀର ବଣଲୋ ଧାକୁମ୍ ଧୋ

ହାକୁମ୍ ଧୋ ଲୋ ଧାକୁମ୍ ଧୋ
ସବାରି ଚାଲେ ଲୋ ହାକୁମ୍ ଧୋ
ଗଡ଼ଖାଇ ହେଲା ହାକୁମ୍ ଧୋ
ଉଆସ ଦିଶିଲା ଧାକୁମ୍ ଧୋ
ହାକୁମ୍ ଧୋ ଲୋ ଧାକୁମ୍ ଧୋ
ଧାକୁମ୍ ଧୋ ଲୋ ହାକୁମ୍ ଧୋ

[ରଂମଂଚରୁ ଶିବିକା ବାହାରି ଗଲା ପରେ କ୍ରମେ କ୍ରମେ ସବାରି ଡାକ ଅସ୍ପଷ୍ଟ ହୋଇ ଆସୁଥିଲା । ଆଲୋକ ସାମାନ୍ୟ ନିଷ୍ପ୍ରଭ ହୋଇ ପୁଣି ଉଦ୍‌ଭାସିତ ହେଲା । ଦେଖାଗଲା ନାଟକର ଆରମ୍ଭରେ ଯିଏ ଯେଉଁଠି ରହିଥିଲେ ସେମାନେ ସେଠାରେ ଠିକ୍ ସେହିପରି ରହିଛନ୍ତି । ମଂଚ ଭିତରକୁ ପଶି ଆସିଲେ ସୂତ୍ରଧାର । ସବାରି ଡାକର ଅସ୍ପଷ୍ଟ ଧ୍ୱନି ଭେଦ କରି ସେ କହିବାକୁ ଆରମ୍ଭ କଲେ···]

ସୂତ୍ରଧାର : ଏ' ନନ୍ଦିକା, ରାଜତନୟା ନନ୍ଦିକା···ଉତ୍କଳର ସମ୍ରାଟ ରାଜା ସୁବର୍ଣ୍ଣକେଶରୀଙ୍କର ଦୁହିତା ନନ୍ଦିକା···ନନ୍ଦିକା କେଶରୀ । ରାଜାର ଦୁଲାଳୀ

Digitized by srujanika@gmail.com

ନନ୍ଦିକା···ସାମନ୍ତର କନ୍ୟା ନନ୍ଦିକା···
ଚଷାର ଝିଅ ନନ୍ଦିକା···ନନ୍ଦିକାର ହୋଇ
ପାରେ ଯେ କୌଣସି ଝିଅର ନାଁ···ଅତୀତର,
ଭବିଷ୍ୟତର, ବର୍ତ୍ତମାନର । ସତ୍ୟ ଆଉ
ମାନବିକତା ଯେଉଁଠି ଅର୍ଥହୀନ, ସେଠି
ଜୀବନର ଅନ୍ୟ ନାମ ମୃତ୍ୟୁ । ନିରୁପାୟ
ସେ ମୃତ୍ୟୁ । ମୃତ୍ୟୁ ଯେଉଁଠି ନିରୁପାୟ···
ଖ୍ୟାତି ବା କଳଙ୍କ ସେଠି ଅର୍ଥହୀନ । ନାଁ
ଯେତେବେଳେ ଜଣଙ୍କର "ନନ୍ଦିକା"
ସେତେବେଳେ ଗୋଟିଏ···ମାତ୍ର ଗୋଟିଏ
କାମ ତାର କରିବାକୁ ଥାଏ···

[ଆଲୋକ କେନ୍ଦ୍ରୀଭୂତ ହେଲା ନନ୍ଦିକାଙ୍କ ଉପରେ । ଦୃଢ଼ ଅଭିବ୍ୟକ୍ତିରେ ନନ୍ଦିକା ଠିଆ ହୋଇ ସମସ୍ତଙ୍କୁ ଥରେ ଚାହିଁଲେ । ତା'ପରେ ଆସନ ତ୍ୟାଗକରି କହିଲେ···]

ନନ୍ଦିକା : ହଁ, ନାଁ ଯେତେବେଳେ ଜଣଙ୍କର "ନନ୍ଦିକା"
ସେତେବେଳେ ଗୋଟିଏ···ମାତ୍ର ଗୋଟିଏ
କାମ ତା'ର କରିବାକୁ ଥାଏ···ସମସ୍ତ ସୀମା
ଅତିକ୍ରମ କରି, ସେଇ ମୋର ଭୂମିକା ।

[ନନ୍ଦିକା ନୀରବରେ ମଞ୍ଚରୁ ବାହାରି ଗଲେ । ଅନ୍ୟମାନେ ବିସ୍ମାରିତ ନୟନରେ ତାଙ୍କୁ ଚାହିଁ ରହିଥାନ୍ତି । ମଂଚ ଅନ୍ଧକାର ହେଲା ।]

ଶେଷ

Digitized by srujanika@gmail.com

'ନନ୍ଦିକା କେଶରୀ' ସଂପର୍କରେ

ଏ ନାଟକ ମୋର ବହୁବର୍ଷର ପରିକଳ୍ପନା । ଓଡ଼ିଶାର ଏକ ଜନପ୍ରିୟ କିଂବଦନ୍ତୀକୁ ନୂତନ ବ୍ୟାଖ୍ୟା ମାଧ୍ୟମରେ କିପରି ଆଧୁନିକ ନାଟକର ପରିସର ଭିତରକୁ ଅଣା ଯାଇ ପାରିବ—ଏବଂ ସେଥିପାଇଁ 'ନନ୍ଦିକେଶରୀ' ବିଷୟ ବସ୍ତୁକୁ ମୁଁ କିପରି ବ୍ୟବହାର କରିବି—ତାହା ଗତ ପ୍ରାୟ ତିରିଶ ବର୍ଷ ଧରି ମୁଁ ଚିନ୍ତା କରୁଥିଲି । ଫଳରେ ଅନେକ ଥର ଏ ନାଟକର ଚିଠା ପ୍ରସ୍ତୁତ କରିଛି । ପ୍ରଥମେ ଲେଖା ଆରମ୍ଭ କରିଥିଲି ପ୍ରାୟ ୩୦ ବର୍ଷ ତଳେ । ଅଳ୍ପ ଲେଖିବା ପରେ ତା' ମୋ ମନକୁ ଛୁଇଁଲା ନାହିଁ । ଲେଖା ସେଇଠି ଅଟକି ଗଲା । ତା ପରେ ଥରେ ଦୁଇଥର ମଧ୍ୟ ଉଦ୍ୟମ କରିଥିଲି । କିନ୍ତୁ ତା ମଧ୍ୟ ମଝିରେ ଅଟକି ଯାଇଥିଲା । ନାଟକର ମୂଳ କଥା ···ଅର୍ଥାତ୍ କିଂବଦନ୍ତୀର ଯେଉଁ ବ୍ୟାଖ୍ୟା କରାଯିବ—ଯାହା ଏକ ଆଧୁନିକ ନାଟକ ପାଇଁ ତାର ଆତ୍ମା-ରୂପେ ବିବେଚିତ ହେବ···ତାହା ମୋ' ଭାବନା ଭିତରେ ଅପରିବର୍ତ୍ତିତ ରହିଥିଲେ ମଧ୍ୟ, ନାଟକର ସାର ବକ୍ତବ୍ୟ (Content)କୁ କେଉଁ ଗଠନ ଶୈଳୀ (Form) ମଧ୍ୟରେ ରଖିଲେ, ତାହା ନାଟକର ବୌଦ୍ଧିକ ଆବେଦନକୁ କ୍ଷୁଣ୍ଣ ନ କରି ଦର୍ଶକର ଚିତ୍ତ-ବିନୋଦ କରିପାରିବ—ଏଇ ଅନ୍ୱେଷଣର ଉଦ୍ୟମ ଭିତରେ ପୁଣି ନାଟକଟିକୁ ଲେଖିଲି ୧୯୮୦ ମସିହାରେ । ଏଥିରେ ମୁଁ ଓଡ଼ିଶାର ଲୋକ ନାଟକର

Digitized by srujanika@gmail.com

କୌଣସି ଉପାଦାନ/ଶୈଳୀ ବ୍ୟବହାର କରି ନ ଥିଲି । ଏ ଲେଖାଟି ଲେଖିଲା ବେଳେ ମୁଁ ଜାଣିଥିଲି ଯେ 'ନନ୍ଦିକା-କେଶରୀ' ନାଟକ ପାଇଁ ତାହା ମୋର ଶେଷ ଲେଖା ନୁହେଁ ।

ନାଟକଟି ଓଡ଼ିଶାର ଆକାଶବାଣୀ କେନ୍ଦ୍ର ଗୁଡ଼ିକରୁ ୧୯୮୦ ମସିହାରେ ପ୍ରସାରିତ ହୋଇଥିଲା ଏବଂ ୧୯୮୧ ମସିହା 'ସହକାର'ର ଶାରଦୀୟ ବିଶେଷାଙ୍କ ଓ ନଭେମ୍ବର-ଡିସେମ୍ବର ସଂଖ୍ୟାରେ ପ୍ରକାଶିତ ହୋଇଥିଲା । ଏ ନାଟକ ମତେ ଏତିକି ଧାରଣା ଦେଲା ଯେ—ନାଟକର ସଂଯୋଗ-ସ୍ଥାପକ ଶକ୍ତିକୁ ଅଧିକ ପ୍ରଭାବଶାଳୀ ଓ ମନୋରମ କରିବାକୁ ହେଲେ, ତାହାର ପୁନଃ ବିନ୍ୟାସର ଯଥେଷ୍ଟ ଆବଶ୍ୟକତା ରହିଛି ।

୧୯୮୨ ମସିହା ପ୍ରଥମ ଭାଗରେ ମତେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ସାଂସ୍କୃତିକ ବିଭାଗ—(Ministry of Education-Department of Culture) ପକ୍ଷରୁ ଗୋଟିଏ ସିନିଅର ଫେଲୋସିପ୍ (Senior Fellowship) ମିଳିଲା । ଫେଲୋସିପ୍ କାମର ଏକ ଅଂଶ ଥିଲା—ଆମ ଲୋକ ନାଟକରେ ଦର୍ଶକର ଚିତ୍ତ ବିନୋଦ ପାଇଁ କି ଉପାଦାନ ମାନ ରହିଛି ତାହା ନିର୍ଦ୍ଧାରଣ କରିବା (To identify the focal point of mass entertainment in folk plays) । ଏହି ଫେଲୋସିପ୍ କାମ ମତେ ସୁଯୋଗ ଦେଲା ଓଡ଼ିଶାର ବିଭିନ୍ନ ଲୋକ ନାଟକ ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିବାକୁ ।

Digitized by srujanika@gmail.com

ନାଟକର ସାରବକ୍ତବ୍ୟ (content)କୁ କେଉଁ ପଦ୍ଧତି/ଶୈଳୀ ବା ଫର୍ମ (form)ରେ ପ୍ରକାଶ କରାଯିବା ଉଚିତ...ଏ ବିଷୟରେ କୌଣସି ସୀମା-ବଦ୍ଧ ନିୟମ ଉପରେ ମୋର ବିଶ୍ୱାସ ନଥିଲା... ଏବେ ମଧ୍ୟ ନାହିଁ। କିନ୍ତୁ ଏତିକି ମୋ ପାଇଁ ସ୍ପଷ୍ଟ ହୋଇ ଯାଇଛି ଯେ ସବୁ କନ୍‌ଟେଣ୍ଟ୍ (content) ପାଇଁ ସବୁ ଫର୍ମ (form) ଉପଯୁକ୍ତ ହୋଇ ନ ପାରେ। କେତେକ ଫର୍ମ (form) ଅଛି—ଯାହା କେତେକ ନିର୍ଦ୍ଦିଷ୍ଟ କନ୍‌ଟେଣ୍ଟ୍ (content)କୁ ଅଧିକ ନିଖୁଣ, ସୁନ୍ଦର ଓ ଗଭୀର ଭାବେ ପ୍ରକାଶ କରିବା ସଙ୍ଗେ ସଙ୍ଗେ...ନାଟକର ଉଦ୍ଦିଷ୍ଟ ବୌଦ୍ଧିକ ଆବେଦନକୁ କ୍ଷୁର୍ଣ୍ଣ ନ କରି ଦର୍ଶକର ପୂର୍ଣ୍ଣ ଚିତ୍ତ-ବିନୋଦ କରି ପାରିବ ଏବଂ ଦର୍ଶକ ଓ ନାଟକ ମଧ୍ୟରେ ଗଭୀର ସଂଯୋଗ (communication) ସ୍ଥାପନ କରିବାରେ ସହାୟକ ହେବ।

ଫେଲୋସିପ୍ (fellowship) କାମ କରିବା ସମୟରେ, ମୁଁ ଅନୁଭବ କଲି—ଏକ ନୂତନ ବ୍ୟାଖ୍ୟା ମାଧ୍ୟମରେ କିଂବଦନ୍ତୀ 'ନନ୍ଦକେଶରୀ'କୁ ଆଧୁନିକ ନାଟକ—'ନନ୍ଦିକା-କେଶରୀ'ରେ ପରିଣତ କରିବାକୁ ଗଲାବେଳେ ଆଧୁନିକ ଓ ଲୋକନାଟକ ମଧ୍ୟରେ ସମନ୍ୱୟ ଆଣି ଯଦି ପୂର୍ବ ଲେଖାଟିର ପୁନର୍ବିନ୍ୟାସ କରାଯାଇ ପାରିବ, ତାହା ହେଲେ ନାଟକର ସାହିତ୍ୟିକ ଓ ମଞ୍ଚ ମୂଲ୍ୟ ମଧ୍ୟରେ ଏକ ବାଲେନ୍‌ସ ଆସିପାରିବ ଏବଂ ଏହା ସାହିତ୍ୟ ଓ ମଞ୍ଚ ଉଭୟ ଦିଗରୁ ନାଟକର ସଫଳତା ପାଇଁ ସାହାଯ୍ୟ କରିବ।

Digitized by srujanika@gmail.com

ଏହି କଥା ଦୃଷ୍ଟିରେ ରଖି 'ନନ୍ଦିକେଶରୀ' କିଂବଦନ୍ତୀକୁ ଆଧୁନିକ ନାଟକରେ ପରିଣତ କରିବାକୁ ଯାଇ ଯେତେବେଳେ ନାଟକଟିର ନବୀକରଣ ବା **recreate** କରାଗଲା, ସେତେବେଳେ 'ନନ୍ଦିକା-କେଶରୀ'ର ଫର୍ମ (**form**) ପାଇଁ ମୁଁ ଲୋକନାଟକର କେତେକ ଶୈଳୀ/ଉପାଦାନର ନିର୍ଯ୍ୟାସ ବ୍ୟବହାର କରିବା ପାଇଁ ଆଗ୍ରହାନ୍ୱିତ ହେଲି ।

ମୋର 'ଅମୃତସ୍ୟ ପୁତ୍ରଃ' ରେ କଞ୍ଚିତ ଭାବେ ଓ କାଠ ଘୋଡ଼ାରେ ମୁଖ୍ୟ ଭାବେ, ଲୋକ ନାଟକର ଆଙ୍ଗିକ ଯେ ମୁଁ ପ୍ରୟୋଗ କରି ନ ଥିଲି, ତା ନୁହେଁ...କିନ୍ତୁ ତାହା ଥିଲା ଯାତ୍ରା ଶୈଳୀରେ ସୀମିତ । 'ନନ୍ଦିକା-କେଶରୀ' ନାଟକ ପାଇଁ ମୁଁ ଗୋଟିଏ ଶୈଳୀ ଗ୍ରହଣ ନ କରି ଲୋକ ନାଟକର ବିଭିନ୍ନ ଶୈଳୀ/ଉପାଦାନର ନିର୍ଯ୍ୟାସ ଉପରେ ନିର୍ଭର କରିଛି...ଯଦିଓ ନାଟ୍ୟ-ସଂଗଠନ (**Structural organisation**) ଦୃଷ୍ଟିରୁ 'ଦେଶୀୟ ନାଟ' ଉପରେ ନାଟକଟି ଅଧିକ ମାତ୍ରାରେ ନିର୍ଭରଶୀଳ ।

ଏଠାରେ ମୁଁ ସ୍ପଷ୍ଟ କରି ଦେବାକୁ ଚାହେଁ ଯେ 'ନନ୍ଦିକା କେଶରୀ' ଦେଶୀୟ ନାଟ ବା ଅନ୍ୟ କୌଣସି ନିର୍ଦ୍ଦିଷ୍ଟ ଲୋକ ନାଟକ ଶୈଳୀ (**form**)ର ଗୁଚ୍ଛ ନୁହେଁ । ନାଟକର ଗତି, ପ୍ରକାଶ ଓ ଅଭିବ୍ୟକ୍ତି ପାଇଁ ଓ ଦର୍ଶକର ଚିତ୍ତ ବିନୋଦ ପାଇଁ ଲୋକ ନାଟକ ଶୈଳୀର ଯେଉଁ ଉପାଦାନ ଗୁଡ଼ିକ ଏ ନାଟକ ପାଇଁ ସହାୟକ ହେବ ବୋଲି ମୁଁ ମନେ କରିଛି କେବଳ ତାର ନିର୍ଯ୍ୟାସ ମୁଁ ଏଥିରେ ବ୍ୟବହାର କରିଛି ।

Digitized by srujanika@gmail.com

Content ନାଟକର ଅନ୍ତର୍ରୂପ ଏବଂ **Form** ତାର ବାହ୍ୟରୂପ । ଫର୍ମ ସମ୍ପର୍କରେ ମୁଁ କିପରି ଲୋକ ନାଟକ ଦ୍ୱାରା ଅନୁପ୍ରାଣିତ ହୋଇଛି ସେ କଥା ଉଲ୍ଲେଖ କରୁଥିଲେ ମଧ୍ୟ, ନାଟକର ଅନ୍ତର୍ରୂପ ସମ୍ପର୍କରେ ନୀରବ ରହିବା ସମୀଚୀନ ମନେ କରୁଛି । କାରଣ ନାଟକର ଅନ୍ତର୍ରୂପ/ଆତ୍ମା ଯଦି ଦର୍ଶକ/ପାଠକକୁ ସ୍ପର୍ଶ ନ କରେ···ପ୍ରଭାବିତ ନ କରେ···ତା ହେଲେ ନାଟକ ନୟ ଏକ ଭଲ ନାଟକ ହୋଇ ପାରିଲା ନାହିଁ ସେଥିରେ ସନ୍ଦେହ ନାହିଁ । ଏ ନାଟକର ଅନ୍ତର୍ରୂପ କଣ·····ତାହା ଦର୍ଶକ/ପାଠକକୁ ଗଭୀର ଭାବେ ସ୍ପର୍ଶ କରିବାରେ ସମର୍ଥ ହୋଇ ପାରିଛି କି ନାହିଁ···ନାଟକର ନୂତନ ବ୍ୟାଖ୍ୟା ନନ୍ଦିକାକୁ କିଂବଦନ୍ତୀର ସୀମିତ ଖୋଳ ଭିତରୁ କାଢ଼ି ଆଣି, କାଳ ଓ ସମୟର ସୀମା ଅତିକ୍ରମ କରାଇ—ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସବୁ ସମୟପାଇଁ—ଏକ ସର୍ବକାଳୀନ ଓ ସାର୍ବଜନୀନ ପ୍ରତୀକ ରୂପେ ପ୍ରତିଷ୍ଠିତ କରି ପାରିଛି କି ନାହିଁ··· ସେ କଥା ନିଜେ 'ନାଟକ' ତାହା ପ୍ରମାଣ କରିବା ଉଚିତ । ତେଣୁ 'ନନ୍ଦିକା-କେଶରୀ' ନାଟ୍ୟ ଆତ୍ମାର ଉନ୍ମେଷ ପାଇଁ କେଉଁ ବିଶ୍ଳେଷଣ/ବ୍ୟାଖ୍ୟାର ଆଶ୍ରୟ ନିଆଯାଇଛି ସେ କଥା ମୁଁ ନ କହି ନାଟକ ତାହା କହୁ ଓ ଦର୍ଶକ/ପାଠକଙ୍କ ନିକଟରେ ନିଜର ସାମର୍ଥ୍ୟ ପ୍ରମାଣ କରୁ ।

ନାଟକର ବିନ୍ୟାସ କିପରି ହେବ ତା' ୧୯୮୩ ମସିହା ଶେଷ ଭାଗ ସୁଦ୍ଧା ମୋ ଭିତରେ ସ୍ଥିର ହୋଇ ଯାଇଥିଲା । ଏତିକି ବେଳେ ପୋଲାଣ୍ଡ-ବୁଲଗାରିଆ ଓ ଯୋଉଏଠ୍ ଇଉନିୟନର ନାଟ୍ୟ-

Digitized by srujanika@gmail.com

ଜଗତ ସହିତ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିବା ଲାଗି ସେଇ ଦେଶ ଗୁଡ଼ିକୁ ଯିବା ପାଇଁ ମତେ ସୁଯୋଗ ମିଳିଥିଲା ।

Polandର ରାଜଧାନୀ Warshawରେ ମୁଁ ଥିବା ସମୟରେ ସେଠାର ଏକ ବିଶିଷ୍ଟ ସାମ୍ବାଦିକ ପତ୍ରିକାର ପ୍ରତିନିଧି ମୋର ଏକ ସାକ୍ଷାତକାର ରେକର୍ଡ଼ କରୁଥିଲେ । ସାକ୍ଷାତକାର ସମୟରେ ସେ ମତେ ପଚାରିଥିଲେ··· "ବିଶ୍ୱର. ଏବର··· ଏବଂ ସବୁ ସମୟର ବଡ଼ ସଙ୍କଟ ହେଉଛି ଯୁଦ୍ଧ । ଆଣବିକ ଯୁଦ୍ଧପାଇଁ ବିଭିନ୍ନ ଦେଶ ଚକ୍ରକୁ ବର୍ତ୍ତମାନ ଯେଉଁ ପ୍ରସ୍ତୁତି ମାନ ଚାଲିଛି ତାହା ଯେ କୌଣସି ମୁହୂର୍ତ୍ତରେ ସମଗ୍ର ପୃଥିବୀକୁ ଯୁଦ୍ଧ ଓ ଧ୍ୱଂସ ଆଡ଼କୁ ଟାଣି ନେଇ ପାରେ । ଏବେ ଶାନ୍ତିର ବାର୍ତ୍ତା··· ଶାନ୍ତିର ଆବଶ୍ୟକତା ଯେ ଅଧିକ ପ୍ରୟୋଜନ ଏଥିରେ ମତ ଦ୍ୱୈଧ ଥାଇ ନ ପାରେ । ଏଇ ପରିପ୍ରେକ୍ଷୀରେ ଭାରତର ସାହିତ୍ୟିକ···ବିଶେଷ କରି ନାଟ୍ୟକାର··· ଜନସାଧାରଣଙ୍କୁ ଶାନ୍ତିର ବାର୍ତ୍ତା ଦେବାପାଇଁ···ଶାନ୍ତି ସଚେତନ କରିବାପାଇଁ ସେମାନଙ୍କର ରଚନା ମାଧ୍ୟମରେ କିପରି ଭୂମିକା ଗ୍ରହଣ କରୁଛନ୍ତି ? ଏ ସମ୍ପର୍କରେ ଭାରତୀୟ ସାହିତ୍ୟରେ କି ଲେଖାମାନ ପ୍ରକାଶ ପାଇଛି ?" ତାଙ୍କର ଏଇ ପ୍ରଶ୍ନର ଉତ୍ତର ଦେବାକୁ ଗଲା ବେଳେ ମୋର 'ନନ୍ଦିକା-କେଶରୀ'ର କଥା ଓ ତାର ନୂତନ ବିଶ୍ଳେଷଣ କଥା ମନେ ପଡ଼ିଥିଲା । ଅନ୍ୟାନ୍ୟ ରଚନା ମଧ୍ୟରେ, ତା' କଥା ଉଲ୍ଲେଖ କରିଥିଲି ମଧ୍ୟ । ବିଦେଶ ଗସ୍ତରୁ ଫେରିଲା ପରେ ମତେ କିଏ ଯେମିତି ଚାବୁକ ଦେଉଥାଏ ଆଉ ବିଳମ୍ବ ନ କରି 'ନନ୍ଦିକା-କେଶରୀ'ର ଚୂଡ଼ାନ୍ତ ରଚନା

Digitized by srujanika@gmail.com

ମୋର ପ୍ରସ୍ତୁତ କରି ଦେବା ଉଚିତ । ଫଳରେ ଲେକ ନାଟକର ଆଂଶିକ ପ୍ରଦର୍ଶନ କଲି ଆଉ ପରେ ଲେଖିବସିଲି ଏଇ ନାଟକକୁ । ଏହା ଆରମ୍ଭ ହୋଇ ଥିଲା ୧୯୮୪ ମସିହା ଜାନୁଆରୀ ୫ ତାରିଖରେ ଓ ଶେଷ ହୋଇଥିଲା ୧୯୮୪ ମସିହା ଫେବ୍ରୁଆରୀ ୧୯ ତାରିଖରେ । ଭୁବନେଶ୍ୱରର 'ଅଭିନୟ' ସଂସ୍ଥା ଦ୍ୱାରା ପ୍ରଥମ ରଜନୀର ଅଭିନୟ ହୋଇଥିଲା ରବୀନ୍ଦ୍ର ମଣ୍ଡପ ଠାରେ ୧୯୮୫ ମସିହା ଜାନୁଆରୀ ୪ ତାରିଖ ସନ୍ଧ୍ୟାରେ ।

ଏହି ନାଟକରେ ବର୍ଣ୍ଣିତ ଐତିହାସିକ ଚରିତ୍ର ଓ ସ୍ଥାନ ଏବଂ କିଂବଦନ୍ତୀ (ଯାହାକୁ କବିବର ରାଧାନାଥ ରାୟ ତାଙ୍କ ପ୍ରସିଦ୍ଧ କାବ୍ୟ ଚନ୍ଦ୍ରଭାଗାରେ ବ୍ୟବହାର କରିଛନ୍ତି) ସଂପର୍କରେ ସାମାନ୍ୟ ସୂଚନା ଦେବା ଆବଶ୍ୟକ ମନେ କରୁଛି ।

ଡକ୍ଟର ହରେକୃଷ୍ଣ ମହତାବଙ୍କ ମତ ଅନୁଯାୟୀ ନୃପ କେଶରୀ (ଖ୍ରୀଷ୍ଟ ୯୨୦-୯୫୧) ମହାନଦୀ କାଠଯୋଡ଼ି ମଧ୍ୟବର୍ତ୍ତୀ ସ୍ଥାନରେ ବାରାଣସୀ-କଟକ (ଆଜି କାଲିର ବଡ଼ାନାସୀ) ନଗର ବସାଇ ଏକ ଦୁର୍ଗ ନିର୍ମାଣ କରିଥିଲେ (ଓଡ଼ିଶା ଇତିହାସ— ପ୍ରଥମ ପ୍ରକାଶ-ପୃ ୧୦୧) । ନାଟକ ବର୍ଣ୍ଣିତ ସୁବର୍ଣ୍ଣକେଶରୀଙ୍କ ବାରାଣସୀ କଟକ ଦୁର୍ଗ ହେଉଛି ଏହି ସ୍ଥାନ ।

ଗଙ୍ଗ ବଂଶର ରାଜା ଅନନ୍ତବର୍ମା ଚୋଡ଼ଗଙ୍ଗଦେବ (ଖ୍ରୀଷ୍ଟ ୧୦୭୭—୧୧୪୭) ଦକ୍ଷିଣରୁ ଆସି ଉତ୍କଳ ଆକ୍ରମଣ କରିଥିଲେ ଏବଂ କେଶରୀ ବଂଶର ଶେଷ ରାଜା ସୁବର୍ଣ୍ଣକେଶରୀଙ୍କୁ ତାଙ୍କ ମନ୍ତ୍ରୀ ବାସୁଦେବ

Digitized by srujanika@gmail.com

ବାହ୍ମଣପଣ୍ଡିତଙ୍କ ସାହାଯ୍ୟରେ ଚଳାଇ କରଥିଲେ (ଓଡ଼ିଶା ଇତିହାସ ଡକ୍ଟର ମହତାବ—ପୃ ୧୧୨) । ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଉଲ୍ଲେଖ କରନ୍ତି— "The exact date of occupation of Orissa by Chodaganga can not be ascertained, but it appears to have taken place about 1110 A.D. (History of Orissa—Page-155). ଡକ୍ଟର ମହତାବଙ୍କ ଇତିହାସରୁ ଆହୁରି ମଧ୍ୟ ଜଣାଯାଏ ଯେ ଚୋଡ଼ଗଙ୍ଗ-ଙ୍କର ଅଭିଷେକ କଳିଙ୍ଗ ନଗର ବା ପାରଳାଖେମଣ୍ଡି ତାଲୁକାନ୍ତର୍ଗତ ମୁଖଲିଙ୍ଗମ୍ ଠାରେ ହୋଇଥିଲା । ସେହିଠାରେ ତାଙ୍କ ରାଜଧାନୀ ଖ୍ରୀଷ୍ଟାବ୍ଦ—୧୧୩୫ ପର୍ଯ୍ୟନ୍ତ ଥିଲା । ତା ପରେ ଗଙ୍ଗବଂଶର ରାଜଧାନୀ କଟକକୁ ଉଠିଗଲା—(ଓଡ଼ିଶା ଇତିହାସ ପୃଷ୍ଠା-୧୧୧)

ଏହି ନାଟକ ମାଧ୍ୟମରେ ଐତିହାସିକ ଘଟଣା ବର୍ଣ୍ଣନାର ସମୟ ନିର୍ଦ୍ଧାରଣ କରିବା ଲକ୍ଷ୍ୟ ନୁହେଁ । ମୋଟା ମୋଟି ଭାବେ ଏହା କୁହାଯାଇ ପାରେ ଯେ ଦ୍ୱାଦଶ ଶତକର ପ୍ରଥମ ଭାଗରେ ଚୋଡ଼ଗଙ୍ଗ ଦେବ କଳିଙ୍ଗରୁ ଆସି ଉତ୍କଳ ଆକ୍ରମଣ କରିଥିଲେ ଏବଂ ସେହି ଆକ୍ରମଣର ଏକ ଅଂଶ ବିଶେଷ ହେଉଛି ଏହି ନାଟକର ଘଟଣାବଳୀ ।

ବାରଣାସୀ କଟକ (ଆଜି କାଲିର କଟକର ବଡ଼ାନାସି ଅଞ୍ଚଳ)ର ଉତ୍ତରରେ ମହାନଦୀ ଓ ଦକ୍ଷିଣରେ କାଠଯୋଡ଼ି ପ୍ରବାହିତ । ମହାନଦୀର ଶାଖାନଦୀ କାଠଯୋଡ଼ି ନଗରର ପୂର୍ବରେ ଅର୍ଥାତ୍ ବର୍ତ୍ତମାନର ବଡ଼ାନାସୀର ପଶ୍ଚିମ ଦିଗ ବାଲିବନ୍ଧ ଗ୍ରାମଠାରେ ମହାନଦୀଠାରୁ ବିଚ୍ଛିନ୍ନ ହୋଇ ଯାଇଛି ।

Digitized by srujanika@gmail.com

ଚୋଡ଼ଗଙ୍ଗ ଦେବ କାଠଯୋଡ଼ିର ଦକ୍ଷିଣ ପାଖରେ ତାଙ୍କର ଶିବିର ସ୍ଥାପନ କରିଥିଲେ—ଏବଂ କାଠଯୋଡ଼ିର ଉତ୍ତର ପାଖରେ ବାରବାଟୀ କଟକ (ବାରାଣସୀ) ଦୁର୍ଗରେ ରହିଥିଲେ ସୁବର୍ଣ୍ଣକେଶରୀ। କିଂବଦନ୍ତୀ ଅନୁସାରେ ଶତ୍ରୁ ଆକ୍ରମଣରୁ ରକ୍ଷା ପାଇବା ଲାଗି, ସୁବର୍ଣ୍ଣକେଶରୀ ଦୁର୍ଗଦ୍ୱାର ବନ୍ଦ କରି ରଖିଥିଲେ ଏବଂ ଗଡ଼ଚଣ୍ଡୀ ଆରାଧନା କରି ପାଇଥିଲେ ଏକ ଜୈନ ମଣି। ଚଣ୍ଡୀଙ୍କ ଆଜ୍ଞା ଦ୍ୱାରା ଯେତେ ଦିନ ଯାକେ ଜୈନ ମଣି ତାଙ୍କ ପାଖରେ ରହିଥିବ ସେତେ ଦିନ ଯାକେ ସେ ରହିଥିବେ ଅପରାଜିତ। ସୁବର୍ଣ୍ଣକେଶରୀ ଏହି ମଣିକୁ ସବୁବେଳେ ତାଙ୍କ ଶିରସ୍ତ୍ରାଣରେ ଲୁଚାଇ ରଖୁଥିଲେ ଏବଂ ତାହା ନର୍ତ୍ତକୀଙ୍କ ଦ୍ୱାରା ଅପହୃତ ହୋଇଥିଲା। ନର୍ତ୍ତକୀ ସେଇ ମଣି ନେଇ, ପ୍ରେମ ଭିକ୍ଷା କରି, ଉପସ୍ଥିତ ହୋଇ ଥିଲେ ଚୋଡ଼ଗଙ୍ଗଙ୍କ ଶିବିରରେ। ଚୋଡ଼ଗଙ୍ଗ ଦେବ ନର୍ତ୍ତକୀଙ୍କର ପ୍ରେମ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ସେଇ ଲଜ୍ଜା ଓ ଅନୁଶୋଚନାରେ ନର୍ତ୍ତକୀ ନିଜର ହୀରାମୁଦି ମୁହଁରେ ଦେଇ ଆତ୍ମହତ୍ୟା କରିଥିଲେ। କିଂବଦନ୍ତୀ ଆହୁରି କହେ ଯେ ଚୋଡ଼ଗଙ୍ଗ ଥିଲେ ଗଙ୍ଗାଙ୍କର ପରମ ଭକ୍ତ ଏବଂ ଯେଉଁ ରାତିରେ ଅଭିସାରିକା ନର୍ତ୍ତକୀ ତାଙ୍କ ଶିବିରରେ ପ୍ରବେଶ କଲେ, ସେଇ ରାତିରେ ତାଙ୍କ ଜୀବନର ଏକ ଅଭୂତପୂର୍ବ ଘଟଣା ଘଟିବ ବୋଲି ସେ ଗଙ୍ଗାଙ୍କ ଆରାଧନାରୁ ଜାଣି ପାରିଥିଲେ।

ନର୍ତ୍ତକୀଙ୍କ ସହିତ ଜଡ଼ିତ କିଂବଦନ୍ତୀର ଭିନ୍ନ-ରୂପମାନ ମଧ୍ୟ ରହିଛି।

Digitized by srujanika@gmail.com

"ଆଉ ଏକ ପ୍ରବାଦ ଅଛି ଯେ, ସୁବର୍ଣ୍ଣ-କେଶରୀ ନିଜ ମନ୍ତ୍ରୀ ବାସୁଦେବଙ୍କ ବିଶ୍ୱାସଘାତକତା ଓ ସ୍ୱକନ୍ୟା ନନ୍ଦିକାଙ୍କର ଚୋଡ଼ଗଙ୍ଗଙ୍କ ପ୍ରତି ଆକର୍ଷଣ ଜାଣିପାରି କ୍ଷୋଭରେ ରାଜ୍ୟ ଶତ୍ରୁ ହସ୍ତରେ ଅର୍ପଣ କରି ସନ୍ୟାସୀ ହୋଇ ଯାଇ ଶେଷ ଜୀବନ ମହାନଦୀ ତୀରରେ ବାନପ୍ରସ୍ଥାଶ୍ରମରେ ଅତିବାହିତ କଲେ × × × × × × କଟକର ଉତ୍ତରରେ ମହାନଦୀ ମଧ୍ୟରେ ଅବସ୍ଥିତ ଏକ ପଠା ନନ୍ଦିକାଙ୍କ ନାମାନୁସାରେ "ନନ୍ଦି କେଶରୀ ପଠା" ବୋଲି ଅଭିହିତ ହୁଏ —(ଓଡ଼ିଶା ଇତିହାସ—ଡକ୍ଟର ମହତାବ—ପୃଷ୍ଠା—୧୦୨)। ମୋଟ ଉପରେ ନନ୍ଦିକାଙ୍କ ସମ୍ପର୍କରେ ଯେତେ କିଂବଦନ୍ତୀ ବା ପ୍ରବାଦ ଅଛି ସବୁର ମୂଳ କଥା ହେଲା ଅନ୍ୟ କୌଣସି ଉଦ୍ଦେଶ୍ୟରେ ନୁହେଁ...କେବଳ ପ୍ରଣୟ ପ୍ରାର୍ଥିନୀ ହୋଇ ନନ୍ଦିକା ପିତୃଗୃହ ଛାଡ଼ି ଯାଇଥିଲେ ଶତ୍ରୁ ଚୋଡ଼ଗଙ୍ଗଙ୍କ ଶିବିରକୁ...ଆଉ ସେଠାରେ ସେ ହୋଇଥିଲେ ଚୋଡ଼ଗଙ୍ଗଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତା। ଏ ନାଟକରେ କିଂବଦନ୍ତୀର ଏଇ କେନ୍ଦ୍ର ବିନ୍ଦୁଟିକୁ ସ୍ୱୀକାର କରାଯାଇ ନାହିଁ...ଏବଂ ତା'ହିଁ ହେଉଛି 'ନନ୍ଦିକା କେଶରୀ'ର ବିଶେଷତ୍ୱ।

ବନ୍ଧୁ ଶ୍ରୀ ଅନନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଭୁବନେଶ୍ୱରର 'ଅଭିନୟ' ସଂସ୍ଥା ଏହାର ପ୍ରଥମ ଅଭିନୟ ଦାୟିତ୍ୱ ଗ୍ରହଣ କରିଥିଲେ। 'ଅଭିନୟ'ର ବନ୍ଧୁମାନଙ୍କ ନିକଟରେ, ବିଶେଷ କରି ଶ୍ରୀ ବିନୋଦ କୁମାର ମିଶ୍ର, ଶ୍ରୀ ଅଚ୍ୟୁତ ବୋଷ ଓ ଶ୍ରୀ ଦେବୀ ପ୍ରସାଦ ମହାପାତ୍ରଙ୍କ ନିକଟରେ ମୁଁ କୃତଜ୍ଞ। ନିର୍ଦ୍ଦେଶକ ଓ ଲେଖକ ଭାବେ ଏକା ମଞ୍ଚରେ ଅନେକ ବର୍ଷ ପରେ

ଶ୍ରୀ ଅନନ୍ତ ମହାପାତ୍ର ଓ ମୁଁ ଏହି ନାଟକରେ ପୁଣି ଏକାଠି ହେଲୁ...ଏ ଆନନ୍ଦ ମୋ ପାଇଁ କିଛି କମ ନୁହେଁ । ନାଟକର ନିର୍ଦ୍ଦେଶନା ଦାୟିତ୍ୱ ଗ୍ରହଣ କରିଥିବାରୁ ଶ୍ରୀ ମହାପାତ୍ରଙ୍କ ନିକଟରେ ମୁଁ ମୋର କୃତଜ୍ଞତା ପ୍ରକାଶ କରୁଛି ।

ଶ୍ରଦ୍ଧେୟ ଅଧ୍ୟାପକ ଯତୀନ୍ଦ୍ର ମୋହନ ମହାନ୍ତି ଓ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ ନାଟକର ପାଣ୍ଡୁଲିପି ପାଠକରି ନାଟକ ସମ୍ପର୍କରେ ବିଭିନ୍ନ ଦିଗରୁ ସେମାନଙ୍କର ସୁଚିନ୍ତିତ ମତାମତ ଦେଇ ମୋ ସହିତ ଆଲୋଚନା କରିଥିଲେ । ଏ ନାଟକ ପାଇଁ ସେମାନଙ୍କର ଅନୁପ୍ରେରଣା, ଉତ୍ସାହ ଓ ଆଗ୍ରହ ମୋ ସ୍ମୃତିର ଅବିସ୍ମୃତ ସମ୍ପଦ ହୋଇ ରହିବ । ଏହି ଅବସରରେ ମୁଁ ସେମାନଙ୍କ ନିକଟରେ କୃତଜ୍ଞ ।

ଅକ୍ଳାନ୍ତପରି ବହୁସ୍ତରରେ ନାଟକର ପାଣ୍ଡୁଲିପି ପ୍ରସ୍ତୁତି ପାଇଁ ମତେ ସାହାଯ୍ୟ କରିଛନ୍ତି ଶ୍ରଦ୍ଧେୟ ଶ୍ରୀ ଶରତ ଚନ୍ଦ୍ର ମୂଳିଆ । ତାଙ୍କ ନିକଟରେ ମଧ୍ୟ ମୁଁ କୃତଜ୍ଞ ।

କଳାନିପୁଣା ସୁପଣ୍ଡିତା ଡକ୍ଟର କପିଳା ବାତ୍ସାୟନ (ପୂର୍ବତନ Additional Secretary Ministry of Education—Department of Culture) ମତେ ବହୁଦିଗରୁ ଏ ରଚନା ପାଇଁ ଋଣୀ କରିଛନ୍ତି । ତାଙ୍କ ନିକଟରେ ମୁଁ କୃତଜ୍ଞ ।

ପ୍ରକାଶକ ଶ୍ରୀ ଶୁକଦେବ ସାହୁ "ନନ୍ଦିକା-କେଶରୀ"ର ପ୍ରକାଶନ ପାଇଁ କେବଳ ପ୍ରକାଶକ ହିସାବରେ ନୁହେଁ...ଜଣେ ଆନ୍ତରିକ ସାହିତ୍ୟିକ

Digitized by srujanika@gmail.com

ବନ୍ଧୁ ହିସାବରେ ସବୁବେଳେ ମତେ ଉତ୍ସାହିତ କରି ଆସିଛନ୍ତି । ଏଇ ଅବସରରେ ତାଙ୍କ ନିକଟରେ ମଧ୍ଯ ମୁଁ କୃତଜ୍ଞ ।

ପୁତ୍ରୀ ମିତୁ ଓ ଝିଆରୀ ଜ୍ୟୋତ୍ସ୍ନା ଅତୀତର ସବୁ ସମୟ ପରି ଏଥର ମଧ୍ୟ ଏହାର ପ୍ରୁଫ୍ ସଂଶୋଧନରେ ମତେ ସାହାଯ୍ୟ କରିଛନ୍ତି । ସେ-ମାନଙ୍କୁ ମୋର ଶୁଭେଚ୍ଛା ।

ନାଟକଟି ଯେଉଁଠି ଅଭିନୀତ ହେବ, ତାହା ମତେ ପୂର୍ବରୁ ଜଣାଇବାକୁ ଅନୁରୋଧ ।

ପଥଗ୍ରନ୍ଥୀ
ବର୍ଦ୍ଧମାନ କୋଠି ହତା
କଟକ-୭୫୩, ୦୦୩

ମନୋରଂଜନ ଦାସ
ଅକ୍ଷୟତୃତୀୟା
ଏପ୍ରିଲ୍ ୨୩ ତାରିଖ ୧୯୮୫

Digitized by srujanika@gmail.com

ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ 'ଅଭିନୟ' ନାଟ୍ୟସଂସ୍ଥାଦ୍ୱାରା
ନନ୍ଦିକାକେଶରୀର ପ୍ରଥମ ଅଭିନୟ ୪ ଜାନୁଆରୀ, ୧୯୮୫ :—

ଗଣେଶ—ନରେନ୍ଦ୍ର ମହାନ୍ତି
ସୂତ୍ରଧାର—ସତ୍ୟମିଶ୍ର
ସନ୍ଧି—ବିନାୟକ ମିଶ୍ର
ଗାୟକ—ଅଶୋକ ଦାସ, ବିଶ ସାମଲ
ଚୋଡ଼ଗଙ୍ଗ—ଶଙ୍କର ବସୁ ମଲ୍ଲିକ
ସୁବର୍ଣ୍ଣ କେଶରୀ—ଦେବୀ ପ୍ରସାଦ ମହାପାତ୍ର
ବାସୁଦେବ—ପ୍ରଭାତ ମିତ୍ର
ପଞ୍ଚୁଆ—ଅତୁଲ ଦାସ
କାଳିଆ—ନରେନ୍ଦ୍ର ମହାନ୍ତି
ରାଜପୁରୋହିତ—ନିରଂଜନ ଜେନା
ବୟସ୍ୟ—ଭଗୀରଥି ପାତ୍ର
ଚମୁପତି—ଅରୁଣ ନନ୍ଦ
ମହାଦଣ୍ଡପାଶ—ନିହାର କର
ପାଇକ
ପ୍ରହରୀ } —ହରେନ୍ ସାହୁ
କଟୁଆଲ
ନନ୍ଦିକା—ମୀତା ମିଶ୍ର
ରାଣୀ—ବିନୋଦିନୀ ଦେବୀ
ସଙ୍ଗୀତ ନିର୍ଦ୍ଦେଶନା—ଦିବାକର ମହାନ୍ତି
ନୃତ୍ୟ ନିର୍ଦ୍ଦେଶନା—ବ୍ରଜ ମଲ୍ଲିକ
ପ୍ରଚ୍ଛଦ ପଟ୍ଟ କଣ୍ଠଶିଳ୍ପୀ—କୁମାରୀ ରାଜେଶ୍ୱରୀ ଓ ଦିବାକର ମହାନ୍ତି
ବାଦ୍ୟଯନ୍ତ୍ର ଶିଳ୍ପୀ—ସର୍ବଶ୍ରୀ ଦିବାକର ମହାନ୍ତି (ହାରମୋନିୟମ)
ଗୁରୁ ମହାନ୍ତି (ଢୋଲକ, ପଖାଉଜ, ମୃଦଙ୍ଗ)
ରାମଚନ୍ଦ୍ର ମହାନ୍ତି (ବେହେଲା)
ଗୋପାଳକୃଷ୍ଣ ପଟ୍ଟନାୟକ (ବେହେଲା)

ନିର୍ଦ୍ଦେଶନା—**ଅନନ୍ତ ମହାପାତ୍ର**

Digitized by srujanika@gmail.com

ନାଟ୍ୟକାରଙ୍କର ଅଭିନବ ପରିକଳ୍ପନା ଏବଂ ନୂତନତ୍ୱର ତର୍ଜମା (ଇଣ୍ଟରପ୍ରିଟେସନ) ଫଳରେ ନାଟକଟି ଏକ ଉଚ୍ଚାଙ୍ଗ କଳାସୃଷ୍ଟିରେ ପରିଣତ ହୋଇ ପାରିଛି ।

* *

ଏକ ପୁରୁଣା କାହାଣୀ (ଅଥବା ... କୁ ନୂତନ ଦୃଷ୍ଟି ଭଙ୍ଗୀ ଓ ମନସ୍ତାତ୍ତ୍ୱିକ ... ଷ୍ଟୁଅରେ ଗଢ଼ିତୋଳିବା, ଏବଂ ... ନୂତନର ସଂଯୋଗକରି ଏକ ... ପ୍ରତିଷ୍ଠା କରିବାରେ ନାଟ୍ୟ... ବାସ୍ତବିକ ଏକ ଅପୂର୍ବ... ଅନନ୍ୟ କଳାସୃଷ୍ଟିର ପରି... ନାମ ପୁନର୍ନବା

ନାଟ୍ୟକାର ଶ୍ରୀ ମନୋରଞ୍ଜ... ନିକ ସମାଜକୁ ଅକ୍ଷିଆଗରେ ...-କେଶରୀ'କୁ 'ନନ୍ଦିକା କେଶରୀ'ରେ ରୂପାନ୍ତରିତ କରିଛନ୍ତି ।

'ପ୍ରଜାତନ୍ତ୍ରବାଦୀ'

Digitized by srujanika@gmail.com